**ଆଜିଠୁ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା : ଭାଗ ନେବେ ୧୨୬ ଜଣିଆ ଭାରତୀୟ ଦଳ**





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ-୩୩ ● ସଂଖ୍ୟା-୧୭୩ ● ୨୩ ଜୁଲାଇ ୨୦୨୬ ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-173 ● 23rd July 2026, Thursday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ବାହୁଡା ଯାତ୍ରା ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ଭିଡ ପରିଚାଳନା ଉପରେ ଗୁରୁତ୍ୱ, ପୋଲିସର ମାର୍ଗଦର୍ଶିକା ପାଳନ କରିବାକୁ ପରାମର୍ଶ

**ଭୁବନେଶ୍ୱର, ୨୨।୭**

**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ଆସନ୍ତା ୨୪ ତାରିଖରେ ମହାପ୍ରଭୁଙ୍କ ବାହୁଡା ଯାତ୍ରା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରି ଭିଡ ପରିଚାଳନା ଓ ସୂଚନା ସଞ୍ଚାର ଉପରେ ଅଧିକ ଗୁରୁତ୍ୱ ଦେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ପ୍ରଶାସନ ଓ ପୋଲିସର ମାର୍ଗଦର୍ଶିକା ପାଳନ କରିବାକୁ ନିବେଦନ ମଧ୍ୟ କରିଛନ୍ତି।



ବୈଠକରେ ହୋଇଥିବା ଆଲୋଚନାରୁ ଜଣାଯାଇଛି ଯେ, ରଥଯାତ୍ରା ଠାରୁ ଆଜି ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ପ୍ରାୟତଃ ଠିକ୍ ଭାବରେ ପରିଚାଳିତ ହୋଇଛି। ଲଗାଣ ବର୍ଷା, ପ୍ରତିକୂଳ ପାଗ, ଗରମ ଓ ଗୁଳୁଗୁଳି ସତ୍ତ୍ୱେ ଅଧିକାରୀ ଓ କର୍ମଚାରୀ ତଥା ଭକ୍ତମାନଙ୍କ ସେବା ଓ ସମର୍ପଣ କୌଣସି ମାତ୍ରାରେ ପ୍ରଭାବିତ ହୋଇନାହିଁ। ସେବାୟତମାନଙ୍କ ନିଷ୍ଠା ଓ ସମର୍ପଣ ମନୋଭାବର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ମହାପ୍ରଭୁଙ୍କ ସେବାରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଟିମ୍ ସ୍ପିରିଟ ନେଇ କାମ କରୁଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ।

ପୁରୀ ସହରରେ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସଜାଗ ରହି ସମସ୍ତ ବ୍ୟବସ୍ଥାର ନିୟମିତ ପରିଚାଳନା ଓ ତଦାରଖ କରୁଛନ୍ତି। ପହଣ୍ଡି, ରଥଟଣା, ଦକ୍ଷିଣ ମୋଡ, ଆଡପ ମଣ୍ଡପ ଦର୍ଶନ, ପ୍ରତ୍ୟେକ ସମୟରେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ନିୟମିତ ତଦାରଖ କରୁଛନ୍ତି।

ବୈଠକରେ ଭିଡ ପରିଚାଳନା ଓ ନିରନ୍ତର ସୂଚନା ସଞ୍ଚାର ଉପରେ ଅଧିକ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଭିଡରେ ଜନଗହଳିକୁ ବୈଜ୍ଞାନିକ ପଦ୍ଧତିରେ ଅନୁଧ୍ୟାନ କରିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସିସିଟିଭିରୁ ମିଳୁଥିବା ସୂଚନାକୁ ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ବ୍ୟବସ୍ଥା ଜରିଆରେ ସମସ୍ୟା ଥିବା ସ୍ଥାନକୁ ତୁରନ୍ତ ପ୍ରଦାନ କରାଗଲେ, ସମସ୍ୟାର ସମାଧାନ ହୋଇପାରିବ। ଆଗକୁ ବାହୁଡା ଯାତ୍ରା ସହିତ ମହାପ୍ରଭୁଙ୍କ ସୁନାବେଶ ଓ ନିଳାଦ୍ରୀବିଜେ ଅନୁଷ୍ଠିତ (ପୃଷ୍ଠା ୭ରେ)

## ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ସଂସଦରେ ଅଚଳାବସ୍ଥା ଜାରି

# ପ୍ରତ୍ୟେକ ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ : ରିଜିଜୁ

**ନୂଆଦିଲ୍ଲୀ, ୨୨।୭**

ସଂସଦର ମୌସୁମୀ ଅଧିବେଶନ ସମୟରେ ନିଟ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗକୁ ନେଇ ମଙ୍ଗଳବାର ଦିନ ରାଜ୍ୟସଭାରେ ଶାସକ ଦଳ ଏବଂ ବିରୋଧୀଙ୍କ ମଧ୍ୟରେ ତୀବ୍ର ଯୁକ୍ତିତର୍କ ହୋଇଥିବା ବେଳେ ବୁଧବାର ଦିନ ଗୃହ ବୈଠକ ଆରମ୍ଭ ହେବା ମାତ୍ରେ ହଟ୍ଟଗୋଳ ଆରମ୍ଭ ହୋଇଥିଲା।



ଅପରାହ୍ଣରେ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି ଯେ ନିଟ୍ ପ୍ରଶ୍ନପତ୍ର ଲିକ୍ ସମେତ ପ୍ରତ୍ୟେକ ପ୍ରସଙ୍ଗରେ ସଂସଦରେ ଆଲୋଚନା ପାଇଁ ସରକାର ଆରମ୍ଭରୁ ପ୍ରସ୍ତୁତ ଅଛନ୍ତି। ସେ ପ୍ରଶ୍ନ କରିଛନ୍ତି ଯେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଥିବାବେଳେ ବିରୋଧୀ କାହିଁକି ସ୍ଲୋଗାନ ଦେଇ ଗୃହ ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଛନ୍ତି।

ରାଜ୍ୟସଭାରେ ଗୃହର ନେତା ତଥା କେନ୍ଦ୍ର ମନ୍ତ୍ରୀ ଜେ. ପି. ନଡ୍ଡା ମଧ୍ୟ କହିଛନ୍ତି ଯେ ନିଟ୍ ପ୍ରଶ୍ନପତ୍ର ଲିକ୍ ସମେତ ପ୍ରତ୍ୟେକ ପ୍ରସଙ୍ଗରେ ବିତର୍କ ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ବିରୋଧୀମାନେ ଏହାର ବିରୋଧ ମାଧ୍ୟମରେ ଗୃହର ମର୍ଯ୍ୟାଦାକୁ ଅସମ୍ମାନ କରୁଛନ୍ତି।

ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି, ସଂସଦରେ ନିରପେକ୍ଷ ଆଲୋଚନା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ଉଚିତ।

ଏହି ପ୍ରସଙ୍ଗରେ ଉପାଧ୍ୟକ୍ଷ ହରିବଂଶ ନିୟମ ୨୬୭ ଅନୁଯାୟୀ ଦିଆଯାଇଥିବା ନୋଟିସ ଉପରେ କହିଛନ୍ତି ଯେ ଏହି ନିୟମ କେବଳ 'ବିରଳରୁ ବିରଳ' ପରିସ୍ଥିତିରେ ବ୍ୟବହାର କରାଯିବା ଉଚିତ। ଏହା ଉପରେ ଡିଏମକେ ସାଂସଦ ତିରୁଚି ଶିବା କହିଛନ୍ତି ଯେ ଦେଶରେ ବର୍ତ୍ତମାନର ପରିସ୍ଥିତି 'ବିରଳ'। କ୍ରମାଗତ ହଟ୍ଟଗୋଳ ମଧ୍ୟରେ ଉପାଧ୍ୟକ୍ଷ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ।

ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ ଲୋକସଭା ସଦସ୍ୟ କଲ୍ୟାଣ ବାନାର୍ଜୀଙ୍କୁ ବୁଧବାର ସଂସଦର ମୌସୁମୀ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ଗୃହରୁ ନିଲମ୍ବିତ କରାଯାଇଛି। ତାଙ୍କ ବିରୋଧରେ ଅସଂସଦୀୟ ଭାଷା ବ୍ୟବହାର କରିବା ଏବଂ ମହିଳା ସାଂସଦଙ୍କ ଉପରେ ଅଶ୍ଳୀଳ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। କଲ୍ୟାଣ ବାନାର୍ଜୀଙ୍କ ବିରୋଧରେ ପ୍ରସ୍ତାବ ପାରିତ ହେବା ପରେ ଲୋକସଭାକୁ ପରଦିନ ଅର୍ଥାତ୍ ଗୁରୁବାର ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା।

ଲୋକସଭାରେ (ପୃଷ୍ଠା ୭ରେ)

## ଋଷର ଇ-କମର୍ସ କମ୍ପାନୀ ଗୋଦାମ ଉପରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣ

**ମସ୍କୋ, ୨୨।୭**

ଋଷର ବୃହତ୍ ଇ-କମର୍ସ ରିଟେଲର ୱାଇଲ୍ଡବେରିଜର ଗୋଦାମ ଉପରେ ୟୁକ୍ରେନ ପୁଣି ଥରେ ବଡ଼ଧରଣର ଡ୍ରୋନ୍ ଆକ୍ରମଣ କରିଛି। ମଙ୍ଗଳବାର ରାତିରେ ହୋଇଥିବା ଏହି ଆକ୍ରମଣରେ ଦେଶର ଦକ୍ଷିଣ-ପଶ୍ଚିମରେ ଥିବା ୱାଇଲ୍ଡବେରିଜର ଦୁଇଟି ଗୋଦାମ ଜଳିଯାଇଛି। ଏଥିରେ ୧୫ ଜଣ ଆହତ ହୋଇଛନ୍ତି। ଗତ ୪ ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ୟୁକ୍ରେନ ଏହି କମ୍ପାନୀର ଗୋଦାମ ଉପରେ ଦ୍ୱିତୀୟ ଥର (ପୃଷ୍ଠା ୭ରେ)

# ସିଜେପିଙ୍କ ପ୍ରତିବାଦ ଉପରେ ତୁରନ୍ତ ଶୁଣାଣି କରିବାକୁ ମନା କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୨।୭**

ଦିଲ୍ଲୀରେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ଏକ ଶୋଭାଯାତ୍ରା ସମୟରେ ଛାତ୍ର ପ୍ରତିବାଦକାରୀଙ୍କ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନକୁ ଚ୍ୟାଲେଞ୍ଜ କରି କରାଯାଇଥିବା ଏକ ଆବେଦନର ଜରୁରୀ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ବୁଧବାର ମନା କରିଦେଇଛନ୍ତି। ଆଇନଜୀବୀ ନରେନ୍ଦ୍ର ମିଶ୍ର ମୁଖ୍ୟ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ସମ୍ମୁଖରେ ଏହି ମାମଲା ଉଲ୍ଲେଖ କରି ଶୀଘ୍ର ଶୁଣାଣି କରିବାକୁ ଅନୁରୋଧ କରିଥିଲେ। ସିଜେଆଇ ପାଲଟା ଜବାବ ଦେଇଥିଲେ, "ଆମର ସମୟ ନଷ୍ଟ କରନ୍ତୁ ନାହିଁ, ଏବଂ ଆପଣଙ୍କର ସମୟ ନଷ୍ଟ କରନ୍ତୁ ନାହିଁ।"



ଆଇନଜୀବୀ କହିଛନ୍ତି ଯେ ଛାତ୍ରମାନେ ନିଟ୍ ପରୀକ୍ଷାର ନିରପେକ୍ଷ ପରିଚାଳନା ଏବଂ ଜାତୀୟ ପରୀକ୍ଷା ସଂସ୍ଥାରେ ସଂସ୍କାର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଉଥିଲେ। ସିଜେଆଇ ତାଙ୍କୁ ବାଧା ଦେଇ କହିଲେ, "ଆପଣଙ୍କୁ ବହୁତ ଧନ୍ୟବାଦ।" ଯେତେବେଳେ ଓକିଲ ଦର୍ଶାଇଲେ ଯେ ପୁଲିସର ଅତ୍ୟଧିକ କାର୍ଯ୍ୟ ଦେଖାଉଥିବା ଭିଡିଓ ଅଛି, ସିଜେଆଇ କହିଥିଲେ, "ଆମେ ଭିଡିଓରେ ଆଗ୍ରହୀ ନୁହଁ। ଭିଡିଓ ଦେଖିବା ପାଇଁ ଆମ ପାଖରେ ସମୟ ନାହିଁ।"

ପିଟିସନରେ ଦାବି କରାଯାଇଥିଲା ଯେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି କକ୍ରୋଚ୍ ଜନତା ପାର୍ଟି ଦ୍ୱାରା ଆୟୋଜିତ ଏକ ପ୍ରତିବାଦ ସମୟରେ ପୁଲିସ ଛାତ୍ରମାନଙ୍କ ବିରୁଦ୍ଧରେ ବଳ ପ୍ରୟୋଗ କରିଥିଲା। ପିଟିସନରେ ସୁପ୍ରିମକୋର୍ଟଙ୍କୁ ତୁରନ୍ତ ହସ୍ତକ୍ଷେପ କରିବାକୁ ଅନୁରୋଧ କରାଯାଇଥିଲା। ସୁପ୍ରିମକୋର୍ଟ ଏହି ମାମଲାରେ ଏକ ଜରୁରୀ ଶୁଣାଣି କରିବାକୁ ମନା କରିଦେଇଥିଲେ। କୋର୍ଟ ଆବେଦନକୁ ଏକ ଜରୁରୀ ଶୁଣାଣି ପାଇଁ ଅନୁରୋଧ କରିବାକୁ ଆବେଦନକୁ ମନା (ପୃଷ୍ଠା ୭ରେ)

# ପ୍ରଥମ ଇଣ୍ଟିଗ୍ରେଟେଡ୍ ଫରେଷ୍ଟ ମନିଟରିଂ ଓ କମାଣ୍ଡ ସେଣ୍ଟର ଲୋକାର୍ପିତ

**ଭୁବନେଶ୍ୱର, ୨୨।୭**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ପ୍ରଥମ ଇଣ୍ଟିଗ୍ରେଟେଡ୍ ଫରେଷ୍ଟ ମନିଟରିଂ ଓ କମାଣ୍ଡ ସେଣ୍ଟରର ଲୋକାର୍ପିତ ହୋଇଛି। ଏହି ଅତ୍ୟାଧୁନିକ କେନ୍ଦ୍ର ପ୍ରତିଷ୍ଠା ମାଧ୍ୟମରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପ୍ରଯୁକ୍ତି-ନିର୍ଭର ବନ ପ୍ରଶାସନ ଏବଂ ନିରନ୍ତର ପ୍ରାକୃତିକ ସମ୍ପଦ ପରିଚାଳନା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ସାବ୍ୟସ୍ତ ହେବ।



ଇଣ୍ଟିଗ୍ରେଟେଡ୍ ଫରେଷ୍ଟ ମନିଟରିଂ ଓ କମାଣ୍ଡ ସେଣ୍ଟରକୁ ଏକ କେନ୍ଦ୍ରୀଭୂତ ଡିଜିଟାଲ୍ ପ୍ଲାଟଫର୍ମ ଭାବେ ବିକଶିତ କରାଯାଇଛି, ଯାହା ରିଅଲ୍-ଟାଇମ୍ ନିରୀକ୍ଷଣ ଓ ତଥ୍ୟଭିତ୍ତିକ ନିଷ୍ପତ୍ତି ଗ୍ରହଣକୁ ସୁଗମ କରିବ। ଏଥିରେ ବିଭିନ୍ନ ଡିଜିଟାଲ୍ ବ୍ୟବସ୍ଥା ଓ ଜିଓସ୍ପେସିଆଲ୍ ପ୍ରଯୁକ୍ତିର ସମନ୍ୱୟ କରାଯାଇ ବନ ସୁରକ୍ଷା, କ୍ଷେତ୍ରସ୍ତରୀୟ କାର୍ଯ୍ୟକଳାପ ଓ ପ୍ରଶାସନିକ ସ୍ୱଚ୍ଛତାକୁ ଅଧିକ ସୁଦୃଢ଼ କରାଯିବ।

ଅରଣ୍ୟ ଭବନଠାରେ ଏନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଥିଲେ, ଅତ୍ୟାଧୁନିକ ଡିଜିଟାଲ୍ ପ୍ରଯୁକ୍ତିର ପ୍ରୟୋଗ ବନ ପ୍ରଶାସନକୁ ଅଧିକ ସୁଦୃଢ଼ କରିବା ସହ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ହାଇଦ୍ରାବାଦର ନାମପଲ୍ଲୀରେ ଭାଜପା-କଂଗ୍ରେସ କର୍ମୀ ମୁହାଁମୁହିଁ, ପୋଲିସର ଲାଠିଚାର୍ଜ।
- ଅଭିଜିତ ଦୀପକେ ସୋନମ ୱାଙ୍ଗଚୁକଙ୍କୁ ଅନଶନ ଶେଷ କରିବାକୁ କଲେ ଅନୁରୋଧ।
- ସିଜେପି ନଡ୍ଡାଙ୍କ ବାସଭବନକୁ ଯିବାକୁ ମନା କଲେ।
- ଜମ୍ମୁ-କାଶ୍ମୀରର ଅନନ୍ତନାଗରେ ଆତଙ୍କବାଦୀ ଆକ୍ରମଣ, ଜଣେ ପୋଲିସକର୍ମୀ ଶହୀଦ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୬୫୧ (+୨୨୯)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩, ୪୩୦ (+୨୧୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୯୮୮ (+୧୭୨)

## ରୁପା ଦର

ରୁପା – ପ୍ରତି ଗ୍ରାମ ୨୪୦ (+୫)

## ସିଏମ୍‌ଓରୁ ଫାଇଲ୍ ଗାଏବ୍ ମାମଲା

# ଭି.କେ. ପାଣ୍ଡିଆନଙ୍କୁ ନୋଟିସ୍

**ଭୁବନେଶ୍ୱର, ୨୨।୭**

**ନ୍ୟୁଜ୍ ବ୍ୟୁରୋ**

ସିଏମଓରୁ ଫାଇଲ୍ ଗାଏବ ମାମଲାରେ ପୂର୍ବତନ ପ୍ରଶାସକ ଭୈରବ କାର୍ତ୍ତିକେୟନ୍ ପାଣ୍ଡିଆନ୍‌ଙ୍କୁ ନୋଟିସ୍ ଜାରି କରିଛି କମିଶନରେଟ୍ ପୋଲିସ୍। ଆସନ୍ତା ୨୫ ତାରିଖ ଦିନ ୧୧ଟାରେ ଭୁବନେଶ୍ୱର ଏସିପି ଜୋନ୍-୧ଙ୍କ ନିକଟରେ ହାଜର ହେବାକୁ କ୍ୟାପିଟାଲ ଥାନା ପକ୍ଷରୁ ପାଣ୍ଡିଆନଙ୍କୁ ନୋଟିସ୍ ଜାରି ହୋଇଛି। ସିଏମଓରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ଓ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣାର ତଦନ୍ତର ଫାଇଲ ଗାଏବ ହୋଇଛି।

ଫାଇଲ ହଜିବା ମାମଲାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ପୋଲିସ ପ୍ରସ୍ତୁତ କରିଥିବା ତାଲିକାରୁ କିଛି ଲୋକ ଅସୁସ୍ଥ ଅଛନ୍ତି। ଯାହାଙ୍କୁ ନେଇ ଗଣମାଧ୍ୟମରେ ପ୍ରଚାର, ସେ ବି (ପୃଷ୍ଠା ୭ରେ)



## ମାନିଲାରେ ଏକାଠି ହେଲେ

# କ୍ୱାଡ୍ ଦେଶର ବୈଦେଶିକ ମନ୍ତ୍ରୀ

**ମାନିଲା, ୨୨।୭**

ଫିଲିପାଇନ୍ସର ରାଜଧାନୀ ମାନିଲାରେ କ୍ୱାଡ୍ ଗୋଷ୍ଠୀର ବୈଦେଶିକ ମନ୍ତ୍ରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉଚ୍ଚସ୍ତରୀୟ ଆଲୋଚନାରେ ଭାରତ, ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆର ପ୍ରତିନିଧିମାନେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି, ସ୍ଥିରତା ଏବଂ ଏକ ଅନ୍ତର୍ଜାତୀୟ ନିୟମ-ଭିତ୍ତିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଛନ୍ତି। ବୈଠକର ମୁଖ୍ୟ ଲକ୍ଷ୍ୟ ଥିଲା ଦକ୍ଷିଣ ପୂର୍ବ ଏସୀୟ ରାଷ୍ଟ୍ର ସଂଘ (ଏଏସଇଏଏନ)ର ଏକତା ଏବଂ ଏହି କ୍ଷେତ୍ରରେ ଏହାର କେନ୍ଦ୍ରୀୟ ଭୂମିକା ପ୍ରତି ସମାନ ପ୍ରତିବଦ୍ଧତାକୁ ଦୋହରାଇବା।

ବୈଠକରେ ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର, ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ, ଅଷ୍ଟ୍ରେଲିଆର ବୈଦେଶିକ ମନ୍ତ୍ରୀ ପେନି ୱଙ୍ଗ ଏବଂ ଜାପାନର ବୈଦେଶିକ ମନ୍ତ୍ରୀ ତୋଶିମିତ୍ସୁ ମୋତେଗି ଉପସ୍ଥିତ ଥିଲେ।

ଚାରି ଦେଶର କୂଟନୀତିଜ୍ଞମାନେ ଏଏସଇଏଏନର ବ୍ୟାପକ ରଣନୈତିକ ଅଂଶୀଦାର ଭାବରେ ଏହି କ୍ଷେତ୍ରର ସମୃଦ୍ଧି ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସର୍ବସମ୍ମତିକ୍ରମେ ସେମାନଙ୍କର ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ବୈଠକରେ ବୈଦେଶିକ ମନ୍ତ୍ରୀମାନେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ସାମ୍ନାରେ ଥିବା ବର୍ତ୍ତମାନର ଚ୍ୟାଲେଞ୍ଜ ଏବଂ ଭବିଷ୍ୟତର (ପୃଷ୍ଠା ୭ରେ)




## ଏକାଳ ପଖାଳ



ବହୁ ଦିନ ପରେ ଆସିବେ ଭାଇନା
କହିବେ ଫାଇଲି କଥା
ନୋଟିସ୍ ଫୋଟିସ୍ ପାଇଲା ପରେ
ଘୁରିଯାଉଥିବ ମଥା
ପୂର୍ବେ ଯିଏ ଥିଲା ଛତା
ସେ ଛତା ନାହିଁ ଏବେ ତେବେ
ହେବ ବୋଧେ ବହୁ ବ୍ୟଥା।

# ଜେନେରିକ୍ ଔଷଧ ଉପରେ ୨୦୦% ଶୁଳ୍କ ଲଗାଇଲେ ଟ୍ରମ୍ପ



**ୱାଶିଂଟନ, ୨୨।୭**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁଳ୍କ ଲଗାଇବା ନୀତି ବଜାୟ ରଖି ଜେନେରିକ୍ ଔଷଧ ଉପରେ ୨୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗିବ ବୋଲି କହିଛନ୍ତି। ସୋସିଆଲ ମିଡିଆ ଟ୍ରୁଥରେ ସୂଚନା ଦେଇ ସେ ଜଣାଇଛନ୍ତି ଯେ ୨୦୨୬ ଅଗଷ୍ଟ ୧ ପରଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଜେନେରିକ୍ ଔଷଧ ଉପରେ ଶୁଳ୍କ ଶୂନ ପ୍ରତିଶତ ରହିଛି। ୨୦୨୮ ଅଗଷ୍ଟ ୧ ଠାରୁ ତାହା ଉପରେ ୧୦୦ ପ୍ରତିଶତ ଓ ୨୦୨୯ ଅଗଷ୍ଟ ପରଠାରୁ ୨୦୦ ପ୍ରତିଶତ ଶୁଳ୍କ ଲାଗିବ। ଆମେରିକାରେ ଜେନେରିକ୍ ଔଷଧ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ଟ୍ରମ୍ପ ଏଭଳି ପଦକ୍ଷେପ ଘୋଷଣା କରିଛନ୍ତି। ଯେଉଁ କମ୍ପାନୀ ଆମେରିକାରେ ଉତ୍ପାଦନ କରିବେ ନାହିଁ, ସେମାନେ ଅଧିକ ଶୁଳ୍କ ଗଣିବାକୁ ବାଧ୍ୟ ହେବେ।

ବ୍ରାଣ୍ଡେଡ୍ ହୋଇ ନଥିବା ଓ ପେଟେଣ୍ଟ ଶେଷ ହୋଇଯାଇଥିବା ଔଷଧଗୁଡ଼ିକୁ ଜେନେରିକ୍ ଔଷଧ କୁହାଯାଉଛି। ତାହା ସାଧାରଣତଃ ବ୍ରାଣ୍ଡେଡ୍ ଔଷଧଠାରୁ ଯଥେଷ୍ଟ କମ୍ ଦାମରେ ମିଳିଛି। ଭାରତରେ ଜନ ଔଷଧୀ ଓ ଦବା ଇଣ୍ଡିଆରେ ମିଳୁଥିବା ଔଷଧଗୁଡ଼ିକ ହେଉଛି ଜେନେରିକ୍ ଔଷଧ। ଟ୍ରମ୍ପଙ୍କ ଏହି ଘୋଷଣା ପରେ ଷ୍ଟକ୍ ବଜାରରେ ଭାରତୀୟ ଔଷଧ କମ୍ପାନିଗୁଡ଼ିକର ସେୟାର ମୂଲ୍ୟରେ ହ୍ରାସ ଦେଖିବାକୁ ମିଳିଥିଲା। ଆମେରିକାକୁ ଔଷଧ (ପୃଷ୍ଠା ୭ରେ)

# ପୁଣି ଲେଉଟିଲା କରୋନା : ଏମ୍‌କେସିଜିରେ ପ୍ରଥମ କରୋନା ରୋଗୀ ଚିହ୍ନଟ

**ବ୍ରହ୍ମପୁର, ୨୨।୭**

**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ପୁଣି ଲେଉଟିଲା କରୋନା। ବ୍ରହ୍ମପୁରର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଓ ହସ୍ପିଟାଲ (ଏମକେସିଜି)ରେ ଜଣେ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଜଣେ ମହିଳାଙ୍କ ଠାରେ କରୋନା ସଂକ୍ରମଣ ଥିବା ନିଶ୍ଚିତ ହେବା ପରେ ତାଙ୍କୁ ହସ୍ପିଟାଲର ସ୍ୱତନ୍ତ୍ର ଆଇସୋଲେସନ୍ ୱାର୍ଡରେ ରଖାଯାଇଛି। ଡାକ୍ତରମାନଙ୍କ ନଜରଦାରିରେ ତାଙ୍କର ଚିକିତ୍ସା ଜାରି ରହିଛି।

ହସ୍ପିଟାଲ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ସ୍ଥିର ରହିଛି। ତାଙ୍କ ଠାରେ କୌଣସି ଗୁରୁତର ଲକ୍ଷଣ ଦେଖାଯାଇନଥିବାରୁ ଚିକିତ୍ସକମାନେ ନିୟମିତ ଭାବେ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

ଏହି ଘଟଣାକୁ ନେଇ ଏମକେସିଜି ହସ୍ପିଟାଲ ସୁପରିଟେଣ୍ଡେଣ୍ଟ କହିଛନ୍ତି ଯେ, ଲୋକମାନେ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। ସମସ୍ତ ପ୍ରକାର ସତର୍କତା ଓ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରାଯାଇଛି। ରୋଗୀଙ୍କ ଚିକିତ୍ସା ନିୟମ ଅନୁସାରେ ଚାଲିଛି।

ବ୍ରହ୍ମପୁର ବଡ଼ ମେଡିକାଲରେ କରୋନା ରୋଗୀ ଚିହ୍ନଟ ହୋଇଥିବା ଘଟଣାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ସ୍ୱୀକାର କରିଛି। ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ (ପୃଷ୍ଠା ୭ରେ)

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୨୩ ଜୁଲାଇ ୨୦୨୬ ଗୁରୁବାର





# ତରଭାରେ ଜନ ଶୁଣାଣି

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**


ସୁବର୍ଣ୍ଣପୁର ଜିଲ୍ଲାର ତରଭା ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ସୋନପୁର ଉପଖଣ୍ଡ ପୋଲିସ ଅଧିକାରୀ କଲ୍ୟାଣୀ ବେହେରା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୭୬ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବାବେଳେ, ସେଥିମଧ୍ୟରୁ ୬୨ଟି ବ୍ୟକ୍ତିଗତ ଏବଂ ୧୪ଟି ସାମୂହିକ ଦରଖାସ୍ତ ଥିଲା। ଅନ୍ୟାନ୍ୟ ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଅଶ୍ୱିନୀ ମେହେର, ତରଭା ତହସିଲଦାର ସୁଶ୍ରୀ ଶ୍ୱେତାଲିନା ମାହାନା । ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତରଭା ଶିବାନନ୍ଦ କର୍ମୀଙ୍କ ଦ୍ୱାରା ଆୟୋଜିତ ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଉଷାରାଣୀ ଦାସ, ସହକାରୀ କଲେକ୍ଟର ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



# ରାଜଧାନୀ ରାସ୍ତା ଭଗବାନ ଭରସା:ସାଢ଼େ ୪ ବର୍ଷରେ ଗଡ଼ିଲାଣି ୮୫୦ ମୁଣ୍ଡ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀବାସିନ୍ଦାଙ୍କ ଚିନ୍ତା ବଢ଼ାଉଛି ସଡ଼କ ଦୁର୍ଘଟଣା। ବେପରୁଆ ଗାଡ଼ିଚାଳନା ସାଙ୍ଗକୁ ନିଶାସେବନ, ଟ୍ରାଫିକ୍ ନିୟମ ଉଲ୍ଲଂଘନ ଭଳି ପ୍ରମୁଖ କାରଣ ପାଇଁ ରାଜଧାନୀରେ ବାରମ୍ୱାର ଦୁର୍ଘଟଣା ଘଟୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦୁର୍ଘଟଣାରେ ରୋକ୍ ଲଗାଇବା ପାଇଁ ପୁଲିସ ପାଖରେ ସେମିତି କିଛି ଯୋଜନା ନାହିଁ। ଏପରିକି ଯେଉଁ ଯୋଜନା ରହିଛି ସେ ସବୁ କାର୍ଯ୍ୟକାରୀ କରିବାରେ ମଧ୍ୟ କମିସନରେଟ୍ ପୁଲିସ ବିଫଳ ହୋଇଛି। ସୂଚନା ଅନୁସାରେ ଗତ ସାଢ଼େ ୪ବର୍ଷରେ ରାଜଧାନୀରେ ପ୍ରାୟ ୧୨ଶହରୁ ଅଧିକ ଦୁର୍ଘଟଣାରେ ୮୫୦ଜଣଙ୍କ ମୃତ୍ୟୁ ଘଟିଥିବା ଭୁବନେଶ୍ୱର ଯୁପିଡିରେ ଅଭିଯୋଗ ହୋଇଛି। ଚଳିତ ବର୍ଷ ଜୁନ୍ ମାସ ସୁଦ୍ଧା ଅର୍ଥାତ୍ ୬ମାସ ମଧ୍ୟରେ ଦୁର୍ଘଟଣା



ସଂଖ୍ୟା ୪୦୦ ଟପିଛି ଓ ପ୍ରାୟ ୧୦୦ଟି ଅମୂଲ୍ୟ ଜୀବନ ଯାଇଛି। ପୂର୍ବ ବର୍ଷ ତୁଳନାରେ ଏହି ସଂଖ୍ୟା ୩ଗୁଣା ବଢ଼ିଛି। ରାଜଧାନୀରେ ଗାଡ଼ି ଚଳାଇବା ବେଳେ ଇଷ୍ଟ ସୁମରି ଯିବାକୁ ଏହି ସଂଖ୍ୟା ହିଁ ବୟାନ କରୁଛି। ତେବେ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ଏହି ସଡ଼କ ଦୁର୍ଘଟଣା ପଛରେ ଅମାନିଆଙ୍କୁ ଦାୟୀ କରିଛନ୍ତି ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ କୁମାର ନନ୍ଦ। ସେ କହିଛନ୍ତି, ଅଧିକାଂଶ ଦୁର୍ଘଟଣାରେ ଗାଡ଼ିଗୁଡ଼ିକ ପୂର୍ବରୁ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରିଛନ୍ତି। କେବଳ ଥରେ କି ୨ଥର ନୁହେଁ ଗୋଟେ ଗୋଟେ ଗାଡ଼ି ୭୦ଥର ଟ୍ରାଫିକ୍ ନିୟମ ଉଲ୍ଲଂଘନ କରିଥିବା ନଜିର୍ ରହିଛି। ରାଜଧାନୀରେ ଯେତେସବୁ ଦୁର୍ଘଟଣା ଘଟୁଛି ସେଥିମଧ୍ୟରୁ ଏନ୍‌ଏଚ୍-୧୬ରେ ଅଧିକାଂଶ ଦୁର୍ଘଟଣା ଘଟୁଛି। ନିକଟରେ ଜୟଦେବବିହାର ଫ୍ଲାଏଓଭରରେ ୨ଜଣ ନର୍ସିଂ ଛାତ୍ରଙ୍କୁ ଏକ ବସ୍ ଧକ୍କା ଦେଇ ଚମ୍ପଟ୍ ମାରିଥିଲା। ଏଥିରେ ପଶ୍ଚିମବଙ୍ଗର ସୌମ୍ୟରଂଜନ ମାନାଙ୍କ ମୃତ୍ୟୁ ଘଟିଥିଲା। ସେହିଭଳି ଗତ ୧୪ଜୁଲାଇ ବିଳମ୍ବିତ ରାତିରେ ଏକ ଟ୍ରକ୍ ରଶ୍ମିରଂଜନ ଦାସ ଓ ବିଶ୍ୱରଂଜନ ପଟ୍ଟନାୟକଙ୍କ ଉପରେ ମାଡ଼ିଯିବାରୁ ଘଟଣାସ୍ଥଳରେ ହିଁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଏହିଭଳି ମାଳମାଳ ଘଟଣା ଏନ୍‌ଏଚ୍‌ରେ ଘଟୁଥିବା ସାମ୍ନାକୁ ଆସିଛି। ପୁଲିସ ରିପୋର୍ଟ ଅନୁସାରେ, ଭୁବନେଶ୍ୱର ଯୁପିଡିର ପାହାଳ, ଇନ୍‌ଫୋସିଟି, ଖଣ୍ଡଗିରି, ତମାଣ୍ଡୋ, ସହିଦନଗର, ନୂଆପଲ୍ଲୀ, ଧଉଳି, ମଞ୍ଚେଶ୍ୱର ଓ ଜଟଣୀ ଥାନା ଅଞ୍ଚଳରେ ଦୁର୍ଘଟଣା ଚରମ ସୀମାରେ ପହଞ୍ଚିଛି। ଚଳିତବର୍ଷ ଏହି ଥାନା ଅଞ୍ଚଳରୁ ପ୍ରାୟ ୭୦ରୁ ଅଧିକ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଛି। ଯାହା ସମୁଦାୟ ଦୁର୍ଘଟଣାଜନିତ ମୃତ୍ୟୁର ୭୨ପ୍ରତିଶତ। ଏହି ଥାନା ଅଞ୍ଚଳରେ ଏନ୍‌ଏଚ୍ ରହିଥିବାରୁ ଦୁର୍ଘଟଣା ଅଧିକ ହେଉଥିବା ଜଣାପଡ଼ିଛି। ପ୍ରତିଟି ଦୁର୍ଘଟଣା କ୍ଷେତ୍ରରେ ଗୋଲଡେନ୍ ଆୱାର୍ ଅର୍ଥାତ୍ ପ୍ରଥମ ଏକ ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦୁର୍ଘଟଣା ସ୍ଥଳରେ ଉପସ୍ଥିତ ଲୋକେ ଗୁରୁତର ଆହତଙ୍କୁ ତ୍ୱରିତ୍ ସହାୟତା ପ୍ରଦାନ କରିବାକୁ ପ୍ରଥମେ ଗୁଡ୍ ସାମରିଟାନ୍ ପଲିସି ୨୦୨୦ ମସିହାରେ ଆସିଥିଲା। ମାତ୍ର ଲୋକଙ୍କ ମଧ୍ୟରେ ସଚେତନତା ଅଭାବରୁ ଦୁର୍ଘଟଣାଗ୍ରସ୍ତଙ୍କୁ ବିଶେଷ ଲାଭ ହେଲାନି। ଯେଉଁଥିପାଇଁ ପରବର୍ତ୍ତୀ ପର୍ଯ୍ୟାୟରେ ରାହ-ବୀର୍ ଯୋଜନା ଅନ୍ତର୍ଭୁକ୍ତ କରାଗଲା। ଏହି ଯୋଜନା ଅନୁସାରେ ଗୋଲ୍ଡେନ୍ ଆୱାର୍ ପଲିସି ଅନୁସରଣ କଲେ ୨୫ହଜାର ଟଙ୍କା ସହିତ ପ୍ରଶଂସାପତ୍ର ମଧ୍ୟ ମିଳୁଛି। ତେବେ ଏନେଇ ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ ନନ୍ଦ କହିଛନ୍ତି, ଦୁର୍ଘଟଣାସ୍ଥଳକୁ ଉଦ୍ଧାର ପାଇଁ ଆସୁଥିବା ଆମ୍ବୁଲାନ୍ସଗୁଡ଼ିକ ପ୍ରଥମେ ସରକାରୀ ଡାକ୍ତରଖାନାକୁ ନେବା ଉପରେ ଗୁରୁତ୍ୱ ଦେଉଛନ୍ତି। ଯଦି ଆହତଙ୍କୁ ଯେ କୌଣସି ନିକଟବର୍ତ୍ତୀ ହସ୍ପିଟାଲ୍‌କୁ ନିଆଯାଇପାରନ୍ତା ତେବେ ଉପଯୁକ୍ତ ଚିକିତ୍ସା ମିଳିପାରନ୍ତା। ସେହିଭଳି ସୁପ୍ରିମକୋର୍ଟ କମିଟି ମଧ୍ୟ ଦୁର୍ଘଟଣାଗ୍ରସ୍ତଙ୍କ କ୍ଷେତ୍ରରେ ଉଭୟ ସରକାରୀ ଓ ବେସରକାରୀ ଡାକ୍ତରଖାନାର ଆମ୍ବୁଲାନ୍ସକୁ ସାମିଲ କରିବା ଉପରେ ପ୍ରାଧାନ୍ୟ ଦେଇଛନ୍ତି। ତେଣୁ କେବଳ ସରକାରୀ ଆମ୍ବୁଲାନ୍ସ ବ୍ୟତୀତ ବେସରକାରୀ ଆମ୍ବୁଲାନ୍ସକୁ ବି ଉଦ୍ଧାର କ୍ଷେତ୍ରରେ ଲଗାଯାଇ ପାରିଲେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟାରେ ନିୟନ୍ତ୍ରଣ ଆସିପାରିବ ବୋଲି ଶ୍ରୀ ନନ୍ଦ କହିଛନ୍ତି।

# ଭୋଟର ତାଲିକା ସଂଶୋଧନ ଦାବି ଓ ଆପତ୍ତି ଶୁଣାଣି ପାଇଁ ପ୍ରଶିକ୍ଷଣ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ୮୫-ବିଧାନସଭା ନିର୍ବାଚନ ମଣ୍ଡଳୀ ଓ୮୬-ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀର ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ, ସହାୟକ ଅଧିକାରୀ ଏବଂ ବୈଷୟିକ କର୍ମଚାରୀଙ୍କ ପାଇଁ ପୋଷ୍ଟ-ଡ୍ରାଫ୍ଟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଭୟ ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଏବଂ ଉପଜିଲ୍ଲାପାଳ ବିନୟ କୁମାର ଭୋଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷଣରେ ଖସଡ଼ାଭୋଟର ତାଲିକା ପ୍ରକାଶ ପରେ ଦାଖଲ ହେଉଥିବା ଦାବି ଓ ଆପତ୍ତିର ଶୁଣାଣି, ତାହାର ଯାଞ୍ଚ ଆଇନ ସମ୍ମତ ପ୍ରକ୍ରିୟା ଅନୁସରଣ ଏବଂ ସଠିକ୍ ଭାବେ ନିଷ୍ପତ୍ତି ଗ୍ରହଣ ସମ୍ପର୍କରେ ବିସ୍ତୃତ ତାଲିମ ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ, ଖସଡାଭୋଟର ତାଲିକା ସମ୍ପର୍କିତ ଦାବିଓ



ଆପତ୍ତିଦାଖଲ କରିବାର ସମୟସୀମା ୦୫ଜୁଲାଇ ୨୦୨୬ରୁ ୦୪ ଅଗଷ୍ଟ ୨୦୨୬ପର୍ଯ୍ୟନ୍ତ ରହିଛି। ସେହିପରି ଦାବି ଓ ଆପତ୍ତିର ଶୁଣାଣି ଏବଂ ନିଷ୍ପତ୍ତି ୦୫ ଜୁଲାଇ ୨୦୨୬ରୁ ୦୨ ସେପ୍ଟେମ୍ବର ୨୦୨୬ ମଧ୍ୟରେ ସମ୍ପନ୍ନ କରାଯିବ। ପ୍ରଶିକ୍ଷଣରେ ଉଭୟ ବିଧାନସଭା ନିର୍ବାଚନ ମଣ୍ଡଳୀର ୧୧ଜଣ ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ ଓ ୧୧ଜଣ ସହାୟକ ଅଧିକାରୀଙ୍କୁ ଦାବିଓ ଆପତ୍ତିର ଶୁଣାଣି ଏବଂ ନିଷ୍ପତ୍ତି ପ୍ରକ୍ରିୟା ସମ୍ପର୍କରେ ବ୍ୟବହାରିକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ କାର୍ଯ୍ୟାଳୟ ପ୍ରସ୍ତୁତ କରିଥିବା ଷ୍ଟାଣ୍ଡାର୍ଡ ଅପରେଟିଂପ୍ରୋସିଜର ଅନୁଯାୟୀ ପ୍ରଶିକ୍ଷଣ ଦିଆଯିବା ସହିତ ବିଏଲଓ ଆପ ମାଧ୍ୟମରେ ପ୍ରକ୍ରିୟାର ସିଧାସଳଖ ପ୍ରଦର୍ଶନ କରାଯାଇଥିଲା, ଯାହାଦ୍ୱାରା ଅଧିକାରୀମାନେ ସମଗ୍ର ପ୍ରକ୍ରିୟାକୁ ସ୍ପଷ୍ଟଭାବେ ବୁଝିପାରିଥିଲେ।ପ୍ରତ୍ୟେକ ସହାୟକ ଅଧିକାରୀଙ୍କ ଦାୟିତ୍ୱ ହେଉଛି ସମ୍ପୃକ୍ତ ଏଇଆର ଓ କ୍ଲୁଦାବିଓ ଆପତ୍ତି ଶୁଣାଣିରେ ସହଯୋଗ କରିବା ସହିତ ସମସ୍ତ ମାମଲାର ତ୍ରୁଟିମୁକ୍ତ ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଷ୍ପତ୍ତି ସୁନିଶ୍ଚିତ କରିବା। ଭୋଟରମାନଙ୍କ ସୁବିଧାକୁ ସର୍ବାଧିକ ଗୁରୁତ୍ୱ ଦେଇଜିଲ୍ଲା ନିର୍ବାଚନ ଅଧିକାରୀତଥା ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଦାବିଓ ଆପତ୍ତିର ଶୁଣାଣି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜନ କରିବାକୁ ନିର୍ଦ୍ଦେଶଦେଇଛନ୍ତି। ଫଳରେ ଭୋଟର ମାନଙ୍କୁଦୂର ସ୍ଥାନକୁଯିବାକୁ ପଡ଼ିବନାହିଁ ଏବଂନିଜ ନିକଟସ୍ଥ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସହଜରେ ଉପସ୍ଥିତ ହୋଇ ନିଜ ମାମଲାର ଶୀଘ୍ର ନିଷ୍ପତ୍ତି ପାଇପାରିବେ। ଜିଲ୍ଲାରେ ମୋଟ ୪୦, ୫୦୦ ଦାବିଓ ଆପତ୍ତି ମାମଲାର ଶୁଣାଣି ଏବଂ ନିଷ୍ପତ୍ତି କରାଯିବାକୁ ଥିବାବେଳେ, ସେଗୁଡ଼ିକର ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣସ୍ୱଚ୍ଛ, ତ୍ରୁଟିମୁକ୍ତ ଓ ଦକ୍ଷତାର ସହିତ ନିଷ୍ପତ୍ତି□ପାଇଁ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରାଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ସମସ୍ତ ବିଡ଼ିଓ, ତହସିଲଦାର ସମସ୍ତ ପ୍ରଶାସନିକ ଓ ରାଜସ୍ୱ ଅଧିକାରୀ ଏବଂ ଡେପୁଟି କଲେକ୍ଟରମାନେ ଯୋଗଦାନ କରିଥିଲେ।

# ହରିନାମ ସଂକୀର୍ତ୍ତନର ପ୍ରମୁଖ ପ୍ରଚାରକ ଥିଲେ ମହନ୍ତ ଲକ୍ଷ୍ମୀଧର ପୁହାଣ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ୧୪ନଂ ୱାର୍ଡ ଚୋରଦା ଗ୍ରାମର ବୈଷ୍ଣବ ଧର୍ମ ପ୍ରଚାରକ ସ୍ୱର୍ଗତ ମହନ୍ତ ଲକ୍ଷ୍ମୀଧର ପୁହାଣଙ୍କ ଏକାଦଶାହ ପରିପ୍ରେକ୍ଷୀରେ ଏକ ସ୍ମୃତି ଚାରଣ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଚୋରଦା ଗ୍ରାମ୍ୟ କମିଟି ପକ୍ଷରୁ ଆୟୋଜିତ ସ୍ମୃତି ସଭାରେ ବୋହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଗ୍ରାମ୍ୟ କମିଟିର ସଭାପତି ବିଦ୍ୟାଧର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କେବଳ ଚୋରଦା ଗ୍ରାମ ନୁହେଁ ଆଖପାଖ ଅଞ୍ଚଳରେ ହରିନାମ ସଂକୀର୍ତ୍ତନ ପ୍ରଚାର କରିବା ସହ ଗ୍ରାମର ଯୁବପିଢିଙ୍କୁ ଆଧ୍ୟାତ୍ମିକ ମାର୍ଗରେ ପରିଚାଳିତ କରି ଉଦାହରଣ ସୃଷ୍ଟି କରିଥିବା




କହିଥିଲେ । ତାଙ୍କର ସାଧୁତା ଓ ଅସାଧାରଣ ବ୍ୟକ୍ତିତ୍ୱ ସବୁଦିନେ ଆମେ ମନେରଖିବା । ଅନ୍ୟତମ ଅତିଥିଭାବେ ପୌରାଧକ୍ଷ ସୁବାଷ ଚନ୍ଦ୍ର ବଳ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଚନ୍ଦ୍ରମଣି ସାମଲ, ଗ୍ରାମ୍ୟ କମିଟିର ପୂର୍ବତନ ସଭାପତି ଗଦାଧର ମହାନ୍ତି, ସମ୍ପାଦକ ସନ୍ତୋଷ କୁମାର ମହାନ୍ତି, ଗଣନାଥ ରାଉତ, ପୂର୍ବତନ ଉପ ନଗରପାଳ ହୃଦାନନ୍ଦ ସାମଲ, ଶରତ ଚନ୍ଦ୍ର ମହାନ୍ତି, ଅନିରୁଦ୍ଧ ମହାନ୍ତି, ଯୁବନେତା ଶିଶିର କୁମାର ରାଉତ, ଆଇନଜୀବୀ ବିବେକାନନ୍ଦ ମହାନ୍ତି, ଶିକ୍ଷାବିତ ମଦନ ମୋହନ କର, ଗୋପାଳ ଚନ୍ଦ୍ର ଜେନା, ଆଦିକନ୍ଦ ଦାସ, ଶେଷଦେବ ସାହୁ, ରାମଚନ୍ଦ୍ର ସାହୁ, ବ୍ୟଙ୍ଗ କବି ବାଇଧର ମାଝୀ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଉକ୍ତ ସଭାରେ ଗ୍ରାମ୍ୟ କମିଟି ସଭ୍ୟ ପବିତ୍ର ମହାନ୍ତି ସଭା ପରିଚାଳନା କରିଥିବା ବେଳେ, ଗ୍ରାମ୍ୟ କମିଟି ସମ୍ପାଦକ ରବିନାରାୟଣ ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ପ୍ରଣବ ପ୍ରକାଶ ଦାସ, ଭବ ପ୍ରକାଶ ଦାସ, ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ, ବନ୍ଦିତା ପରିଡ଼ା, କାଉନସିଲର ସିଦ୍ଧାର୍ଥ ସାମଲ, ମଣିନ୍ଦ୍ର କୁମାର ସାହୁ, ଶିବାନନ୍ଦ ନାୟକ, ସନ୍ତୋଷ ବରାଳ,ଅନୁପ କୁମାର ନାୟକ, କାର୍ତ୍ତିକ ଜେନା, ଅରୁଣ ରାଉତ,କେଶବ ସାହୁ ପ୍ରଦ୍ୟୁମ୍ନ ବୋଇତାଇ,ଅଜୟ କୁମାର ରାଉତ,ପ୍ରମୋଦ କୁମାର ରାଉତ,ଦେବୀ ପ୍ରସାଦ ସାମଲ ଓ ଶ୍ରୀକାନ୍ତ ମହାନ୍ତି ପ୍ରମୁଖ ବୋହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ । ସଭା ଆରମ୍ଭରେ ସ୍ୱର୍ଗତ ପୁହାଣଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରି ଏକ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ଅମର ଆତ୍ମାର ସଦଗତି ପାଇଁ ସଭା ପ୍ରାରମ୍ଭରେ ବେଦ ପାଠ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟରେ ପୁହାଣ ପରିବାର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହି ଏକାଦଶାହ କ୍ରିୟାକୁ ପୂର୍ଣ୍ଣ ସହଯୋଗ କରିଥିଲେ ।

# ସାମାଜିକ, ଭାବନାତ୍ମକ ଏବଂ ନୈତିକ ଶିକ୍ଷା ଉପରେ ପ୍ରଶିକ୍ଷଣ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଶିଶୁମାନଙ୍କର ସାମଗ୍ରିକ ବିକାଶ ଓ ସକାରାତ୍ମକ ଶିକ୍ଷା ପରିବେଶ ଗଠନକୁ ଲକ୍ଷ୍ୟ କରି ୟୁଥ କାଉନସିଲ୍ ଫର ଡେଭେଲପମେଣ୍ଟ□ ଅଲ୍ଟରନେଟିଭ ପକ୍ଷରୁ ଟୁ ଫିଟ୍ ଏ ହେଡ୍ ଟୁଗେଦର ଏବଂ ଥ୍ରିଭ ପ୍ରକଳ୍ପ ଅଧୀନରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ସଂସ୍ଥା, ଜିଲ୍ଲା ପ୍ରକଳ୍ପ ସମନ୍ୱୟ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସହଯୋଗରେ ସାମାଜିକ, ଭାବନାତ୍ମକ ଏବଂ ନୈତିକ ଶିକ୍ଷା ଉପରେ ଦୁଇଦିନିଆ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଡିଆଇଇଟି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଶିକ୍ଷଣରେ ବୌଦ୍ଧ ବ୍ଲକର ବହୁ ସଂଖ୍ୟାରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ପ୍ରାଚାର୍ଯ୍ୟା ଦେବସ୍ମିତା ଚକ୍ର, କାଉନସିଲ୍ ମେମ୍ବର ଅରୁଣ କୁମାର ପ୍ରଧାନ, ପ୍ରୋଗ୍ରାମ ଏବଂ ଅପରେସନ ମ୍ୟାନେଜର ସୁଶ୍ରୀ ଶୁଭ୍ରତା ଜେନା, ପ୍ରୋଗ୍ରାମ ମ୍ୟାନେଜର ଜ୍ୟୋତି କୁମାର ରଥ, ପ୍ରକଳ୍ପର ପ୍ରୋଗ୍ରାମ ମ୍ୟାନେଜର ଗଣେଶ ସାହୁ ଏବଂ ବ୍ଲକ୍ ସଂଯୋଜିକା ସୁଶ୍ରୀ ନିକିତା ଦାଶ ଓ ସୁଶ୍ରୀ ଶୁଭଲକ୍ଷ୍ମୀ ବାରିକ ଉପସ୍ଥିତ ରହି ଶିକ୍ଷକମାନଙ୍କୁ ଉତ୍ସାହିତ କରିଥିଲେ। ବକ୍ତାମାନେ କହିଥିଲେ ଯେ, ଶିଶୁମାନଙ୍କ ମଧ୍ୟରେ ସହାନୁଭୂତି, ଆତ୍ମବିଶ୍ୱାସ, ନୈତିକ ମୂଲ୍ୟବୋଧ ଏବଂ ଭାବନାତ୍ମକ ଦକ୍ଷତାର ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ। ସେମାନେ ବିଦ୍ୟାଳୟ ସ୍ତରରେ ଏହାର ଫଳପ୍ରଦ ରୂପାୟନ ପାଇଁ ଶିକ୍ଷକମାନଙ୍କୁ ଆହ୍ୱାନ ଜଣାଇଥିଲେ। ପ୍ରଶିକ୍ଷଣରେ ବିଭିନ୍ନ ଧାରଣା, ଶ୍ରେଣୀଗୃହରେ ଏହାର ପ୍ରୟୋଗ ଏବଂ ଶିଶୁମାନଙ୍କ ମାନସିକ ସୁସ୍ଥତା ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିକ୍ଷକମାନଙ୍କୁ ଶିଶୁକେନ୍ଦ୍ରିକ ଶିକ୍ଷା ପଦ୍ଧତିକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା।



# ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ବୃକ୍ଷରୋପଣ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁକେନ୍ଦ୍ରାପଡାବ୍ଲକ ଅନ୍ତର୍ଗତ ଓସ୍ତପୁର ପଞ୍ଚାୟତରେ ବୃକ୍ଷରୋପଣ କରାଯାଇଛି ।ସଂଗଠନର ସଭାପତିଡଃ. ଉପେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓସ୍ତପୁର ସରପଞ୍ଚ ପ୍ରସନ୍ନ ରାଉତଙ୍କ ସଂଯୋଜନାରେ ଆୟୋଜିତଏହି କାର୍ଯ୍ୟକ୍ରମରେ ଆମ୍ବ, ପିଜୁଳି, କରମଙ୍ଗା ବିଭିନ୍ନ ଫୁଲଜାତୀୟ ଓ ଔଷଧ ଜାତୀୟ ବୃକ୍ଷ ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଉପଦେଷ୍ଟା ଅଧ୍ୟାପକ ଅଜୟ ସାମଲ, କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ କୁମାର ମିଶ୍ର, ବୈଷ୍ଣବ ଚରଣସ୍ୱାଇଁ, କରୁଣାକର ଦାସ, ଡଃ. ଚୈତନ୍ୟଚରଣ ପରିଡା, ସୁରେଶଚନ୍ଦ୍ର ପଟ୍ଟନାୟକ, ଶରତଚନ୍ଦ୍ରରାଉତ, ଅଜିତ୍‌ରାଉତ, ଶ୍ରୀନିବାସ ପରିଡା, ମାଧବ ଚନ୍ଦ୍ରକର, ମଧୁସୁଦନ ବାରିକ, ମଧୁସୁଦନ ରାଉତ, ଶ୍ରୀକା ସାହୁ, ଜଗଦୀଶ ପତି, ସମ୍ପଦ କୁମାର ସାମଲଙ୍କ ସମେତ ସ୍ଥାନୀୟଗ୍ରାମବାସୀ ଓ ହାଇସ୍କୁଲରଛାତ୍ରଛାତ୍ରୀ ପ୍ରମୁଖ ସହଯୋଗ କରିଥିଲେ।

# ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ଭଜନ ସଂଧ୍ୟା

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଦିନବନ୍ଧୁ ନଗର ସ୍ଥିତ ସୁପ୍ରିୟା ମାର୍ଗ ଶ୍ରୀଜଗନ୍ନାଥ ଟ୍ରଷ୍ଟ ବୋର୍ଡ ଭଟଲି ଛକ ରଥଯାତ୍ରା କମିଟି ପକ୍ଷରୁ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ରୌପ୍ୟ ଜୟନ୍ତୀ ଅବସରରେ ଜଗନ୍ନାଥଙ୍କ ଉପରେ ଶିବାନୀ ଗୃପ ପକ୍ଷରୁ ଜଗନ୍ନାଥଙ୍କ ଉପରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରଥଯାତ୍ରା କମିଟି ସଂପାଦକ କେଦାର ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଭଜନ କାର୍ଯ୍ୟକ୍ରମରେ ଗୁରୁ ଦୋଳମଣୀ ସାହୁଙ୍କ ଶିବାନୀ ସଂଗୀତ ଗୃପର ସମସ୍ତ କଳାକାର ଯୋଗ ଦେଇ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ । ଜନୈକ କୁନି କଣ୍ଠଶିଳ୍ପୀ ଅଦ୍ୱିକ ନାଏକ ଖୁବ ସ୍ମୃତି ମଧୁର ଜଗନ୍ନାଥ ଭଜନ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ତାଙ୍କୁ ସ୍ୱତନ୍ତ୍ର ଭାବେ କେଦାର ମିଶ୍ର ଏବଂ




ପ୍ରଭାତାଦିତ୍ୟ ମିଶ୍ର ସମ୍ମାନୀତ କରିଥିଲେ। ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ନବ ମହନ୍ତମ ଙ୍କ ପରିବେଶିତ ଭଜନ ସମସ୍ତଙ୍କୁ ମନ୍ତ୍ର ମୁଗଧ କରିଥିଲା ବେଳେ ଭାରତୀ ନଗର ସଭାପତି ପଣ୍ଡିତ କୁଳମଣି ମହାପାତ୍ର ଓ ସମ୍ପାଦକ ଅଶ୍ୱିନୀ ମିଶ୍ର, ମାତୃବିହାର କମିଟି ଉପ ସଭାପତି ଦେବାଶିଷ କର, ସମ୍ପାଦକ ମନୋଜ ସେଠ, ଜିରାନଦୀ ବିହାର କମିଟିରୁ ସମ୍ପାଦକ ସାନୁ ଆଚାର୍ଯ୍ୟ, ପଣ୍ଡିତ ବିଘ୍ନ ରାଜ ଦାଶ, ସଭାପତି ନିରଞ୍ଜନ ମହାକୁର ଙ୍କୁ ଯଥାକ୍ରମେ ରଥଯାତ୍ରା କମିଟି ରୁ ବିକାଶ ପାଣିଗ୍ରାହୀ, ମୋହନ ଅଗ୍ରୱାଲ, ଅତୁଲ ଅଗ୍ରୱାଲ, ସୁମିତ ଦାଶ, ଚିତ୍ତରଞ୍ଜନ ମିଶ୍ର, ଅଶୋକ ମହାପାତ୍ର ସମ୍ବର୍ଦ୍ଧିତକରିଥିଲେ ଅନ୍ୟ ମାନଙ୍କ ମଧ୍ୟରେ ସର୍ବଶ୍ରୀ ବିଶ୍ୱଜିତ ମିଶ୍ର,ପ୍ରଦୀପ ସାହୁ, କେଦାର ଚରଣ ଦାଶ, ଦେବୀ ପଟ୍ଟନାୟକ, କୃଷ୍ଣ ଚନ୍ଦ୍ର ପଟ୍ଟନାୟକ, ଲଳିତ ସାହୁ, ନିମାଇଁ ରଥ, ପଦ୍ମଜା ଗୁରୁ, ସନ୍ତୋଷ ଦେବତା,ପ୍ରତାପ ପ୍ରଧାନ, ଦିବ୍ୟ ମିଶ୍ର, ପିକଲୁ ପ୍ରଧାନ, ମାଧବୀ ମିଶ୍ର, କାଞ୍ଚନ ପାଣିଗ୍ରାହୀ, ବବିତା ପଧାନ, ପଦ୍ମିନୀ ବେହେରା, ରୋଜାଲିନ ଭୂୟାଁ, ଚିନ୍ମୟ ମିଶ୍ରଙ୍କ ସମେତ ୧୨ଟି ପଡ଼ାର ଶହ ଶହ ଭକ୍ତ ଯୋଗଦେଇଥିଲେ । ସମସ୍ତଙ୍କ ପାଇଁ ପ୍ରସାଦ ର ବ୍ୟବସ୍ଥା କରାଯାଇଥିଲା। ଶେଷରେ ସଂପାଦକ ଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# 'ପରିବର୍ତ୍ତନ ଜରୁରୀ'ଡାକରାରେ ସିପିଆଇର ବୈଠକ

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି କେନ୍ଦ୍ରାପଡା ଶାଖା ତରଫରୁ ପରିବର୍ତ୍ତନ ଜରୁରୀ ଡାକରାରେ ୧ ସେପ୍ଟେମ୍ବର ଦିଲ୍ଲୀ ଚାଲୋ ସିପିଆଇଏମ୍‌ର ଜିଲ୍ଲା ପରିଷଦ ବୈଠକସାଥୀ ଅଭୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ଦେଶ ପାଇଁ ସହୀଦ୍ ହୋଇଥିବା ଜନଗଣ ସୈନ୍ୟମାନଙ୍କ ଉଦ୍ଦେଶ୍ୟରେ ସହସମ୍ପାଦକ ଆଦିକନ୍ଦ ରାଉଳଙ୍କ ଶୋକ ପ୍ରସ୍ତାବ ଆଗତ କରିଥିଲେ।ଏହାପରେ ଜିଲ୍ଲାସମ୍ପାଦକ ବିକାଶଚନ୍ଦ୍ର ବେଉରାଙ୍କକାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ ପରେ ରାଜ୍ୟସମ୍ପାଦକ ମଣ୍ଡଳୀ ସଭ୍ୟ ରମଣୀ ରଂଜନ ରାଉତ ଆସନ୍ତା ସେପ୍ଟେମ୍ବର ୧ ତାରିଖରେ ଦିଲ୍ଲୀଠାରେ ଏକ ପରିବର୍ତ୍ତନ ଜରୁରୀ ସମାବେଶ ଅନୁଷ୍ଠିତ ହେବ। ଏଥିରେ ସାରା ଦେଶରେ ଦରଦାମବୃଦ୍ଧି, ପ୍ରତ୍ୟକ ଯୁବକ / ଯୁବତୀଙ୍କୁ ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, ନ୍ୟାୟ ବ୍ୟବସ୍ଥାକୁ ସୁଦୃଢକରିବା, ୨୦୨୩ ର ମହିଳା ସଂରକ୍ଷିତ ବିଲ୍‌କୁ କାର୍ଯ୍ୟକାରୀ କରିବା, କୃଷକଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରିବା, ଶ୍ରମିକ ବିରୋଧରେ ଶ୍ରମ କୋର୍ଡକୁ ରଦ୍ଧ କରିବା, ସାମ୍ପ୍ରଦାୟୀକ ସମ୍ପତ୍ତି ଓ ଭିଡହିଂସା ବନ୍ଦ କରିବା, ସମ୍ବିଧାନର ମୂଲ୍ୟବୋଧକୁ ରକ୍ଷାକରିବା, ପେଷା ଆଇନକୁ କାର୍ଯ୍ୟକାରୀ କରିବା ଦାବିରେ ଆଲୋଚନା କରାଯାଇଥିଲା। ଉକ୍ତବୈଠକରେ ଜିଲ୍ଲାସମ୍ପାଦକ ସାଥୀ ବାବାଜୀ ଧଳ ଯୋଗଦେଇ କେନ୍ଦ୍ରାପଡାରେ ତୁରନ୍ତ ପ୍ରତିବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା, ମହାନଦୀ ଲୁଣା ନଦୀରେ ଆନିକଟ କରିଜଳ ସେଚନ କରିବା, ଓଡିଶାସରକାର ପିଲାଙ୍କ ବହି ତୁରନ୍ତ ଭୁଲ୍‌ନଥିବା ବହି ଦେବା, ଦେଶରେ ନିଟ୍‌ପେପର ଉପରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତୁରନ୍ତ ବହିଷ୍କାର କରିବା, କେନ୍ଦ୍ରାପଡାରେ ମେଡିକାଲ କଲେଜ୍ ପ୍ରତିଷ୍ଠାକରିବା ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ନାରୀନେତ୍ରୀ ସୁହାନାବେଗମ୍, ସାଥୀ ନନ୍ଦିନୀସ୍ୱାଇଁ, ଶ୍ରମିକନେତା ଭଜହରୀ ପ୍ରଧାନ, ପ୍ରଦୀପ ବେହେରା, ସମୀର ରନ ଦାସ ପ୍ରମୁଖ ଅଗଷ୍ଟ ୬ ରୁ ୧୫ ପ୍ରତିଗ୍ରାମ ଓ ସହରରେସବୁ ଦାବୀରେ ପଦଯାତ୍ରା ଅନୁଷ୍ଠିତହେବବୋଲି ନିଷ୍ପତ୍ତି□ନିଆଯାଇଛି।



# ପୋତି ହେଉଛି ନାଳ, ବର୍ଷା ହେଲେ ଉଛୁଳିବା ଭୟ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ମୌସୁମୀର ବର୍ଷା ଓ ବର୍ଜ୍ୟ ଜଳ ନିଷ୍କାସନକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି । ନାଳ, ଡ୍ରେନରୁ ପଙ୍କୋଦ୍ଧାର ସାଙ୍ଗକୁ ଲତାବୁଦା କାଟି ସଫା କରାଯାଉଛି । ହେଲେ ଡ୍ରେନେଜ୍ ଡ଼ିଭିଜନ୍‌ର କାମ ସର୍ବଦା ବିଳମ୍ବ ହେଉଛି । ଏଥର ମଧ୍ୟ ମୌସୁମୀ ଆସି ଦୁଇ ଦୁଇଟି ଲଘୁଚାପ ଗଲାଣି । ଅଥଚ ଡ୍ରେନେଜ୍ ଡ଼ିଭିଜନ୍ ବାହାନା ନାଳ ସହ ସଂଯୋଗ କରୁଥିବା ବଡ଼ନାଳରୁ ଅବରୋଧ ହଟାଇନାହିଁ । ଖୋଡ଼ାସିଙ୍ଗି କଳିଙ୍ଗ ବିହାରରୁ ବାହାରି ପୁରୁଷୋତ୍ତମ ନଗର, ଭାରତ ବିହାର ଛକ ଦେଇ ଅତିକ୍ରମ କରୁଥିବା ବଡ଼ ନାଳ ଆଖିରେ ଦେଖିହେଉନି । ଅନାବନା ଗଛ ଭର୍ତ୍ତି ହୋଇଯାଇଛି । ଅତ୍ୟଧିକ ବର୍ଷା ହେଲେ ଉଛୁଳିବା ଆଶଙ୍କା କରିଛନ୍ତି ସ୍ଥାନୀୟ ଲୋକ । ପ୍ରତିବର୍ଷ ମଇ, ଜୁନ୍‌ରେ ସଫା ହେଉଥିବା ଏହି ନାଳ ଜୁଲାଇ ମଧ୍ୟଭାଗ



ସୁଦ୍ଧା କାମ ଆରମ୍ଭ ହୋଇନି । ନାଳର ୧ କିମିରୁ ଅଧିକ ଅଞ୍ଚଳ ଆବର୍ଜନା ଓ ଅନାବନା ଗଛରେ ଢ଼ାଙ୍କି ହୋଇଯାଇଛି । ୫୦ ମିମିରୁ ଅଧିକ ବର୍ଷା ହେଲେ ପାଣି ନିଷ୍କାସନ କଷ୍ଟକର ହୋଇପଡ଼ିବ ବୋଲି ଆକଳନ କରିଛନ୍ତି ସ୍ଥାନୀୟ ବାସିନ୍ଦା । କାରଣ ପୂର୍ବରୁ ନାଳ ଉଛୁଳା ଅବସ୍ଥା ସୃଷ୍ଟି ହୋଇଥିବାରୁ ଲୋକ ଭୟଭୀତ ହୋଇ ରହିଛନ୍ତି ଏବଂ ଶୀଘ୍ର ନାଳକୁ ଅବରୋଧମୁକ୍ତ କରିବାକୁ ଦାବି କରିଛନ୍ତି । ଏ ସମ୍ପର୍କରେ ଡ୍ରେନେଜ୍ ଡ଼ିଭିଜନ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରିନି । ସୂଚନାଯୋଗ୍ୟ, ବାହାନା ଓ ସାପୁଆ ନାଳରୁ ଅବରୋଧ ହଟାଇବାକୁ ୫୬ ଲକ୍ଷ ଟଙ୍କାର ଟେଣ୍ଡର ମଇ ମାସରେ ହୋଇଥିଲା। ଜୁନ୍ ସୁଦ୍ଧା କାମ ଶେଷ ହୋଇଯିବ ବୋଲି ଅଧିକ୍ଷଣ ଯନ୍ତ୍ରୀ କହିଥିଲେ । ହେଲେ କାମ କେଉଁଠି ଆରମ୍ଭ ହୋଇଛି ଜଣାପଡୁଛି ।

# ଲଗାଣ ବର୍ଷାରେ ଭୁଶୁଡିଲା କାନ୍ଥ : ଅଳ୍ପକେ ବର୍ତ୍ତିଲେ ପରିବାରର ୪ ସଦସ୍ୟ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ସହର ୱାର୍ଡ ନଂ ୯ନୂଆସାହିରେ ଲଗାଣ ବର୍ଷାରେ ଗୋଟିଏ ଘରର କାନ୍ଥ ଭୁଶୁଡି ପଡିଛି । କାନ୍ଥ ଭୁଶୁଡିବା ଘଟଣାରେ ପରିବାରର ୪ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଘର ଭିତରେ ଥିବା ଆସବାବ ପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଭାଙ୍ଗି କ୍ଷୟକ୍ଷତି ହୋଇଛି । ଅଭିଯୋଗ ଅନୁଯାୟୀ ନୂଆସାହିର ଅରୁଣ ରାଉତଙ୍କ ଘର ପାର୍ଶ୍ୱରେ ସାହିର ଭଗବତ ମନ୍ଦିର ନିର୍ମାଣ କାର୍ଯ୍ୟ ବୌଦ୍ଧ ପୌର ପରିଷଦ ପକ୍ଷରୁ ଠିକାଦାରଙ୍କ ଦ୍ୱାରା ନିର୍ମାଣ କରା ଯାଇଥିଲା । ମନ୍ଦିର ଛାତର ବର୍ଷା ଜଳ ନିଷ୍କାସନ ପାଇଁ ଠିକାଦାର ଛାତ ଉପରେ କୌଣସି ବାଡା ନଦେଇ ଖୋଲା ଛାଡି ଦେଇଥିଲେ । ଫଳରେ ଛାତର ବର୍ଷା ଜଳ ଅରୁଣଙ୍କ ଘର କାନ୍ଥରେ ପଡି ଭୁଶୁଡି ପଡିଥିବା ଅଭିଯୋଗ କରିଛନ୍ତି। କ୍ଷତିଗ୍ରସ୍ତ ପରିବାର । ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ କାନ୍ଥ ନିର୍ମାଣ ପାଇଁ ସହାୟତା ଯୋଗାଇ ଦେବାକୁ ଅରୁଣଙ୍କ ପତ୍ନୀ ସୌଦାମିନୀ ରାଉତ ଦାବି କରିଛନ୍ତି ।

# ସଞ୍ଚୟ ଯୋଜନା ପାଇଁ ଜନତାଙ୍କୁ କରାଗଲା ସଚେତନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଶିବିରରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମଙ୍ଗଳ ପଧାନ, ଇଣ୍ଡିଆନ୍ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ ମେନେଜର, ସୋନପୁର ସତ୍ୟବ୍ରତ ପ୍ରଧାନ ଏବଂ ସିଂଘିଯୁବା ପୋଷ୍ଟମାଷ୍ଟର ଉଦୟକର ସାହୁ ମଞ୍ଚାସୀନ ଥିଲେ। ସେମାନଙ୍କ ସହ ବିନିକାର ଏଜେଣ୍ଟ ସତ୍ୟବାନ ପୁରୋହିତ ମଧ୍ୟ ଉପସ୍ଥିତ ରହି ବିଭିନ୍ନ ଡାକଘର ସଞ୍ଚୟ ଯୋଜନା ଓ ସେବା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ମଙ୍ଗଳ ପ୍ରଧାନ କନ୍ୟା ସନ୍ତାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ପରିଚାଳିତ ସୁକନ୍ୟା ସମୃଦ୍ଧି ଯୋଜନାର ବିଭିନ୍ନ ସୁବିଧା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଅନ୍ୟ ବକ୍ତାମାନେ ମଧ୍ୟ ଡାକଘରର ବିଭିନ୍ନ ସଞ୍ଚୟ ଯୋଜନା ସମ୍ପର୍କରେ ସୂଚନା ଦେଇ ସୁରକ୍ଷିତ ଓ ବିଶ୍ୱସନୀୟ ସଞ୍ଚୟ ପ୍ରଣାଳୀ ଗ୍ରହଣ କରିବାକୁ ଲୋକଙ୍କୁ ପ୍ରେରିତ କରିଥିଲେ। ଏହି ଶିବିରରେ ସ୍ୱୟଂ



ସହାୟକ ଗୋଷ୍ଠୀର ମହିଳା ସଦସ୍ୟ, ବ୍ୟାଙ୍କ ମିତ୍ର ଏବଂ ସିଂଘିଯୁବା ପଞ୍ଚାୟତର ବହୁ ସଂଖ୍ୟକ ଜନସାଧାରଣ ଯୋଗଦେଇଥିଲେ। ଏଥିସହ ପାଞ୍ଚଜଣ ଡାକଘର ଏଜେଣ୍ଟ ଉପସ୍ଥିତ ରହି ବିଭିନ୍ନ ଯୋଜନା ଓ ସେବା ସମ୍ପର୍କରେ ଲୋକଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଆର୍ଥିକ ଅନ୍ତର୍ଭୁକ୍ତିକରଣ ପ୍ରୟାସକୁ ସୁଦୃଢ଼ କରିବା ସହ ଲୋକଙ୍କୁ ବିଭିନ୍ନ ଠକ ସଞ୍ଚୟ ସଂସ୍ଥା ର ପ୍ରତାରଣାରୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ ଥିଲା। ସମଗ୍ର କାର୍ଯ୍ୟକ୍ରମକୁ ସଞ୍ଚୟ ଓ ଆର୍ଥିକ ସେବା କାର୍ଯ୍ୟାଳୟ, ସୁବର୍ଣ୍ଣପୁର ର କିରାଣୀ ସଞ୍ଚୟ ବାରିକ ସୁଚାରୁରୂପେ ପରିଚାଳନା କରିଥିଲେ ଏବଂ ଗ୍ରାମୀଣ ରୋଜଗାର ସେବକ ସୁଶୀଳ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଏଆଇ ଟେକ୍ନୋଲୋଜି ଏବଂ ସେମିକଣ୍ଡକ୍ଟର ଚିପ୍ସକୁ ନେଇ ଚୀନ୍‌ର ବିଗ୍ ପ୍ଲାନ

ଆମେରିକାରେ ସାଇବର ସୁରକ୍ଷା ଏବଂ ଏଆଇ ମଡେଲ ପର୍ଯ୍ୟନ୍ତ ସୀମିତ ପ୍ରବେଶ ବିଷୟରେ ଚିନ୍ତା ପରେ, ଚୀନ୍ ଏବେ ଏକ ବଡ଼ ଖେଳ (ଚାଇନା ବିଗ୍ ପ୍ଲାନ୍) ଖେଳିବାକୁ ପ୍ରସ୍ତୁତ ହେଉଛି, ଯାହା ସାରା ବିଶ୍ୱରେ ହାହାକାର ସ୍ଥିତି ସୃଷ୍ଟି କରିପାରେ। କାରଣ, ଚୀନ୍ ଅନ୍ୟ ଦେଶଗୁଡ଼ିକୁ ଏଆଇ ଟେକ୍ନୋଲୋଜି ଏବଂ ସେମିକଣ୍ଡକ୍ଟର ଚିପ୍ସର ରପ୍ତାନି ନିଷିଦ୍ଧ କରିବାକୁ ବିଚାର କରୁଛି। ଯଦି ଚୀନ୍ ଏପରି କରେ, ତେବେ ଏହା ପ୍ରତିରକ୍ଷା, ଅଟୋ, ଡାଟା ସେଣ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ଇଣ୍ଡଷ୍ଟ୍ରି ପର୍ଯ୍ୟନ୍ତ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରିପାରେ। ଏକ ରିପୋର୍ଟ ଅନୁସାରେ, ଚୀନ୍ ଏଆଇ ପ୍ରଯୁକ୍ତିବିଦ୍ୟା ଏବଂ ଚିପ୍ ରପ୍ତାନି ସହିତ ଜଡିତ ନିୟମାବଳୀକୁ କଡ଼ାକଡ଼ି କରିବାକୁ ପ୍ରସ୍ତୁତ ହେଉଛି। ଚୀନ୍ ଭିତରେ ସବୁଠାରୁ ଉନ୍ନତ AI ଟେକ୍ନୋଲୋଜିକୁ ଏକ ରଣନୈତିକ ଜାତୀୟ ସମ୍ପତ୍ତି ଭାବରେ ରଖିବାକୁ ଚାହୁଁଛି। ରିପୋର୍ଟରେ କୁହାଯାଇଛି ଯେ ଚୀନ୍ ଏହି କ୍ଷେତ୍ରର ପ୍ରମୁଖ କମ୍ପାନୀଗୁଡ଼ିକ, ଯେପରିକି Alibaba, ByteDance ଏବଂ Zhipଙ୍କ ସହିତ ଆଲୋଚନା କରୁଛି। ଚୀନର ବାଣିଜ୍ୟ ମନ୍ତ୍ରଣାଳୟ ଚୀନର ଏଆଇ ଏବଂ ସେମିକଣ୍ଡକ୍ଟର କମ୍ପାନୀଗୁଡ଼ିକ ସହିତ ସୁରକ୍ଷା ପଦକ୍ଷେପ ବିଷୟରେ ଆଲୋଚନା କରୁଥିବା ଜଣାପଡ଼ିଛି। ଚୀନ ଦେଶ ବାହାରେ ତାଲିମ ତଥ୍ୟ ସ୍ଥାନାନ୍ତର କରିବା ଏବଂ ବିଦେଶୀ ୟୁଜରଙ୍କ ଦ୍ୱାରା ଏଆଇ ମଡେଲ ଡାଉନଲୋଡ୍ କରିବା ଉପରେ କଟକଣା ଲଗାଇବା ଉପରେ ମଧ୍ୟ ବିଚାର କରୁଛି। ରିପୋର୍ଟ ଅନୁଯାୟୀ, ଚୀନ ବିଶ୍ୱାସ କରେ ଯେ ଏହା ଅନ୍ୟ ଦେଶ ଦ୍ୱାରା ଏଆଇ ଟେକ୍ନୋଲୋଜି ବ୍ୟବହାର କିମ୍ବା ନକଲ ହେବାର ବିପଦକୁ ହ୍ରାସ କରିବ। ଚୀନର ବାଣିଜ୍ୟ ମନ୍ତ୍ରଣାଳୟ ଚୀନର ଏଆଇ ଏବଂ ସେମିକଣ୍ଡକ୍ଟର କମ୍ପାନୀଗୁଡ଼ିକ ସହିତ ସୁରକ୍ଷା ପଦକ୍ଷେପ ବିଷୟରେ ଆଲୋଚନା କରୁଥିବା ଜଣାପଡ଼ିଛି। ଚୀନ ଦେଶ ବାହାରେ ତାଲିମ ତଥ୍ୟ ସ୍ଥାନାନ୍ତର କରିବା ଏବଂ ବିଦେଶୀ ବ୍ୟବହାରକାରୀଙ୍କ ଦ୍ୱାରା ଏଆଇ ମଡେଲ ଡାଉନଲୋଡ୍ କରିବା ଉପରେ ପ୍ରତିବନ୍ଧକ ଲଗାଇବା ଉପରେ ମଧ୍ୟ ବିଚାର କରୁଛି। ରିପୋର୍ଟ ଅନୁଯାୟୀ, ଚୀନ ବିଶ୍ୱାସ କରେ ଯେ ଏହା ଅନ୍ୟ ଦେଶ ଦ୍ୱାରା ଏଆଇ ପ୍ରଯୁକ୍ତିବିଦ୍ୟା ବ୍ୟବହାର କିମ୍ବା ନକଲ ହେବାର ବିପଦକୁ ହ୍ରାସ କରିବ। ଏହା ସହିତ, ରିପୋର୍ଟ ହୋଇଛି ଯେ ଚୀନ୍ କ୍ୱାଲକମ୍ ଏବଂ TSMC ଭଳି ବିଦେଶୀ ଚିପ୍ ନିର୍ମାତାମାନଙ୍କୁ ଚୀନ୍ ଡିଜାଇନ୍ ଉପରେ ଆଧାରିତ ଚିପ୍ ଉତ୍ପାଦନ କରିବାରୁ ରୋକିବା ପାଇଁ ଚୀନ୍ ନୂତନ ନିୟମ ପ୍ରଣୟନ କରିପାରେ। ଚୀନ୍ ଏହାର ଚିପ୍ ଡିଜାଇନ୍ ଉପରେ ନିୟନ୍ତ୍ରଣ ବଜାୟ ରଖିବାକୁ ଏବଂ ସେଗୁଡ଼ିକୁ ଦେଶ ମଧ୍ୟରେ ରଖିବାକୁ ଚାହୁଁଛି।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ମୋକ୍ଷ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଏଇଠି ଗୋଟେ କଥା ମନକୁ ଆସୁଛି, ଯିଏ ଆସୁଛି ସେ କହୁଛି ପ୍ରଭୁଙ୍କୁ ମୋତେ ମୁକ୍ତି ଦିଅ ମୁକ୍ତି ଦିଅ ବା ମୋତେ ଏ ମାନବ ଜନ୍ମରୁ ମୋକ୍ଷ କରାଇଦିଅ। କିନ୍ତୁ ଏ ମୋକ୍ଷର ଅର୍ଥ କଣ ? ଏହାର ତାତ୍ପର୍ଯ୍ୟ କ'ଣ? ଏହାର ଉତ୍ପତ୍ତି ସ୍ଥିତି କେଉଁଠି ନବୁଝି ନସୁଝି ମୋତେ ମୋକ୍ଷ୍ୟ ଦିଅ ବୋଲି ଚିତ୍କାର କଲେ କଣ ମୋକ୍ଷ୍ୟ ମିଳିଯିବ। ସନାତନ ଧର୍ମର ମୂଳ ମନ୍ତ୍ର ହେଲା ତିନଟି ମାର୍ଗ ସେ ମାର୍ଗ ହେଉଛି ଜିବ, ବ୍ରହ୍ମ, ମାୟା ଜୀବ ସହିତ ବ୍ରହ୍ମ ଲାଗିକରିଅଛି। କିନ୍ତୁ ତାକୁ ମାୟା ମୋହର ପିଞ୍ଜରାରେ ଆବଦ୍ଧ କରି ରଖିଛି। ସେ ଆବଦ୍ଧକୁ ଯଦି ତୁମେ ଭାଙ୍ଗି ନଦେଉଛ ଛିଣ୍ଡାଇ ନପକାଇଛ ତୁମକୁ ମୋକ୍ଷ କିଏ କରାଇବ। (ମୋହକୁ ତ୍ୟାଗ କଲେ ସିନା ମୋକ୍ଷ) ହେବ। ମୋହକୁ ତ ତୁମେ ଜାବୁଡି ଧରିଛ ତୁମକୁ କିଏ ମୋକ୍ଷ ଦେବ। ତୁମକୁ କିଏ ସତ୍ୟର ସନ୍ଧାନ ଦେଖାଇବ। ତୁମକୁ କିଏ ଧର୍ମର ବାଣୀ ଶୁଣାଇବ। ତୁମେତ ଏକ ପ୍ରକାର କାଳ, ତୁମେତ ଏକପ୍ରକାର ମୋହାନ୍ଧ ତୁମେତ ଧର୍ମାନ୍ଧ। ତୁମେତ ତୁମର ନୁହଁ ତୁମେ ଅନ୍ୟର କିପରି ହେବ। ଈଶ୍ୱର ତୁମକୁ ଧରିଛନ୍ତି ସତ କିନ୍ତୁ ତୁମେ ଈଶ୍ୱରଙ୍କୁ ପ୍ରକୃତରେ ଧରିନାହଁ। ତୁମେ ଥରେ ତୁମ ହୃଦୟର ସ୍ପନ୍ଦନକୁ ଶୁଣିବାକୁ ଚେଷ୍ଟା କରିଛ। କେଭେ ଭାବିଛ ଏତେ ସୁନ୍ଦର ହୃଦୟ ପ୍ରଭୁ ଆମକୁ ଦେଇଛନ୍ତି ପ୍ରକୃତରେ କାହାପାଇଁ କଣ କେବଳ ତୁମରି ପାଇଁ ହେ ଭକ୍ତ ମାନବ ଜନ୍ମ ପାଇ ଥରୁଟିଏ ବୁଝିବାକୁ ଚେଷ୍ଟାକର ତୁମେ କିଏ? ଆପେ ଆପେ ତୁମେ ସବୁ ବନ୍ଧନରୁ ମୁକ୍ତ ହୋଇ ମୁକ୍ତାର ପଥପାଇଯିବ। ହରି ଓଁ।

# ରଥଯାତ୍ରାର ଆଠଗୋଟି ଅଙ୍ଗ



ହେମନ୍ତ କୁମାର ଗନ୍ତାୟତ
ଦର୍ଶନ ଅଧ୍ୟାପକ
ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ, କବିସୂର୍ଯ୍ୟ ନଗର
୯୮୬୧୩୩୪୮୬୮

ଲୀଳାମୟ ଶ୍ରୀପୁରୁଷୋତ୍ତମ, ଭକ୍ତବତ୍ସଳ ଭାବଗ୍ରାହୀ ଶ୍ରୀଜଗନ୍ନାଥ, ଜ୍ୟେଷ୍ଠ ଭାଇ ଶ୍ରୀବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରା ତଥା ଶ୍ରୀସୁଦର୍ଶନଙ୍କୁ ନେଇ ପୁଣ୍ୟ ନୀଳାଚଳ ଧାମରେ ମାନବୀୟ ଲୀଳା କରି ଆସୁଛନ୍ତି। ମହାପ୍ରଭୁ ନୀଳାଦ୍ରି ଠାକୁର ପତିତ ଜନଙ୍କୁ ଉଦ୍ଧାର କରିବା ପାଇଁ ପ୍ରତି ବର୍ଷ ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ଭାଇ, ଭଉଣୀ ଓ ଶ୍ରୀସୁଦର୍ଶନଙ୍କ ସହ ନବଦିନାତ୍ମିକ ଯାତ୍ରା କରିଥାନ୍ତି। ଏହି ଯାତ୍ରାକୁ ରଥଯାତ୍ରା, ଘୋଷଯାତ୍ରା, ମହାବେଦୀ ମହୋତ୍ସବ, ପତିତପାବନ ଯାତ୍ରା, ଉତ୍ତରାଭିମୁଖୀ ଯାତ୍ରା, ନବଦିନାତ୍ମିକା ଯାତ୍ରା, ଦଶାବତାର ଯାତ୍ରା, ଗୁଣ୍ଡିଚା ମହୋତ୍ସବ ଓ ଆଡ଼ପ ଯାତ୍ରାଦି ନାମରେ ନାମିତ କରାଯାଇଛି। ବିଭିନ୍ନ ମତରେ ଏହି ଯାତ୍ରାର ଆଠଗୋଟି ଅଙ୍ଗ ରହିଛି, ଯାହାକୁ ଅଷ୍ଟାଙ୍ଗ ବିଧି କୁହାଯାଏ। ଏହାର ପ୍ରଥମ ବିଧି ହେଉଛି ସ୍ନାନ ଉତ୍ସବ, ଦ୍ୱିତୀୟଟି ଅନବସର, ତୃତୀୟ ନବଯୌବନ ଦର୍ଶନ ବା ନେତ୍ରୋତ୍ସବ, ଚତୁର୍ଥ ଶ୍ରୀଗୁଣ୍ଡିଚା, ପଞ୍ଚମ ହେରାପଞ୍ଚମୀ, ଷଷ୍ଠ ଆଡ଼ପ ପର୍ବ, ସପ୍ତମ ବାହୁଡ଼ା ଯାତ୍ରା ଏବଂ ଅଷ୍ଟମଟି ନୀଳାଦ୍ରି ବିଜେ। ପୁନରାୟ ଏହି ରଥଯାତ୍ରାକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇଛି। ଯଥା: ଏକ ଅନ୍ତର୍ବେଦୀ, ଦୁଇ ମହାବେଦୀ ମହୋତ୍ସବ, ତିନି ଆଡ଼ପ ଉତ୍ସବ, ଚାରି ଦକ୍ଷିଣାମୁଖୀ ଉତ୍ସବ ଓ ପାଞ୍ଚ ନୀଳାଦ୍ରି ବିଜେ। ଏହାକୁ ଗୁଣ୍ଡିଚା ପଞ୍ଚକ କୁହଯାଏ।

ଉପରୋକ୍ତ ଅଷ୍ଟ ଅଙ୍ଗ ମଧ୍ୟରୁ ଚତୁର୍ଥ ଅଙ୍ଗ ବା ଶ୍ରୀଗୁଣ୍ଡିଚା ଦିନ ଚତୁର୍ଦ୍ଧାମୂର୍ତ୍ତି ତିନି ଗୋଟି ସୁସଜ୍ଜିତ ରଥରେ ନିଜର ଜନ୍ମ ସ୍ଥାନକୁ ନବଦିନ ପାଇଁ ଯାତ୍ରା ଆରମ୍ଭ କରିଥାନ୍ତି। ଉକ୍ତ ନଅ ଦିନ ମଧ୍ୟରୁ ସାଧାରଣତଃ ଘୋଷଯାତ୍ରା ଓ ବାହୁଡ଼ା ଯାତ୍ରାକୁ ବାଦଦେଲେ ସାତ ଦିନ ପର୍ଯ୍ୟନ୍ତ ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁମାନେ ଅବସ୍ଥାନ କରିଥାନ୍ତି। ଏହି ମନ୍ଦିରକୁ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପାଟରାଣୀ ତଥା ଶ୍ରୀଜଗନ୍ନାଥଙ୍କ ମା' ଗୁଣ୍ଡିଚା ଦେବୀଙ୍କ ନାମ ଅନୁସାରେ ନାମିତ ହୋଇଛି। କିନ୍ତୁ ଦାରୁବ୍ରହ୍ମଙ୍କ ବିଗ୍ରହ ନିର୍ମାଣ ପୂର୍ବରୁ ଏହା ଏକ ମଣ୍ଡପ ଥିଲା ବୋଲି କଥିତ ରହିଛି। କିନ୍ତୁ ପୁରାଣମାନଙ୍କରେ ଏହି ମଣ୍ଡପକୁ ଆଡ଼ପ ମଣ୍ଡପ ବୋଲି ବର୍ଣ୍ଣନା କରାନଯାଇ ଯଜ୍ଞବେଦୀ ଓ ମହାବେଦୀ ବୋଲି ଉଲ୍ଲେଖ କରାଯାଇଛି ଏବଂ ଶ୍ରୀଚୈତନ୍ୟ ଚରିତାମୃତରେ ଏହି ସ୍ଥାନକୁ ନିତ୍ୟ ବୃନ୍ଦାବନ ବୋଲି ମଧ୍ୟ କୁହାଯାଇଛି।

ଶ୍ରୀଜଗନ୍ନାଥଙ୍କ ପାବନ ରଥଯାତ୍ରା ମଧ୍ୟ ଜ୍ୟୋତିଷିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବହନ କରେ। ପବିତ୍ର ଘୋଷଯାତ୍ରା ଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ଅବଧିକୁ ବୈଦିକ ଜ୍ୟୋତିର୍ବିଦମାନେ ଅନ୍ୟ ଏକ ମତ ପ୍ରଦାନ କରିଛନ୍ତି। ସେହିମାନଙ୍କ ମତ ଅନୁସାରେ ଜ୍ୟୋତିଷିକ ତତ୍ତ୍ୱରେ ଗ୍ରହଜଗତ ନଅଗୋଟି ଗ୍ରହଙ୍କୁ ନେଇ ଗଠିତ ହୋଇଛି। ଯଥା- ରବି, ଚନ୍ଦ୍ର, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି, ରାହୁ ଓ କେତୁ। ଯେତେବେଳେ ଚତୁର୍ଦ୍ଧାମୂର୍ତ୍ତି ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ରଥାରୂଢ଼ ହୋଇ ଶ୍ରୀମନ୍ଦିର ଛାଡ଼ି ଘୋଷଯାତ୍ରାରେ ନବଦିନ ପର୍ଯ୍ୟନ୍ତ ଗୁଣ୍ଡିଚା ମନ୍ଦିରକୁ ଯାଆନ୍ତି ; ଏହି ଯାତ୍ରା ମଧ୍ୟରେ ଶ୍ରୀଜଗନ୍ନାଥ ସପ୍ତାହର ପ୍ରତ୍ୟେକ ବାରମାନଙ୍କୁ ଆବୃତ୍ତ କରିଥାନ୍ତି। ସେହିଦିନ ଗୁଡିକ ଗ୍ରହମଣ୍ଡଳର ଗ୍ରହମାନଙ୍କ ନାମରେ ନାମିତ। ଯେପରି ରବିଙ୍କ ଉଦ୍ଦେଶ୍ୟରେ ରବିବାର, ଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ସୋମବାର, ମଙ୍ଗଳଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର, ବୁଧଙ୍କ ଉଦ୍ଦେଶ୍ୟରେ ବୁଧବାର, ଦେବଗୁରୁ ବୃହସ୍ପତିଙ୍କ ଉଦ୍ଦେଶ୍ୟରେ ଗୁରୁବାର, ଶୁକ୍ରଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଓ ଶନିଙ୍କ ଉଦ୍ଦେଶ୍ୟରେ ଶନିବାର। ଏ ମାସର ଶୁକ୍ଳ ତୃତୀୟା ତିଥିରେ ଯେଉଁ ବାର ପଡ଼େ , ସେହିଦିନ ଶ୍ରୀଜଗନ୍ନାଥ ସେହିବାରର ପ୍ରତୀକ ଗ୍ରହଙ୍କ ରୂପେ ଗୁଣ୍ଡିଚା ମନ୍ଦିରରେ ପୂଜା ପାଆନ୍ତି। ଯେପରି ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଘୋଷଯାତ୍ରା ଦିନ ରବିବାର ହେଲେ ତୃତୀୟା ଦିନଟି ସୋମବାର ହୋଇଥାଏ। ଉକ୍ତ ତୃତୀୟାଠାରୁ ଶ୍ରୀଜଗନ୍ନାଥ ଆଗାମୀ ରବିବାର ପର୍ଯ୍ୟନ୍ତ ସପ୍ତାହ ବ୍ୟାପି ପ୍ରତ୍ୟେକ ଗ୍ରହଙ୍କ ନିର୍ଦ୍ଦିଷ୍ଟ ଗ୍ରହ ସ୍ୱରୂପରେ ଗୁଣ୍ଡିଚା ମନ୍ଦିରରେ ପୂଜା ପାଆନ୍ତି। ଯେପରି ସୋମବାର ଦିନ ଚନ୍ଦ୍ରଙ୍କ ସ୍ୱରୂପରେ, ମଙ୍ଗଳବାର ଦିନ ମଙ୍ଗଳଙ୍କ ସ୍ୱରୂପରେ, ବୁଧବାର ଦିନ ବୁଧଙ୍କ ସ୍ୱରୂପରେ, ଗୁରୁବାର ଦିନ ବୃହସ୍ପତିଙ୍କ ସ୍ୱରୂପରେ, ଶୁକ୍ରବାର ଦିନ ଶୁକ୍ରଙ୍କ ସ୍ୱରୂପରେ, ଶନିବାର ଦିନ ଶନିଙ୍କ ସ୍ୱରୂପରେ ଓ ରବିବାର ଦିନ ରବିଙ୍କ ସ୍ୱରୂପରେ। କିନ୍ତୁ ରାହୁ ଏବଂ କେତୁ ଉଭୟ ଛାୟାଗ୍ରହ ହେତୁ ଏମାନଙ୍କ ସ୍ୱତନ୍ତ୍ର ବାର ନଥାଏ। ତେଣୁ ପ୍ରଥମ ଘୋଷଯାତ୍ରା ଓ ଶେଷ ବାହୁଡ଼ା ଏ ଦୁଇ ଦିବସକୁ ରାହୁ ଓ କେତୁଙ୍କ ପାଇଁ ନିର୍ଦ୍ଦିଷ୍ଟ ନିର୍ଣ୍ଣୟ କରି ଗ୍ରହରାଜ ରୂପେ ପୂଜା ମଧ୍ୟ କରାଯାଏ।

ଶ୍ରୀବିଗ୍ରହମାନେ ଯେତେ ବେଳେ ଆଡ଼ପ ମଣ୍ଡପରେ ଅବସ୍ଥାନ କରିଥାନ୍ତି। ସେ' ସମୟରେ ଦର୍ଶନାର୍ଥୀ ତଥା ଭକ୍ତମାନେ ସେଠାରେ ସମବେତ ହେବା ପୂର୍ବକ ବ୍ରତ ପାଳନ, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ସ୍ନାନ ଓ ତ୍ରିକାଳ ଦର୍ଶନ କରିବାର ପ୍ରଶସ୍ତି ରହିଛି। ସେଭଳି ମଧ୍ୟ ସନ୍ଧ୍ୟା ବା ରାତ୍ରିକାଳୀନ ଦର୍ଶନରେ ମହାପୂଣ୍ୟ ହୋଇଥାଏ ବୋଲି ପୁରାଣ ଓ ଶାସ୍ତ୍ରମାନଙ୍କରେ ବର୍ଣ୍ଣନା ରହିଛି। ଯଥା :

**ଦିବତଦ୍ ଦର୍ଶନଂ ପୁଣ୍ୟଂ ରାତ୍ରୌ ଦଶଗୁଣଂ ଭବେତ୍
ସପ୍ତାହଂ ଯୋ ନରୋନାରୀ ନ ସା ପ୍ରାକୃତ ମାନୁଷୀ। (ସ୍କନ୍ଧ/୩୪ ଅଧ୍ୟାୟ)
ଅତ୍ର ସ୍ଥଳେ ନକ୍ତକାଳେ ଯେ ପଶ୍ୟନ୍ତି ସୁପୂଜିତାନ୍
ବୈକୁଣ୍ଠ ଭୂବନେ ନିତ୍ୟଂ ତେ ବସନ୍ତି ନ ସଂଶୟଃ। (ବାମଦେବ ସଂହିତା, ୧୭ ଅଧ୍ୟାୟ)**

ଶାସ୍ତ୍ରାନୁଯାୟୀ ନବମୀ ଦିନ ମହାବେଦୀ ବା ଆଡ଼ପ ମଣ୍ଡପରେ ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟା ଦର୍ଶନ କଲେ ଅତ୍ୟନ୍ତ ପୁଣ୍ୟ ମିଳିଥାଏ। ନୀଳାଦ୍ରି ମହୋଦୟରେ ବର୍ଣ୍ଣିତ ହୋଇଛି ଯେ, ନୀଳାଚଳରେ ଶ୍ରୀବିଗ୍ରହମାନଙ୍କୁ ଦଶ ବର୍ଷ ପର୍ଯ୍ୟନ୍ତ ପୂଜା ବା ଦର୍ଶନ କଲେ ଯେଉଁ ଫଳ ମିଳିଥାଏ, ସେହି ଫଳ ମହାବେଦୀ ବା ଆଡ଼ପ ମଣ୍ଡପରେ ଗୋଟିଏ ଦିନ ଦର୍ଶନ କଲେ ପ୍ରାପ୍ତ ହୁଏ। ବିଶେଷତଃ ରାତ୍ରିକାଳୀନ ଏକ ଦିନର ଦର୍ଶନରେ ଉକ୍ତ ଫଳ ଦଶଗୁଣ ପରିବର୍ଦ୍ଧିତ ହୋଇଥାଏ। ଏଣୁ କୁହାଯାଇଛି: 'ନୀଳାଦ୍ରୌ ଶତବର୍ଷାଣି ଆଡ଼ପେ ମଣ୍ଡପେ ଦିନେ'। ଏହି ଉକ୍ତିକୁ ସ୍ମରଣ କରି ସନ୍ଧ୍ୟା ଦର୍ଶନ ଦିନ ଭକ୍ତମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ , ଦୀପ ପ୍ରଜ୍ୱଳନ , ବ୍ରାହ୍ମଣମାନଙ୍କୁ ମହାପ୍ରସାଦ ସେବନରେ ଆପ୍ୟାୟିତ କରିଥିବା ଜଣାଯାଏ। ଏହି ପ୍ରଥା ବହୁ ପୁରାତନ ସମୟରୁ ପ୍ରଚଳିତ ହୋଇ ଆସୁଅଛି। ବିଶ୍ୱାସ ରହିଛି ଯେ ଉକ୍ତ ନବମୀ ତିଥିରେ ଭକ୍ତରାଜ ଶ୍ରୀହନୁମାନ ଏବଂ ଶ୍ରୀରାମଙ୍କ ପରମ ମିତ୍ର ଶ୍ରୀବିଭୀଷଣ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ସନ୍ଧ୍ୟା ସମୟରେ ଆସିଥାନ୍ତି। ଉକ୍ତଦିନ ଠାକୁରମାନଙ୍କ ବଡ଼ ସିଂହାର ନୀତି ବଢିବାପରେ ଶ୍ରୀମୁଖରେ ଖଣ୍ଡୁଆ ପକାଯାଇ ପୁଷ୍ପାଳକମାନେ ବାହାରକୁ ଆସିଥାନ୍ତି। ଏହାପରେ କୋଠ ସୁଆଁସିଆ ସିଂହାସନଠାରେ ଚାରମାଳ ବନ୍ଧା କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଦଇତାପତିମାନେ ଗୁପ୍ତ ନୀତି ପାଇଁ ପ୍ରସ୍ତୁତ ହୋଇଥାନ୍ତି।

# ରଥରୁ ରତ୍ନବେଦୀ: ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶାଶ୍ୱତ ନୀଳାଦ୍ରି ବିଜେ



ଅର୍ଚ୍ଚିତା ଦାସ
ମୋ-୯୯୩୮୬୯୬୪୯୯
ଭୁବନେଶ୍ୱର

ଆଷାଢ଼ ଶୁକ୍ଳ ତ୍ରୟୋଦଶୀ ତିଥିରେ ଅନୁଷ୍ଠିତ ହେଉଥିବା 'ନୀଳାଦ୍ରି ବିଜେ' ହେଉଛି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ସର୍ବଶେଷ, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଆବେଗପୂର୍ଣ୍ଣ ପର୍ବ। 'ନୀଳାଦ୍ରି' କହିଲେ ଶ୍ରୀମନ୍ଦିର ବା ନୀଳାଚଳ ଧାମକୁ ବୁଝାଏ ଏବଂ 'ବିଜେ' କହିଲେ ଆଦରର ସହ ପ୍ରବେଶ କରିବାକୁ ବୁଝାଏ। ପୂରା ନବଦିନାତ୍ମକ (ନଅ ଦିନର) ରଥଯାତ୍ରା ସାରି, ଗୁଣ୍ଡିଚା ଘରର ଜନ୍ମବେଦୀରୁ ବାହୁଡ଼ି ଆସିବା ପରେ, ଚତୁର୍ଦ୍ଧାମୂର୍ତ୍ତି ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନ ନିଜର ଅସଲ ନିବାସ ସ୍ଥାନ 'ରତ୍ନସିଂହାସନ'କୁ ଫେରିବା ପ୍ରକ୍ରିୟାକୁ ନୀଳାଦ୍ରି ବିଜେ କୁହାଯାଏ। ବାହୁଡ଼ା ଯାତ୍ରା ପରେ ତିନି ରଥ ସିଂହଦ୍ୱାର ଆଗରେ ରହିବା ସମୟରେ ପ୍ରଥମେ ଏକାଦଶୀ ଦିନ ରଥ ଉପରେ ଦେବତାମାନଙ୍କ ପ୍ରସିଦ୍ଧ 'ସୁନାବେଶ' ବା ରାଜରାଜେଶ୍ୱର ବେଶ ହୋଇଥାଏ, ଏବଂ ପରଦିନ ଅର୍ଥାତ୍ ଦ୍ୱାଦଶୀ ଦିନ ରଥର ରକ୍ଷକ ଦେବଦେବୀଙ୍କ ପାଇଁ 'ଅଧରପଣା' ଭୋଗ ଲଗାଯାଇ ରଥ ଉପରେ ହାଣ୍ଡି ଭଙ୍ଗାଯାଏ। ଏସବୁ ମହାନ ନୀତିକାନ୍ତି ସମ୍ପନ୍ନ ହେବା ପରେ ତ୍ରୟୋଦଶୀ ଦିନ ଠାକୁରମାନେ ରଥ ଛାଡ଼ି ମନ୍ଦିର ଭିତରକୁ ବିଜେ କରନ୍ତି। ନୀଳାଦ୍ରି ବିଜେର ସବୁଠାରୁ ବଡ଼ ବିଶେଷତା ହେଉଛି 'ଗୋଟି ପହଣ୍ଡି'। ରଥଯାତ୍ରା ବା ଗୁଣ୍ଡିଚା ପହଣ୍ଡି ଦିନ 'ଧାଡ଼ି ପହଣ୍ଡି' ହୋଇଥାଏ, ଯେଉଁଥିରେ ସମସ୍ତ ଠାକୁର ଏକାସାଙ୍ଗରେ ଗୋଟିଏ ପରେ ଗୋଟିଏ ରଥକୁ ବିଜେ କରନ୍ତି। ମାତ୍ର ନୀଳାଦ୍ରି ବିଜେ ଦିନ ନିୟମ ଅଲଗା। ଏଠାରେ ଜଣେ ଠାକୁର ରଥରୁ ଓହ୍ଲାଇ ଗର୍ଭଗୃହକୁ ଯାଇ ରତ୍ନସିଂହାସନରେ ବିରାଜମାନ କରିସାରିବା ପରେ ଯାଇ ଅନ୍ୟ ଜଣେ ଠାକୁରଙ୍କ ପହଣ୍ଡି ଶୋଭାଯାତ୍ରା ଆରମ୍ଭ ହୁଏ। ସବୁଠାରୁ ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ ସେବକମାନଙ୍କ କାନ୍ଧରେ ବିଜେ ହୋଇ ମନ୍ଦିର ଭିତରକୁ ଯାଆନ୍ତି। ତାଙ୍କ ପଛକୁ ବଡ଼ଠାକୁର ଶ୍ରୀବଳଭଦ୍ର ସାପ୍ତାହିକ ଯାତ୍ରାର କ୍ଳାନ୍ତି ଭୁଲି ଗମ୍ଭୀର ଚାଲିରେ ରତ୍ନବେଦୀ ଆଡ଼କୁ ଅଗ୍ରସର ହୁଅନ୍ତି। ତା'ପରେ ଦେବୀ ସୁଭଦ୍ରା ସ୍ନେହ ଆଦରର ସହ ନିଜ ଆସନକୁ ଯାଆନ୍ତି ଏବଂ ସର୍ବଶେଷରେ ବିଜେ ହୁଅନ୍ତି ଜଗତର ନାଥ ଶ୍ରୀଜଗନ୍ନାଥ। ଘଣ୍ଟ, କାହାଳୀ, ହରିବୋଲ ଓ ହୁଳହୁଳିର ଶବ୍ଦରେ ବଡ଼ଦାଣ୍ଡର ବାୟୁମଣ୍ଡଳ ଏକ ଅପୂର୍ବ ଦିବ୍ୟ ଭାବନାରେ କମ୍ପିତ ହୋଇଉଠେ। ଏହି ସୁନ୍ଦର ଗୋଟି ପହଣ୍ଡି ସମୟରେ ଜଗନ୍ନାଥ ସଂସ୍କୃତିର ଏକ ଅତି ମନୋରମ ମାନବୀୟ ଲୀଳା ଦେଖିବାକୁ ମିଳେ, ଯାହାକୁ 'ଲକ୍ଷ୍ମୀ-ନାରାୟଣ କଳି' ବା 'ଦ୍ୱାର ରୋଧ' କୁହାଯାଏ। ମହାପ୍ରଭୁ ଜଗନ୍ନାଥ ଯେତେବେଳେ ଭାଇ-ଭଉଣୀଙ୍କୁ ସାଙ୍ଗରେ ନେଇ ଗୁଣ୍ଡିଚା ଘରକୁ ଯାଇଥିଲେ, ସେତେବେଳେ ନିଜ ପତ୍ନୀ ମା' ମହାଲକ୍ଷ୍ମୀଙ୍କୁ ସାଙ୍ଗରେ ନେଇ ନଥିଲେ। ଏହି ବିରହ, ଆସଙ୍ଗ ଓ ଅଭିମାନରେ ମା' ଲକ୍ଷ୍ମୀ ଅତ୍ୟନ୍ତ କୋପିତ ହୋଇଥିଲେ। ବଳଭଦ୍ର ଓ ସୁଭଦ୍ରା ଶ୍ରୀମନ୍ଦିର ଭିତରକୁ ଯିବା ସମୟରେ ମା' ଲକ୍ଷ୍ମୀ କୌଣସି ବାଧା ଦିଅନ୍ତି ନାହିଁ, ମାତ୍ର ଜଗନ୍ନାଥ ଶ୍ରୀମନ୍ଦିରର ଜୟ-ବିଜୟ ଦ୍ୱାର ନିକଟରେ ପହଞ୍ଚିବା କ୍ଷଣି ମା' ଲକ୍ଷ୍ମୀଙ୍କ ଆଦେଶରେ ସେହି ଦ୍ୱାର ବନ୍ଦ କରିଦିଆଯାଏ। ଏହାପରେ ଦୁହିଁଙ୍କ ସେବକମାନଙ୍କ ମଧ୍ୟରେ ଗୀତ ଓ କାବ୍ୟ ଆକାରରେ ଅଭିନବ ଯୁକ୍ତିତର୍କ ଚାଲେ, ଯାହାକୁ 'ବଚନିକା' କୁହାଯାଏ। ଲକ୍ଷ୍ମୀଙ୍କ ପକ୍ଷରୁ ପ୍ରଭୁଙ୍କୁ ବିଭିନ୍ନ ଅଭିଯୋଗ ଓ କଟୁ ବାକ୍ୟ କୁହାଯାଏ ଏବଂ ଜଗନ୍ନାଥଙ୍କ ପକ୍ଷରୁ ଶାନ୍ତ ଓ ପ୍ରେମପୂର୍ଣ୍ଣ ଭାବେ ମାନ ଭାଙ୍ଗିବାକୁ ଚେଷ୍ଟା କରାଯାଏ। ସମସ୍ତ ଅଭିମାନ ଓ ଯୁକ୍ତିତର୍କର ମଧୁର ଅନ୍ତ ଘଟାଇବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଏକ ଅତି ସୁନ୍ଦର ଉପାୟ ଆପଣାନ୍ତି। ସେ ମା' ଲକ୍ଷ୍ମୀଙ୍କ ଅଭିମାନ ଭାଙ୍ଗିବା ପାଇଁ ତାଙ୍କୁ ଉପହାର ସ୍ୱରୂପ ଅତି ସ୍ୱାଦିଷ୍ଟ 'ରସଗୋଲା' ଖୁଆଇ ଦିଅନ୍ତି। ରସଗୋଲାର ମିଷ୍ଟତା ଓ ଜଗନ୍ନାଥଙ୍କ ପ୍ରେମପୂର୍ଣ୍ଣ ସମର୍ପଣରେ ମା' ଲକ୍ଷ୍ମୀ ଶାନ୍ତ ହୁଅନ୍ତି, ସେ କ୍ରୋଧ ଭୁଲି ଦ୍ୱାର ଖୋଲିଦିଅନ୍ତି ଏବଂ ମହାପ୍ରଭୁ ଆନନ୍ଦର ସହ ଗର୍ଭଗୃହକୁ ପ୍ରବେଶ କରନ୍ତି। ଏହି ପୌରାଣିକ ବିଧିକୁ ଆଧାର କରି ନୀଳାଦ୍ରି ବିଜେ ଦିନଟି ସମଗ୍ର ଓଡ଼ିଶାରେ 'ଉତ୍କଳ ରସଗୋଲା ଦିବସ' ଭାବେ ମଧ୍ୟ ପାଳିତ ହୁଏ। ଶେଷରେ, ଚତୁର୍ଦ୍ଧାମୂର୍ତ୍ତି ରତ୍ନସିଂହାସନରେ ପୁନର୍ବାର ବିରାଜମାନ ହେବା ପରେ ଶ୍ରୀମନ୍ଦିରରେ ନିତ୍ୟ ନୀତିକାନ୍ତି, ଆବଶ୍ୟକୀୟ ପୂଜାପାଠ ଓ ମହାପ୍ରସାଦ (ଅନ୍ନଭୋଗ) ରୋଷେଇ ପୁନର୍ବାର ଆରମ୍ଭ ହୁଏ। ନୀଳାଦ୍ରି ବିଜେ କେବଳ ଠାକୁରଙ୍କ ଘରବାହୁଡ଼ା ନୁହେଁ, ଏହା ହେଉଛି ଭକ୍ତ-ଭଗବାନ, ଦାମ୍ପତ୍ୟ ପ୍ରେମ ଓ ଓଡ଼ିଆ ସଂସ୍କୃତିର ମଧୁରତାର ଏକ ଅନୁପମ ମହାମିଳନ।

# ଆଡ଼ପ ମଣ୍ଡପରେ ପ୍ରଭୁଙ୍କ ଦର୍ଶନ : ଆଧ୍ୟାତ୍ମିକ ମହିମା



ସିତାଂଶୁ ଶେଖର ମିଶ୍ର
ସୋନପୁର, ଶାନ୍ତି ନଗର
ଦୂରଭାଷ.୮୧୪୪୮ ୭୦୭୨୯

ଶ୍ରୀଜଗନ୍ନାଥ ସଂସ୍କୃତିରେ ରଥଯାତ୍ରା କେବଳ ଏକ ପର୍ବ ନୁହେଁ, ବରଂ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏକ ଅନନ୍ୟ ଆଧ୍ୟାତ୍ମିକ ସମ୍ପର୍କର ପ୍ରତୀକ। ଏହି ପବିତ୍ର ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ରତ୍ନସିଂହାସନରୁ ବିଜେ କରି ଗୁଣ୍ଡିଚା ବା ଆଡ଼ପ ମଣ୍ଡପକୁ ଯାଇଥାନ୍ତି। ସେଠାରେ ସାତରୁ ନଅ ଦିନ ପର୍ଯ୍ୟନ୍ତ ବିରାଜମାନ ହୋଇ ଭକ୍ତମାନଙ୍କୁ ବିଭିନ୍ନ ଦିବ୍ୟ ବେଶରେ ଦର୍ଶନ ଦେଇଥାନ୍ତି। ଶାସ୍ତ୍ର, ପରମ୍ପରା ଓ ଲୋକବିଶ୍ୱାସ ଅନୁଯାୟୀ ଆଡ଼ପ ମଣ୍ଡପରେ ପ୍ରଭୁଙ୍କ ଦର୍ଶନ ଅତ୍ୟନ୍ତ ପୁଣ୍ୟଦାୟକ ଏବଂ ମୋକ୍ଷପ୍ରଦ ବୋଲି ବିବେଚିତ ହୋଇଥାଏ।

ଶ୍ରୀକ୍ଷେତ୍ର ପୁରୀର ଗୁଣ୍ଡିଚା ମନ୍ଦିରରେ ପ୍ରଭୁଙ୍କ ଆଡ଼ପ ଦର୍ଶନର ମହିମା ସମଗ୍ର ଜଗନ୍ନାଥ ଭକ୍ତ ସମାଜ ମଧ୍ୟରେ ସୁପରିଚିତ। ପୁରାତନ ବିଶ୍ୱାସ ରହିଛି ଯେ, ଏହି ସମୟରେ ପ୍ରଭୁଙ୍କ ଦର୍ଶନ କଲେ ଅନେକ ଜନ୍ମର ପୁଣ୍ୟଫଳ ଲାଭ ହୁଏ। ଯେଉଁ ଭକ୍ତମାନେ ପୁରୀ ଯାଇ ଆଡ଼ପ ଦର୍ଶନ କରିପାରନ୍ତି ନାହିଁ, ସେମାନେ ନିଜ ଅଞ୍ଚଳରେ ପ୍ରଭୁଙ୍କ ଆଡ଼ପ ମଣ୍ଡପ ଦର୍ଶନ କରି ସମାନ ଆଧ୍ୟାତ୍ମିକ ଶାନ୍ତି ଓ ପୁଣ୍ୟଫଳ ଲାଭ କରନ୍ତି ବୋଲି ଜନବିଶ୍ୱାସ ରହିଛି।

ପବିତ୍ର ଦେବଭୂମି ସୁବର୍ଣ୍ଣପୁର, ଯାହା 'ଦ୍ୱିତୀୟ ବାରାଣସୀ' ଭାବରେ ପରିଚିତ, ସେଠାରେ ମଧ୍ୟ ଆଡ଼ପ ମଣ୍ଡପ ପରମ୍ପରା ଅତ୍ୟନ୍ତ ପ୍ରାଚୀନ ଓ ଗୌରବମୟ। ରାଜା-ରାଜୁଡ଼ାଙ୍କ ସମୟରୁ ସହରର ତିନୋଟି ପ୍ରମୁଖ ସ୍ଥାନରେ ପ୍ରଭୁଙ୍କ ଆଡ଼ପ ବିଜେ ହୋଇଆସୁଛି। ଗୁଣ୍ଡିଚା ଆଡ଼ପ ମଣ୍ଡପରେ ବଡ଼ ଜଗନ୍ନାଥ, ରାମଧୁନ ଆଡ଼ପ ମଣ୍ଡପରେ ପ୍ରଭୁ ଦଧିବାବନ ଏବଂ ଶ୍ରୀ ଶ୍ରୀ ବୃନ୍ଦାବନ ବିହାରୀ ନିଜ ମନ୍ଦିରର ଚନ୍ଦନ ଆଡ଼ପ ମଣ୍ଡପରେ ବିରାଜମାନ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ଏହି ତିନୋଟି ଆଡ଼ପ ମଣ୍ଡପ ସୁବର୍ଣ୍ଣପୁରର ଜଗନ୍ନାଥ ପରମ୍ପରାର ମୁଖ୍ୟ କେନ୍ଦ୍ର ଭାବେ ପରିଗଣିତ। ସମୟର ପ୍ରବାହରେ ସହରର ବିଭିନ୍ନ ଅଞ୍ଚଳରେ ନୂତନ ନୂତନ ଶ୍ରୀଜଗନ୍ନାଥ ମନ୍ଦିର ଗଢ଼ି ଉଠିଛି ଏବଂ ସେହି ମନ୍ଦିରଗୁଡ଼ିକରେ ମଧ୍ୟ ଆଡ଼ପ ମଣ୍ଡପ ପରମ୍ପରା କ୍ରମେ ବିସ୍ତାର ଲାଭ କରିଛି। ବିଶେଷକରି ସୁବର୍ଣ୍ଣମେରୁ ମନ୍ଦିର ପରିସରରେ ନିର୍ମିତ ନୂତନ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରଭୁ ଥନାପତିପଡ଼ା ଆଡ଼ପ ମଣ୍ଡପକୁ ବିଜେ କରି ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି, ଯାହା ବର୍ତ୍ତମାନ ଶ୍ରଦ୍ଧାଳୁମାନଙ୍କର ଏକ ପ୍ରମୁଖ ଆକର୍ଷଣ କେନ୍ଦ୍ର ପାଲଟିଛି।

ଏହି ସମସ୍ତ ଆଡ଼ପ ମଣ୍ଡପରେ ରଥଯାତ୍ରା ପରଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ପ୍ରଭୁଙ୍କ ବିଭିନ୍ନ ଦଶାବତାର ବେଶ, ଲୀଳାମୟ ରୂପ ଓ ଆଧ୍ୟାତ୍ମିକ ପରମ୍ପରାର ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ଏହି ପରମ୍ପରା କେବଳ ଧାର୍ମିକ ଆସ୍ଥାର ପ୍ରକାଶ ନୁହେଁ, ବରଂ ସୁବର୍ଣ୍ଣପୁରର ଜଗନ୍ନାଥ ସଂସ୍କୃତିର ଜୀବନ୍ତ ଐତିହ୍ୟ ଓ ସାମାଜିକ-ସାଂସ୍କୃତିକ ଏକତାର ଅନନ୍ୟ ପ୍ରତୀକ ଭାବେ ଆଜି ମଧ୍ୟ ଅବିରତ ଭାବେ ପ୍ରବାହିତ ହୋଇଆସୁଛି। ଆଡ଼ପ ମଣ୍ଡପରେ ପ୍ରଭୁ ମତ୍ସ୍ୟ, କୂର୍ମ, ବରାହ, ନୃସିଂହ, ବାମନ, ପରଶୁରାମ, ରାମ, ବଳରାମ, ବୁଦ୍ଧ ଓ କଳ୍କି ଆଦି ଦଶାବତାର ବେଶ ଧାରଣ କରିଥାନ୍ତି। ପ୍ରତ୍ୟେକ ବେଶ ଧର୍ମର ପ୍ରତିଷ୍ଠା, ଅଧର୍ମର ବିନାଶ ଏବଂ ମାନବଜାତିର କଲ୍ୟାଣର ବାର୍ତ୍ତା ବହନ କରିଥାଏ। ଏହି ବେଶ ଦର୍ଶନ ମାଧ୍ୟମରେ ଭକ୍ତମାନେ କେବଳ ଭକ୍ତିର ଆନନ୍ଦ ନୁହେଁ, ବରଂ ଭାରତୀୟ ଧର୍ମ, ଦର୍ଶନ ଓ ସଂସ୍କୃତିର ଗଭୀର ତତ୍ତ୍ୱ ସମ୍ପର୍କରେ ଅବଗତ ହୋଇଥାନ୍ତି। ସୁବର୍ଣ୍ଣପୁରରେ ଦୀର୍ଘକାଳ ଧରି ଏକ ଦୃଢ଼ ଜନବିଶ୍ୱାସ ପ୍ରଚଳିତ ଅଛି ଯେ, ପୁରୀର ଗୁଣ୍ଡିଚା ଆଡ଼ପ ମଣ୍ଡପରେ ପ୍ରଭୁଙ୍କ ଦର୍ଶନର ଯେଉଁ ପୁଣ୍ୟଫଳ ମିଳେ, ତାହା ସୁବର୍ଣ୍ଣପୁରର ଗୁଣ୍ଡିଚା ଆଡ଼ପ ମଣ୍ଡପରେ ଦର୍ଶନ କଲେ ମଧ୍ୟ ଲାଭ ହୋଇଥାଏ। ଏହି ବିଶ୍ୱାସ କେବଳ ଲୋକକଥାରେ ସୀମିତ ନୁହେଁ; ବରଂ ପ୍ରତିବର୍ଷ ଆଡ଼ପ ମଣ୍ଡପଗୁଡ଼ିକରେ ଦେଖାଯାଉଥିବା ଅପାର ଜନସମାଗମ ଏହାର ଜୀବନ୍ତ ପ୍ରମାଣ। ଦୂରଦୂରାନ୍ତରୁ ଭକ୍ତମାନେ ଆସି ପ୍ରଭୁଙ୍କ ଦର୍ଶନ କରି ନିଜକୁ ଧନ୍ୟ ମନେ କରିଥାନ୍ତି।

ଆଡ଼ପ ମଣ୍ଡପ ପରମ୍ପରା ସୁବର୍ଣ୍ଣପୁରର ଧାର୍ମିକ ଓ ସାଂସ୍କୃତିକ ଐତିହ୍ୟର ଏକ ଅମୂଲ୍ୟ ସମ୍ପଦ। ଏହା କେବଳ ଏକ ଧାର୍ମିକ ଆୟୋଜନ ନୁହେଁ, ବରଂ ଜଗନ୍ନାଥ ସଂସ୍କୃତିର ସାର୍ବଜନୀନତା, ସମନ୍ୱୟବାଦ ଓ ଭକ୍ତି ଭାବନାର ଏକ ଜୀବନ୍ତ ପ୍ରତୀକ। ଆଡ଼ପ ମଣ୍ଡପରେ ପ୍ରଭୁଙ୍କ ଦର୍ଶନ ଭକ୍ତମାନଙ୍କ ମନରେ ଆଧ୍ୟାତ୍ମିକ ଶାନ୍ତି, ନୈତିକ ଚେତନା ଓ ଦିବ୍ୟ ଆନନ୍ଦ ସଞ୍ଚାର କରିଥାଏ। ଏହି ପରମ୍ପରା ଯୁଗେ ଯୁଗେ ସୁବର୍ଣ୍ଣପୁରକୁ ଜଗନ୍ନାଥ ଭକ୍ତିର ଏକ ମହାନ କେନ୍ଦ୍ର ଭାବରେ ପ୍ରତିଷ୍ଠିତ କରିଆସିଛି।



ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

# କଥା

ବେଳେବେଳେ ନିରୋଳା ସମୟ ଦେଖି ମୁଁ ମୋ ହାତ, ଗୋଡ଼, ପେଟ- ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ସହିତ କଥା ହୁଏ। ଗୋଡ଼କୁ କହେ, ବାବୁମାନେ ଭଲ ଅଛ ତ! ୬୫ ବର୍ଷ ହେଲା ମୋ ଭାର ବୋହିଲଣି – ଥକି ଯିବଣି !

ଗୋଡ଼ ମୋତେ କହେ, ହଁ, ଏବେ ତମେ ଚଲାବୁଲା ଟିକେ କମ କର।

ମୁଁ କହିଲି, ମୁଁ କଣ ଚଲାବୁଲା କରିବାକୁ ଚାହୁଁଛି, ଡାକ୍ତର ପରା କହୁଛନ୍ତି। ପ୍ରତିଦିନ ସକାଳେ ସନ୍ଧ୍ୟାରେ ଚାଲ। ବାଧ ହୋଇ ଚାଲିବାକୁ ପଡୁଛି। ଚାଲ ଆଜି ଟିକେ ସୋରିଷ ତେଲରେ ରସୁଣ ଫୁଟେଇ ମାଲିସ କରି ଦେବି।

ହାତକୁ କହେ, ବୁଢ଼ା ହେଲୁଣି ନା କ'ଣ – ବଳ କାହିଁକି କମି ଯାଉଛି ତୋର? ଏତେ ଶୀଘ୍ର କଣ ଥକି ଯାଉଛୁ ? ଆହୁରି ବହୁତ କାମ କରିବାକୁ ବାକି ଅଛି। ଆହୁରି ବହୁତ ଲେଖିବାକୁ ବାକି ଅଛି।

ହାତ କହେ, ତମେ କେତେ ଲେଖୁଛ? କାହିଁକି ଏତେଗୁଡାଏ ଲେଖୁଛ ? ଆଜିକାଲି ପଢୁଛି କିଏ କହିଲ – ଖାଲି ରାମ୍ପି ପକାଉଛ ! ଚୁପ ହୋଇ ବସୁନ!

ମୁଁ କହିଲି, ନା। ମୋତେ ଆହୁରି ବହୁତ ଲେଖିବାର ଅଛି। ତୁ ଜାଣିଛୁ ଜର୍ମାନ ଲେଖକ ଗଏଟେ (Johann Wolfgang von Goethe) ୮୨ ବର୍ଷ ବୟସରେ ତାଙ୍କ ଜୀବନର ଶ୍ରେଷ୍ଠ କୃତି 'ଫଅଷ୍ଟ'ର ଦ୍ୱିତୀୟ ଭାଗ ଶେଷ କରିଥିଲେ। ରବିନ୍ଦ୍ରନାଥ ୮୦ ବର୍ଷ ବୟସରେ ଲେଖିଥିଲେ 'ସଭ୍ୟତାର ସଙ୍କଟ'...

– ସେମାନେ ବଡ଼ ବଡ଼ ଲେଖକ। କାହିଁ ରବୀନ୍ଦ୍ରନାଥ ଆଉ କାହିଁ ...

– ସେମିତି କହ ନା। ସେ .. ସେ। ମୁଁ .. ମୁଁ। ବଗିଚାରେ ଗୋଲାପ ଫୁଟିଛି ବୋଲି କଣ ଘାସଫୁଲ ଫୁଟିବା ବନ୍ଦ କରିଦେବ! ତୁ ଲେଖିଚାଲ। ଯେତେଦିନ ଗାଡି ଚାଲୁଛି ... ଚାଲୁ।

ପେଟକୁ କହେ, ଆବେ ଏତେ ଫୁଲୁଛୁ କାହିଁକି ? ପାଞ୍ଚ ଲୋକ ମୋତେ ଥଟ୍ଟା କରୁଛନ୍ତି। ବାଟରେ ଗଲାବେଳେ ବାଲୁଙ୍ଗା ପିଲାଏ ମୋତେ ମୋଟାପେଟା ବୋଲି ଚିଡ଼ଉଚନ୍ତି। ପେଟ ଗୁଡୁ ଗୁଡୁ ହୋଇ ମୋତେ କହିଲା, ନିଜେ ଚାରି ଓଳି ପେଟେ ଲେଖାଏଁ ଖାଇଯାଉଛ, ମୋତେ କହୁଛ ଫୁଲୁଛ କାହିଁକି! ମୁଁ କହିଲି, ଚୁପ କର। ନ ଖାଇଲେ ଦେହରେ ବଳ ପାଇବ କେମିତି

– ତା ବୋଲି ଏତେ ଖାଇବ !

– ଆରେ, ପତ୍ନୀ ଏତେ ସୁଆଦିଆ କରି ରାନ୍ଧୁଛନ୍ତି, ନ ଖାଇଲେ ତାଙ୍କ ମନ ଖରାପ ହେବନି ...। ତାଙ୍କ ମନ ଖରାପ କଲା ଭଳି କିଛି କାମ କଲେ ଏ ବୟସରେ ବୁଝୁଛୁଟି କି ଅବସ୍ଥା ହେବ !

ଏଇ ସମୟରେ ପତ୍ନୀ ଆସି ପହଞ୍ଚିଲେ। କହିଲେ, ଏକୁଟିଆ ବସି କଣ ବକର ବକର ହେଉଛ!

– ଏଇ ତମ ରୋଷେଇ କଥା କହୁଥିଲି ..

– କାହାକୁ ?

– ପେଟକୁ।

– ମାନେ ?

– ମାନେ .. କିଛି ନୁହେଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୯୨

## ସଞ୍ଜୟଙ୍କର ଶାନ୍ତି ପ୍ରସ୍ତାବ-୨



ବ୍ରାହ୍ମଣଙ୍କ କଥା ପରେ ଭୀଷ୍ମ କହିଲେ "ଈଶ୍ୱରଙ୍କୁ ଧନ୍ୟବାଦ, ପଣ୍ଡୁ ପୁତ୍ରମାନେ ନିରାପଦରେ ଅଛନ୍ତି । ମୁଁ ଶୁଣିଛି, ଏକ ବିଶାଳ ସେନାବାହିନୀ ସେମାନେ ଗଠନ କରିଛନ୍ତି । ତଥାପି ସେମାନେ ଯୁଦ୍ଧ ଚାହାଁନ୍ତିନାହିଁ । ଏହା ଏକ ଶୁଭ ଲକ୍ଷଣ । ବର୍ତ୍ତମାନ ଏକମାତ୍ର ପଥ ହେଉଛି, ପଣ୍ଡୁ ପୁତ୍ରମାନଙ୍କୁ ସେମାନଙ୍କ ଅଂଶ ଦିଆଯାଉ ।"

ଭୀଷ୍ମ ଏପରି କହିବା ପରେ ଚିହିଁକି ଉଠିଲେ କର୍ଣ୍ଣ । ଚଢ଼ା ଗଳାରେ କହିଲେ- ହେ ବ୍ରାହ୍ମଣ ଦୂତ! ନୂଆ କଥା ତୁମେ କିଛି କହିନାହଁ । ଥରେ ପଶା ଖେଳରେ ରାଜ୍ୟ ହରେଇବା ପରେ ସେମାନଙ୍କର ଅଧିକାର ଆସିଲା କେଉଁଠୁ? ଯଦି ଯୁଧିଷ୍ଠିର ଚାହୁଁଛନ୍ତି, ଯେ ନିଜେ ଆସି ଉପହାର ସ୍ୱରୂପ ମାଗିପାରନ୍ତି । ସେପରି ନକରି, ମତ୍ସ୍ୟ ଓ ପାଞ୍ଚାଳ ରାଜାଙ୍କ ବଳରେ ବଳିୟାନ ହୋଇ ଧମକ ଦେଉଛନ୍ତି ! ମୁଁ କହିଦେଉଛି, ଦୁର୍ଯ୍ୟୋଧନ ଧମକ ଆଗରେ ନୁଆଁଇବେନାହିଁ । କିଛି ସେମାନଙ୍କୁ ଦିଆଯାଇ ପାରିବନାହିଁ ।

କର୍ଣ୍ଣଙ୍କ ଉଚ୍ଚ ସ୍ୱରରେ କଥାର ମୃଦୁ ପ୍ରତିବାଦ କଲେ ଭୀଷ୍ମ । କହିଲେ- ସେପରି କୁହନାହିଁ । ଯୁଦ୍ଧ କୌଣସି ସମୟରେ କାହାର ମଙ୍ଗଳ କରେନା । କେବଳ ଧ୍ୱଂସ ଆଉ ଧ୍ୱଂସ ।

କର୍ଣ୍ଣ ଓ ଭୀଷ୍ମଙ୍କର କଥା କଟାକଟି ପରେ, ସଭାସ୍ଥଳ ଗୁଞ୍ଜରି ଉଠିଲା । ବାଧ ହୋଇ ଧୃତରାଷ୍ଟ୍ର ହସ୍ତକ୍ଷେପ କଲେ । କହିଲେ, "ବ୍ରାହ୍ମଣ! ମୁଁ ଠିକ୍ କରିଛି, ଏହି ସମ୍ବନ୍ଧରେ ମୁଁ ସଞ୍ଜୟଙ୍କୁ ପାଣ୍ଡବମାନଙ୍କ ପାଖକୁ ପଠେଇବି । ତୁମେ ଫେରିଯାଅ ଓ ଏହି କଥା ଯୁଧିଷ୍ଠିରଙ୍କୁ ଜଣେଇବ ।"

ଏଥିସହ ସେ ସଞ୍ଜୟଙ୍କୁ ପାଖକୁ ଡାକିଲେ । "ସଞ୍ଜୟ ! ତୁମେ ପାଣ୍ଡବମାନଙ୍କ ପାଖକୁ ଶାନ୍ତିର ବାର୍ତ୍ତା ନେଇ ଯାଅ । ସେମାନଙ୍କୁ ମୋର ଗଭୀର ସ୍ନେହ ଜଣେଇବ ଏବଂ କୃଷ୍ଣ, ଦ୍ରୁପଦ, ସାତ୍ୟକିମାନଙ୍କୁ ସମ୍ମାନ ଜଣେଇବ । ମୋ କଥା କହିବ । କହିବ, ଧୃତରାଷ୍ଟ୍ର ଯୁଦ୍ଧର ବିରୋଧୀ । ତୁମେ ମୋ ତରଫରୁ ଶାନ୍ତିର ବାର୍ତ୍ତା ଜଣେଇବ । ଈଶ୍ୱର ସମସ୍ତିଙ୍କୁ ଭଲରେ ରଖନ୍ତୁ ।" ବ୍ରାହ୍ମଣ ଦୂତ କଥା ବନ୍ଦ କଲେ । (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ବାହୁଡ଼ା ଯାତ ପାଇଁ ଗହଳି

*ମହେନ୍ଦ୍ର କୁମାର ଘଡ଼େଇ*



ଆଷାଢ଼ ଶୁକ୍ଳ ଦଶମୀ ଆଣି
ଆସିଛି ହସ ଖୁସି
ବାହୁଡା ଯାତ ପାଇଁ ଗହଳି
କରେ କେ' କାହୁଁ ଆସି ।
ଶୀରିମନ୍ଦିର ଯିବେ ସାଆନ୍ତେ
ଗୁଣ୍ଡିଚା ଘର ଛାଡ଼ି
ଚତୁର୍ଦ୍ଧା ଦିଅଁ ସଅଳ ସଜ
ହେଲେଣି ଲାଗିପଡ଼ି ।
ଭକତ ହାତେ ରଥ ଗଡ଼ିବ
ଘିଡ଼ିରି ଘିଡ଼ି ହୋଇ
ପୋଡ଼ ପିଠାକୁ ଖୁଆଇବାକୁ
ମାଉସୀ ଥିବ ଚାହିଁ ।
ଭକତ ମନ ଖୋଲି ଦେଖିବେ
ଶରଧାବାଲି ପରେ

ସିଂହ ଦୁଆର ପାଖେ ବାହୁଡ଼ା
ରଥ ଲାଗିଲା ପରେ ।
ଆରସନକୁ ଡୋରି ଲଗାଇ
ନେବାକୁ ଅଳି କରି
ମନ ଦୁଃଖରେ ଫେରଇ ଘର
ପିଲା ଛୁଆଙ୍କୁ ଧରି ।
ଜାତି ଧରମ ଭାଷା ବେଶର
ବିଭେଦ ରଖିନାହିଁ
ଗୁହାରିଆର ମନକୁ ବୁଝି
ଫଳଧରାଏ ସାଇଁ ।
କୂଟ କପଟ ଛାଡ଼ି ନିର୍ମଳ
ମନରେ ଡାକ ଥରେ
ଅଭାବ ଦୁଃଖ ଦୁଷ୍ଟ ଶକତି
ଯାଉ ଆମଠୁଁ ଦୂରେ ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*

# ବାହୁଡ଼ା ଯାତରା

*ଜୟନ୍ତ କୁମାର ମଲ୍ଲିକ୍*

ଆଜି ପ୍ରଭୁଙ୍କର ବାହୁଡ଼ା ଯାତରା
ଗୁଣ୍ଡିଚା ପରିକା ଭିଡ଼-
ବଡ଼ଦାଣ୍ଡେ ଭକ୍ତ ରୁଣ୍ଡ ହୋଇଛନ୍ତି
ଛାଡ଼ି ନିଜ ନିଜ ନୀଡ,
ବଡ ଦେଉଳକୁ ବାହୁଡ଼ିବା ପାଇଁ
ମନ ହୁଏ ହାଇଁପାଇଁ-
ଭାଇ ଭଉଣୀଙ୍କୁ ସାଙ୍ଗରେ ନେଇକି
ରଥେ ବିଜେ ଲକ୍ଷ୍ମୀସାଇଁ,
ଜନମ ବେଦୀରୁ ହୋଇଣ ବାହାର
ଭକତ ବତ୍ସଳ ହରି-
ରତନ ବେଦୀରେ ବସିବା ନିମନ୍ତେ
ଫେରନ୍ତି ସୁବେଶ ଧରି,
ଯେତେ ଚାହିଁଲେ ବି ଭୁଲି ହୁଏନାହିଁ
ମାଉସୀ ଘରର ସୁଖ-
ଆଖି ଆଇନାରେ ନାଚେ ବାର ବାର
ତାର ଲୁହ ବୋଳା ମୁଖ,
ରାଗେ ଗର ଗର ଲକ୍ଷ୍ମୀ ଠାକୁରାଣୀ
ତାଙ୍କ ଦେଉଳରେ ବସି-
ରସଗୋଲା ଖୋଇ ମନେଇବେ ତାଙ୍କୁ
ମହାପ୍ରଭୁ ହସି ହସି,
ତିନି ଠାକୁର ତ ହେବେ ସୁନାବେଶ
ଦେଖିବେ ମରତ ବାସୀ ।

*ଶୁଝିହ, ନନ୍ଦପୁର, ଦଶରଥପୁର, ଯାଜପୁର*
*ମୋ-୯୪୩୭୮୬୫୭୨୭*

# ବାହୁଡ଼ିବେ ମୋ କାଳିଆ ସୁନା

*କୀର୍ତ୍ତନ ସାହୁ*



ଜନମ ବେଦୀରେ ରହିଛି
ଭାଇ ଭଉଣୀ ମେଳେ
ଆଡ଼ପ ଅବଢ଼ା ହେଉଛି
ପୂଜା ବିଧିର ବେଳେ ।

ବରଷକେ ଥରେ ଆସିବେ
ଜଗା ମନର କଥା
ଗୁଣ୍ଡିଚା ମନ୍ଦିରେ ରହିବେ
ବିଧି ବ୍ୟବସ୍ଥା ଯଥା ।

ସାତ ଦିନ ସେଠି ରହଣି
ନଅ ଦିନରେ ଫେରି
ମାଉସୀଙ୍କ ପିଠା ଖାଇବେ
ଆଉ ନକରି ଡେରି ।

ବାହୁଡିବେ ରତନ ବେଦୀ
ଜଗା କାଳିଆ ଏବେ
ରସଗୋଲା ଦେଇ ଲକ୍ଷ୍ମୀଙ୍କୁ
କୋପ କମାଇ ଦେବେ ।

ଶ୍ରୀମନ୍ଦିର ପୁଣି ହସିବ
କୋଳେ ପ୍ରଭୁଙ୍କୁ ପାଇ
ପଣ୍ଡା ପଡ଼ିହାରୀ ଲାଗିବେ
ନିଜ କାମରେ ଯାଇ ।

ଧନ୍ୟ ହେ କାଳିଆ ଧନ୍ୟ ହେ
ତୁମ ମାନବ ଲୀଳା
ସାରା ସଂସାରଟା ଚାଲିଛି
ଏତ ତୁମରି ଖେଳା ।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*



# ବଡ଼ ଠାକୁର ଆସିବେ ଫେରି

*ସୁଜିତ କୁମାର ମିଶ୍ର*

ବଡ ଠାକୁର ଆସିବେ ଫେରି
ହସିବ ଶ୍ରୀମନ୍ଦିର,
ବାହୁଡା ଯାତ୍ରା କରିବେ ସିଏ
ଲଗାଇ ଭାବ ଡୋର ।

ସଙ୍ଗରେ ଥିବେ ବଳିଆ ଭାଇ
ଭଗ୍ନୀ ସୁଭଦ୍ରା ପରା,
ଭକତ ଜନ ଭକତି ଗୀତେ
ପୁରି ଉଠିବ ଧରା ।

ଦେଖାଦେବେ ସେ ସବୁରି ପାଶେ
ହୋଇଣ ସୁନାବେଶ,
ଦିଶୁଥିବେ ସେ ଆମରି ମଧ୍ୟେ
ଆପଣା ରାଜାଧିଶ ।

ନିଳାଦ୍ରି ବିଜେ କରିବେ ଯାଇଁ
ବସିବେ ସିଂହାସନେ,
ପୁଣି ପାଇବେ ପୁଣ୍ୟ ଭକ୍ତିରେ
ପୂଜା ସେ ପ୍ରତୀକ୍ଷଣେ ।

ମାଆ ଲକ୍ଷ୍ମୀଙ୍କ ଭାଙ୍ଗିବ ପୁଣି
ପୂରୁବ ଅଭିମାନ
ଶୁଣି ପ୍ରଭୁଙ୍କ ବାହୁଡା ଯାତ୍ରା
ମନ୍ଦିର ଆଗମନ ।

ନଥିଲେ ବୋଲି ମନ୍ଦିରେ ପ୍ରଭୁ
ଝରୁନଥିଲା ଶାନ୍ତି,
ଆସିବେ ବୋଲି ଦେଖ ବହୁଛି
ମଳୟ ଅସରନ୍ତି ।

ତୁମ ବାହୁଡା ଯାତ୍ରା ସହିତ
ବାହୁଡି ଯାଉ ଦୁଃଖ,
ତୁମେ ସବୁରି ହୃଦୟେ ପରା
ସବୁଠୁ ବଡ ସୁଖ ।

*ଜନାର୍ଦ୍ଦନପୁର, ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

# କାନ୍ଦେ ଶୂନ୍ୟ ଶ୍ରୀମନ୍ଦିର

*ସୁଧାକର ରାଉତ*



ଭକତଙ୍କ ଡାକ ଏଡି ନ ପାରିଣ
ଗଲ ଜନ୍ମବେଦୀ ବୁଲି
ତୁମ ଗଲାପରେ ଶିରୀମନ୍ଦିର କି
ପାରଇ ତୁମକୁ ଭୁଲି ।

ଭକ୍ତଙ୍କ ବିହୁନେ ସାରା ମନ୍ଦିରଟା
ଲାଗେ ଏବେ ଖାଆଁ ଖାଆଁ
ରତ୍ନବେଦୀଟା ବି ପଡ଼ିଅଛି ଶୂନ୍ୟ
ଭୁଲିଗଲାଣି ତା ନାଆଁ ।

ପଣ୍ଡା, ପଢିଆରୀ, ଦଇତାପତିଏ
ବସିଛନ୍ତି ହାତ ବାନ୍ଧି
ଘଣ୍ଟି, ଘଣ୍ଟା, ହରିବୋଲ ନ ଶୁଣିଣ
ମନ ହୋଇଯାଏ ରୁନ୍ଧି ।

ମହାଲକ୍ଷ୍ମୀ ମା' ଗୁମୁରି କାନ୍ଦନ୍ତି
ଠାକୁରଙ୍କୁ ସ୍ମରି ସ୍ମରି
କୋଳାହଳ ଶୂନ୍ୟ ଆନନ୍ଦ ବଜାର
କାନ୍ଦୁଅଛି ଝୁରି ଝୁରି ।

ବାଇଶି ପାହାଚ ଶୂନ୍ୟ ଆକାଶକୁ
ଚାହିଁଅଛି ମନ ମାରି
ତାହାର ସୌଭାଗ୍ୟ ସତେ କେତେ ଶୀଘ୍ର
କେଜାଣି ଆସିବ ଫେରି ।

ପାଳିଆ ସେବକ ମନ୍ଦିର ବେଢ଼ାରେ
ପକାନ୍ତିଟି ଦୀର୍ଘଶ୍ୱାସ
କାଳିଆ ସାଆନ୍ତେ ଗଲା ଦିନ ଠାରୁ
ନାହିଁ ଆଉ ଭୋକ ଶୋଷ ।

ପତିତ ପାବନ ବାନା ଉଡ଼ି କହେ
ନକାରାତ୍ମକତା ଛାଡ଼ି
ବିଭୂ ଉପସ୍ଥିତି ଉପଲବ୍ଧି କର
ନିଜକୁ ଭାବରେ ଯୋଡ଼ି ।

ଭକତ ତାଙ୍କର ସେ ବି ଭକତର
ଜାଣି ଏ ଗୁପତ କଥା
ନବଦିନ ଯାତ୍ରା ସାରି ସେ ଆସିବେ
ଦୂରକର ମନୁବ୍ୟଥା ।

ଭକ୍ତଙ୍କ ଗହଳ ଚହଳ ଲାଗିବ
ଶୂନ୍ୟତା ବି ଯିବ ହଜି
ଶ୍ରୀ ମନ୍ଦିର ଶିରୀ ପୁଣି ଲେଉଟିବ
ଭକ୍ତେ ଯିବେ ଭାବେ ଭିଜି ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

# ଟାଣିବି ବାହୁଡ଼ା ରଥ

*ନିରଞ୍ଜନ ସାହୁ*



ବାହୁଡ଼ା ରଥ ମୁଁ ଟାଣିବି ଠାକୁରେ
ବାହୁଡ଼ା ରଥ ମୁଁ ଟାଣିବି
ରଥରେ ନଡ଼ିଆ ଭାଙ୍ଗିବା ପାଇଁ ମୁଁ
ଶରଧାରେ କିଣି ଆଣିବି ।
ଗୁଣ୍ଡିଚା ରାଣୀଙ୍କୁ ବିଦାୟ ମାଗିବ
ସୁମଧୁର ବାଣୀ ଭାଷିକି
ବାହୁଡ଼ା ତିଥିରେ ରଥରେ ବସିବ
ଆଡପ ମଣ୍ଡପୁ ଆସିକି ।
ପହଣ୍ଡି ବିଜୟେ ଝୁଲି ଝୁଲି ଯେବେ
ରଥାରୁଢ଼ ତୁମେ ହୋଇବ
ତୁମକୁ ରଥରେ ଦେଖିଦେବା ପରେ
ଲୁହ ମୋ ଆଖିକୁ ଧୋଇବ ।

ମନର କଥା ମୁଁ କହିବି ତୁମକୁ
ଅନ୍ତରକୁ ଖୋଲି ଦେଇକି
ହରିବୋଲ ଦେଇ ନାଚିବି ଠାକୁରେ
ତୁମ ଆଗେ ଥେଇଥେଇକି ।
ରଥରେ ତୁମରି ନୀତିକାନ୍ତି ଯେତେ
ଯେତେବେଳେ ପ୍ରଭୁ ସରିବ
ତୁମରି ଏ କୁନି ଭକ୍ତ ସେତେବେଳେ
ହାତରେ ଦଉଡି ଧରିବ ।
ଡାହୁକ ଡାକିବ ହାତେ ବେତ ଧରି
ଭକତେ ରଥକୁ ଟାଣିବେ
ଭିଡ଼ ଭିତରେ ମୁଁ ରଥ ଟାଣୁଥିବି
ଠାକୁରେ ନିଶ୍ଚୟ ଜାଣିବେ ।

ରଥ ଗଡ଼ିଗଡ଼ି ଅଟକିବ ଯାଇ
ତୁମରି ଦେଉଳ ଆଗରେ
ତୁମେ କହୁଥିବ, 'ହେ ଭକତ ମୋର
ମନଇଚ୍ଛା ଯାହା ମାଗରେ ।'
ମାଗି ଜାଣିନାହିଁ କଅଣ ମାଗିବି
ଏକଥା ତ ତୁମେ ଜାଣିଛ
କୃପା କରି ମୋତେ ରଥ ଟାଣିବାକୁ
ତୁମରି ପାଖକୁ ଆଣିଛ ।
ମୋହରି ମନରେ ତୁମ ପ୍ରତି ପ୍ରଭୁ
ଚିରକାଳ ଥାଉ ଭକତି
ତୁମେ ଅଟ ମୋର ମୁଁ ଅଟେ ତୁମର
ଦିଅ ବିଦ୍ୟା, ବୁଦ୍ଧି, ଶକତି ।

*ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ଜନମ ବେଦିରେ ଜଗା ଦର୍ଶନ

*ପ୍ରଫୁଲ୍ଲ କୁମାର ସାହୁ*

ମୋ ଜଗା ବସିଛି ଜନମ ବେଦିରେ
ଭାଇ ଭଉଣୀକୁ ନେଇ,
ଭକତ କରନ୍ତି ସେ ଦିବ୍ୟ ଦର୍ଶନ
ଗୁଣ୍ଡିଚା ମନ୍ଦିର ଯାଇ ।୧।

ରାଣୀ ଗୁଣ୍ଡିଚା ଯେ ମାଗିଥିଲେ ବର
ଶ୍ରୀମନ୍ଦିର ମାୟା ଭୁଲି,
ଭାଇ ଭଉଣୀଙ୍କ ସାଥେ ଜଗନ୍ନାଥ
ଆସିବେ ଏଠାକୁ ବୁଲି ।୨।

ରାଣୀ ଗୁଣ୍ଡିଚାଙ୍କ କଥା ରକ୍ଷା କରି
ପ୍ରଭୁ କାଳିଆ ସାଆନ୍ତ,
ଭକତ ମେଳରେ ଗହଳ ଲଗାଇ
ଆସନ୍ତି ଯେ ଚଢ଼ି ରଥ ।୩।

ଆଷାଢ଼ ମାସର ଶୁକ୍ଳ ଦ୍ୱିତୀୟାରେ
ରତ୍ନ ସିଂହାସନ ଛାଡ଼ି,
ତିନୋଟି ରଥରେ ଭାଇ ଭଉଣୀ ଯେ
ଆସନ୍ତି ଗୁଣ୍ଡିଚା ବାଡ଼ି ।୪।

ଜନମ ବେଦିରେ ଦିଅନ୍ତି ଦର୍ଶନ
ରାଣୀ ମା'ଙ୍କ କଥା ରଖି,
ବାହୁଡ଼ା ଦଶମୀ ତିଥିରେ ଫେରନ୍ତି
ଘୋଷ ଯାତ ତା'ର ସାକ୍ଷୀ ।୫।

ଗୁଣ୍ଡିଚା ମନ୍ଦିରେ ସନ୍ଧ୍ୟା ଦରଶନ
କରିଲେ ଜୀବନେ ଥରେ,
ପୁନର୍ଜନ୍ମ ହୁଏ ନାହିଁ ବୋଲି କଥା
ଲେଖା ଅଛି ପୁରାଣରେ ।୬।

ଆସରେ ସଙ୍ଗାତ ଆସ ଆରେ ମିତ
ସାଥୀ ହୋଇ ଆମେ ଯିବା,
ଜନମ ବେଦିରେ ଜଗା ଦରଶନ
ସଭିଏଁ ମିଶି କରିବା ।୭।

*ରାଜ୍ୟ ପୁରସ୍କୃତ ପ୍ରାକ୍ତନ ପ୍ରଧାନ ଶିକ୍ଷକ, ଶକ୍ତିବିହାର/ବାଲିପଡ଼ା, ମାହାଙ୍ଗା, କଟକ*
*ମୋ-୭୬୦୯୦୪୪୩୮୩*

# ବାହୁଡ଼ା ଦେଖିବୁ

*ଗୋପୀନାଥ ଦାଶ*



କୁନା କୁନି ଦୁହେଁ କଥା ହେଉଥିଲେ
ବାହୁଡ଼ିବେ ଚତୁର୍ଦ୍ଧା ମୂରତି
ଘିଡ଼ି ଘିଡ଼ି ହୋଇ ଗଡୁ ଥିବ ରଥ
ଚାଲିଥିବ ରୀତିନୀତି ।
ଅମ ଗାଁରେ ବି ରଥ ଉପରକୁ
ଚଢିବେ ତିନି ଠାକୁର
ନୂଆଁ ଜାମା ପିନ୍ଧି ଦେଖିଯିବୁ ଆମେ
ଅଥୟ ମନ ଆମର ।
ମନ ମତାଣିଆ ଜିନିଷ କେତେ ଯେ
ଯାତରାରେ ମିଳିଯିବ
ବାପା ମାଆ ସାଥେ ବାହୁଡ଼ା ଦେଖିବୁ
କେତେ ଭିଡ଼ ଜମିଥିବ ।
ରଥ ଦଉଡିକୁ ଧରି ଟାଣି ଦେବୁ
କି ଆନନ୍ଦ ଲାଗୁଥିବ
ଘଣ୍ଟ ଘଣ୍ଟି ଶଙ୍ଖ କାହାଳୀ ବାଜୁଥିବ
ରଥ ଆଗକୁ ବଢୁଥିବ ।
ଏମିତି ଠାକୁର ପାଇବ କାହିଁ ଯେ
ଦେଉଳ ଛାଡି ଦିଅନ୍ତି ଦର୍ଶନ
ଗୁହାରି କରିବୁ ହାତ ଯୋଡି ଆମେ
ଦେଉଥିବେ ବୁଦ୍ଧି ଜ୍ଞାନ ।

*ବରପାଲିପଡ଼ା, ବଲାଙ୍ଗୀର*
*ମୋ-୬୩୭୧୮୦୫୦୭୦*

# କହିଲ ଦେଖି

*ଜଗଦୀଶ ସାହୁ*

ଶରଧା ବାଲିରୁ ଶିରୀମନ୍ଦିର
ତିନି ରଥ ଗଡେ କେଡେ ସୁନ୍ଦର
ଆନନ୍ଦିତ ହୁଏ ମହୀ
ଚତୁର୍ଦ୍ଧା ମୂରତୀ ଘରକୁ ଫେରନ୍ତି
ପର୍ବ ନାମ ଦିଅ କହି ।

ଆଡ଼ପ ମଣ୍ଡପ ଲୀଳା ସାରି ଦିଅଁ
ବାହୁଡ଼ି ଆସିବା କାଳେ
ବାଟରେ ଅଟକି ରହେ ନନ୍ଦିଘୋଷ
କାଳିଆର ଇଚ୍ଛା ବଳେ
ଶରଧାରେ ଯିଏ ଖୁଆଇ ଦିଅନ୍ତି
ସାଆନ୍ତଙ୍କୁ ପୋଡ଼ ପିଠା
ମାଆ ନୁହେଁ ସିଏ ମାଆ ଭଳି ସେଇ
ଡାକରେ ଭରିଛି ମିଠା
କାଳିଆ ଭକତ ଯିଏ
ଉତ୍ତର କହିବ ସିଏ ।

ରୁଣୁଝୁଣୁ ବାଜେ କାନ ଝୁମୁକା
ରଥ ଉପରକୁ ନଜର ପକା
ବଳିଆ କାଳିଆ ସୁଭଦ୍ରା ଗୋରୀ
ମହଣ ମହଣ ସୁନାପିନ୍ଧି ଦିଅଁ
ଭକତ ମନକୁ କରନ୍ତି ଚୋରୀ
ଏକାଦଶୀ ଦିନ ହୁଏ ବେଶ
ନାଆଁଟି ତାହାର କହ ଉମେଶ ।

*ସଂଜପଡା, ହିନ୍ଦୋଳ, ଢେଙ୍କାନାଳ-୭୫୯୧୨୮*
*ମୋ-୯୦୭୮୧୮୫୬୧୬*

# ନାଆଁ ତା ବାହୁଡ଼ା ଯାତ

*ନୀଳମଣି ଚାନ୍ଦ*



ଜଗନ୍ନାଥ ଧର୍ମ, ସଂସ୍କୃତି ସହିତ
ଯୋଡି ହୋଇଅଛି ସିଏ
ଆଷାଢ଼ ଶୁକ୍ଳ ଦଶମୀରେ ଆସେ
କୁହରେ ନ ଜାଣେ କିଏ ?

ଚାରମାଳ ବନ୍ଧା, ପହଣ୍ଡି ଆଉରେ
ଛେରାପହଁରା ବି ହୁଏ
ରଥଯାତ୍ରା ଠାରୁ କେଉଁ ଗୁଣରେ ତ
ବାହୁଡ଼ାଟି କମ୍ ନୁହେଁ ।

ଆଗରେ ଚାଲଇ ତାଳଧ୍ୱଜ ରଥ
ନନ୍ଦିଘୋଷ ପଛେ ଥାଏ
ଦେବଦଳନଟି ମଝିରେ ଚାଲଇ
ଭକ୍ତ ଜୟ ଜୟ ଗାଏ ।

ଗୁଣ୍ଡିଚା ଘରରୁ ବଡ଼ ଦେଉଳକୁ
ଦିଅଁ ତ ଯାଆନ୍ତି ଫେରି
ଶ୍ରୀନଅର ଆଗେ ଲକ୍ଷ୍ମୀ ନାରାୟଣ
ଭେଟ ବିଧିକୁରେ ସାରି ।

ଏଇ ଯାତ ସାଥେ ଯୋଡ଼ା ପୋଡ଼ପିଠା
ଆଉ ରସଗୋଲା ପରା
ପତିପତ୍ନୀଙ୍କର ମାନ ଅଭିମାନ
ବୁଝାମଣା ଗାଥା ଭରା ।

ଫେରନ୍ତା ଯାତ୍ରା ଏ, ଆଉ କେ କହନ୍ତି
ଦକ୍ଷିଣାଭିମୁଖୀ ଯାତ୍ରା
ନାଆଁ ତା ବାହୁଡା ଯାତ୍ରାଟି ଜାଣିଲେ
ବଢ଼ିଯାଏ ଖୁସି ମାତ୍ରା ।

*ମନ୍ତ୍ରମାନୋର, ଗୋଠପାଟଣା, ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*



# ଲୋଭୀ କୁକୁର

*ସୁରମା ମିଶ୍ର*

ବୁଲୁଥିଲା ଦିନେ କୁକୁର ଟିଏ
ରାସ୍ତାରୁ ପାଇଲା ମାଂସ ଖଣ୍ଡିଏ
ନଦୀ ପୋଲ ପରେ ସେ ଯାଉଥିଲା
ପାଣିରେ ତାହାର ଛାଇ ପଡ଼ିଲା ॥

ଭାବିଲା ପାଣିରେ ଗୋଟେ କୁକୁର
ମାଂସ ପାଇଁ ପିଛା କରୁଛି ତାର
ଏହା ଭାବି ମନେ ସେ ଭୁକି ଦେଲା
ପାଟିରୁ ମାଂସଟା ଖସି ପଡ଼ିଲା ॥

ମନ ଦୁଃଖେ ସିଏ ଘରକୁ ଗଲା
ପିଲାଙ୍କ ଆଗରେ ସବୁ କହିଲା
ପିଲାଏ କହିଲେ ମାଆ ଲୋ ମାଆ
ଏପରି କାମ ତୁ କରିଲୁ କିଆଁ ॥

ଭୁକିଲେ ତ ପାଟି ହୋଇବ ମେଲା
ସେଥିପାଇଁ ମାଂସ ଖସି ପଡ଼ିଲା
ବୁଦ୍ଧିରେ ଆମଠୁ ବଡ କେ ନାହିଁ
ଏପରି କାମ ତୁ କଲୁ କିମ୍ପାଇଁ ॥

ଆମ ବୁଦ୍ଧି ପାଇଁ ମଣିଷ ଭାଇ
ପାଖରେ ଆମକୁ ସଦା ରଖଇ
ଭଲ ଭଲ ଖାଦ୍ୟ ଖୁଆଇ ଦେଇ
ଅତି ସ୍ନେହ ଦେଇ ପାଳଇ ନେଇ ॥

ନିଜ ଠାରୁ ବେଶୀ ସେ ଭଲ ପାଏ
ନିଜ ପିଲା ପରି ଯତନ ନିଏ
ରୋଗରେ ପଡିଲେ ସେବା କରଇ
ନିୟମିତ ଔଷଧ ଦିଅଇ ॥

ପିଲାମାନେ ଲୋଭ କରିବ ନାହିଁ
ଲୋଭ କଲେ ଅସୁବିଧା ହୁଅଇ
ବୁଝି ବିଚାରି କାର୍ଯ୍ୟ କରିବ
ଅସୁବିଧା କେବେବି ନ ଭୋଗିବ ॥

*ବିଏଲ୍-୩୯, ଭିଏସ୍ଏସ୍ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*



ଡ. ଦ୍ୱିତୀ ଚନ୍ଦ୍ର ସାହୁ

# ପାହାଡ଼ର ଡାକ



କାଶୀପୁରର ରାଉଳିଗାଁ । ଗାଁର ଉପରମୁଣ୍ଡର ଗୋଟିଏ ପାର୍ଶ୍ୱରେ ଲମ୍ବା ରେଳ ଲାଇନ୍ । ଟ୍ରେନ୍‌ଟି ଛୁକ୍‌ଛୁକ୍ କରି ପାହାଡ଼ର ସୁଡ଼ଙ୍ଗରେ ପଶିଯାଏ । ପୁଣି ଅନ୍ୟ ପଟେ ବାହାରି ଆସେ । ଛୋଟ ବେଳୁ ଏହି ଦୃଶ୍ୟ ଦେଖି ତିଲ ମାଝୀ ବହୁତ ଖୁସି ହୁଏ । ତିଲ ଏବେ ହାଇସ୍କୁଲର ଛାତ୍ରୀ । ଖରା ଛୁଟି ପାଇଁ ସେ ହଷ୍ଟେଲ୍‌ରୁ ଗାଁକୁ ଆସିଥିଲା । କିନ୍ତୁ ଗାଁରେ ପହଞ୍ଚି ସେ ଆଶ୍ଚର୍ଯ୍ୟ ହୋଇଗଲା ।

'ଆରେ! ଆମ ପାହାଡ଼ ଗୁଡ଼ିକ ଏତେ ସଫା ହୋଇଗଲା?' ତିଲ ଆଶ୍ଚର୍ଯ୍ୟରେ ପଚାରିଲା ।

ବାପା ଦୀର୍ଘଶ୍ୱାସ ଛାଡ଼ି କହିଲେ- 'ଲୋକେ ଧୀରେ ଧୀରେ ଗଛ କାଟି ଦେଉଛନ୍ତି ମା ।'

ପରଦିନ ଦ୍ୱିପ୍ରହର । ଖରା ଏମିତି ପଡ଼ିଲା ଯେ ମାଟି ତାୱା ପରି ଗରମ । ଏତିକି ବେଳେ ହଠାତ୍ ଜୋର୍‌ରେ ହୁଇସିଲ୍ ମାରି 'ଛୁକ୍‌ଛୁକ୍... ଶବ୍ଦ କରି ଟ୍ରେନ୍‌ଟି ସୁଡ଼ଙ୍ଗ ଭିତରକୁ ପଶିଗଲା । ଅନେକ ସମୟ ଧରି ସେଇ ପାହାଡ଼କୁ ଚାହିଁରହିଲା ସେ । ତିଲର ମନେ ହେଲା ଯେମିତି ପାହାଡ଼ଟି କହୁଛି- 'ମୋର ସବୁଜ ଚାଦର କେଉଁଠି? ମୋତେ ବହୁତ ଗରମ ଲାଗୁଛି...' ।

ତିଲ ଚମକି ଉଠିଲା । ସେ ଦୌଡ଼ି ନିଜ ସାଙ୍ଗମାନଙ୍କୁ ଡାକିଲା । 'ଆସ, ଆସ ! ଆଜି ଆମେ ପାହାଡ଼ର କଥା ଶୁଣିବା !'

ପିଲାମାନେ ହସିହସି କହିଲେ- 'ପାହାଡ଼ ପୁଣି କଥା କହେକି?'

ତିଲ ପାହାଡ଼ ଆଡକୁ ଆଙ୍ଗୁଠି ଦେଖାଇ କହିଲା- 'ଗଛ ଥିଲେ ପାହାଡ଼ ଥଣ୍ଡା ରହେ, ଝରଣା ବହେ, ପକ୍ଷୀ ଗୀତ ଗାଏ । ଗଛ ନଥିଲେ ଗରମ ବଢ଼େ, ବର୍ଷା କମିଯାଏ ।'

ପିଲାମାନେ କହିଲେ- 'ସତ କଥା !'

ତିଲ କହିଲା ଆମେ ଗାଁ ଲୋକଙ୍କୁ ବୁଝେଇବାକୁ ପଡ଼ିବ । ପରେ ସେମାନେ ସଞ୍ଜ ବେଳେ ଗାଁରେ ଏକ ଛୋଟ ନାଟକ କଲେ । ଜଣେ ପିଲା ପାହାଡ଼ ସାଜିଲା । ଆଉ ଜଣେ ଗଛ ଓ ଆଉ ଜଣେ କାଠୁରିଆ । କାଠୁରିଆ ଗଛ କାଟିବା ମାତ୍ରେ ପାହାଡ଼ କାନ୍ଦି ଉଠିଲା- 'ମୋତେ ବଞ୍ଚାଅ... ମୋତେ ପୁଣି ସବୁଜ କର !'

ନାଟକ ଦେଖି ଗାଁର ବଡ଼ମାନେ ମଧ୍ୟ ଭାବୁକ ହୋଇପଡ଼ିଲେ । ତିଲ ଶେଷରେ ଦୁଃଖରେ କହିଲା- 'ଆମଲାଗି ଗାଁ ପାଖ ପାହାଡ଼ ଏମିତି ନିତି କାନ୍ଦୁଛି । ଆଗକୁ ବର୍ଷା ଆସିବ । ଚାଷବାସ କଲାବେଳକୁ ସମସ୍ତେ ଗଛ ଲଗାଇ ତାର ଯତ୍ନ ନେବା । ପାହାଡ଼କୁ ବଞ୍ଚେଇବା !'

ମୁଖିଆ ସ୍ୱର ମିଶାଇ କହିଲେ- 'ହଁ! ଠିକ୍ କଥା ! ପ୍ରତ୍ୟେକ ପରିବାର ନିଜ ନିଜ ଡଙ୍ଗର ଜମିରେ ଅତି କମ୍‌ରେ ପାଞ୍ଚଟି ଗଛ ଲଗାଇବ ।'

ବର୍ଷା ଆସିବାରୁ ତିଲ କହିବା ପ୍ରକାରେ ନିଜ ନିଜ ଡଙ୍ଗର ଜମିରେ ବିହନ ବୁଣିବା ସହ ପରିବାର ଲୋକ ମିଶି ପାଞ୍ଚଟି ଲେଖାଏଁ ଗଛ ଲଗାଇଲେ । ଦଶହରା ଛୁଟିରେ ତିଲ ଗାଁକୁ ଆସିଥିବାବେଳେ ଦିନେ ଟ୍ରେନ୍‌ଟି ସୁଡ଼ଙ୍ଗ ଦେଇ ଗଲା । ତିଲ ପାହାଡ଼ ଆଡ଼କୁ ପୁଣି ଚାହିଁଲା । ତାର ମନେ ହେଲା ପାହାଡ଼ଟି ଏଥର ହସିହସି ଯେମିତି କହୁଛି- 'ଧନ୍ୟବାଦ୍ ତିଲ! ତୁମେ ମୋତେ ପୁଣି ଜୀବନ ଦେଲ ।'

ତିଲ ମୁହଁରେ ହସ ଖେଳିଗଲା । ପାଖରେ ଠିଆ ହୋଇଥିବା ସାଙ୍ଗମାନଙ୍କୁ କହିଲା- 'ଗଛ ଲଗାଇବା କେବଳ ପ୍ରକୃତିକୁ ବଞ୍ଚାଇବା ପାଇଁ ନୁହେଁ, ଏହା ଆମର ଭବିଷ୍ୟତକୁ ସବୁଜ କରିବ ଓ ଆମକୁ ବଞ୍ଚିବାକୁ ଦେବ ।'

ତିଲର କଥାରେ ସମସ୍ତେ ଖୁସି ହୋଇଗଲେ ।

*ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା-୭୬୫୦୦୧*
*ମୋ-୯୪୩୭୯୦୯୬୭୧*

# ଆଜିଠୁ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା : ଭାଗ ନେବେ ୧୨୬ ଜଣିଆ ଭାରତୀୟ ଦଳ




**ନୂଆଦିଲ୍ଲୀ**

ସ୍କଟଲାଣ୍ଡର ଗ୍ଲାସ୍‌ଗୋରେ ଆରମ୍ଭ ହେବ ୨୩ତମ ରାଜ୍ୟଗୋଷ୍ଠୀ କ୍ରୀଡ଼ା। ଦ ହାଇଡ୍ରୋ-ଇନଡୋର ଷ୍ଟାଡିୟମ୍‌ରେ ଗୁରୁବାର କ୍ରୀଡ଼ାର ଶୁଭ ଉଦ୍‌ଘାଟନ ହେବ। ୭୪ଟି ରାଜ୍ୟଗୋଷ୍ଠୀ ଦେଶରୁ ୩୦୦୦ କ୍ରୀଡ଼ାବିତ୍ ଏହି କ୍ରୀଡ଼ା ମହାକୁମ୍ଭରେ ଅଂଶ ଗ୍ରହଣ କରିବେ। ପ୍ରସ୍ତୁତି ଶେଷ ହୋଇଛି। କ୍ରୀଡ଼ାବିତ୍‌ମାନେ ମଧ୍ୟ ପହଞ୍ଚି ସେମାନଙ୍କର ଅଭ୍ୟାସ ଜାରି ରଖିଥିଲେ। ୨୩ ତାରିଖରୁ ହିଁ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହେବ। ଦ୍ୱିତୀୟ ଦିବସରୁ ପଦକ ଇଭେଣ୍ଟ ଆରମ୍ଭ ହେବ।

ଏହି ସଂସ୍କରଣରେ ମାତ୍ର ୧୦ଟି କ୍ରୀଡ଼ାରେ ୨୧୫ଟି ଇଭେଣ୍ଟ ଆୟୋଜିତ ହେବ। କିନ୍ତୁ ପୂର୍ବ ସଂସ୍କରଣରେ ୨୦ଟି କ୍ରୀଡ଼ାରେ ୨୮୩ଟି ଇଭେଣ୍ଟ ରହିଥିଲା। କ୍ରୀଡ଼ାଗୁଡ଼ିକ ହେଲା ବାସ୍କେଟବଲ, ଜିମ୍ନାଷ୍ଟିକ, ଆଥଲେଟିକ୍ସ, ଲନ ବଲ, ବକ୍ସିଂ, ସାଇକ୍ଲିଂ, ଜୁଡ଼ୋ, ନେଟବଲ, ସନ୍ତରଣ ଓ ଭାରୋତ୍ତୋଳନ।

ଓହରିଗଲା ଅଷ୍ଟ୍ରେଲିଆ : ୨୦୨୨ ଏପ୍ରିଲ ମାସରେ ଭିକ୍ଟୋରିଆକୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ ସଂସ୍କରଣର ଆୟୋଜକ ଘୋଷଣା କରାଯାଇଥିଲା। କିନ୍ତୁ ୨୦୨୩ ଜୁଲାଇ ୧୮ ତାରିଖରେ ଭିକ୍ଟୋରିଆ ଆର୍ଥିକ ସମସ୍ୟା ଦେଖାଇ କ୍ରୀଡ଼ା ଆୟୋଜନରୁ ଓହରି ଯାଇଥିଲା। ଭିକ୍ଟୋରିଆ ଓହରି ଯିବା ପରେ ଗୋଲ୍ଡକୋଷ୍ଟ ଆୟୋଜନ ନେଇ ଆଗ୍ରହ ଦେଖାଇଥିଲା। ପରେ ସମାନ କାରଣ ଦେଖାଇ ଓହରି ଯାଇଥିଲା। ୨୦୨୬ରେ କ୍ରୀଡ଼ା ଆୟୋଜନ ନେଇ ଆଶଙ୍କା ଦେଖା ଦେଇଥିଲା। ତେଣୁ ୨୦୨୭ରେ ଏହି ସଂସ୍କରଣ ଖେଳାଯିବା ନେଇ ଯୋଜନା ହେଉଥିଲା। ମାତ୍ର ଏତିକିବେଳେ ସ୍କଟ୍‌ଲାଣ୍ଡ ୧୦ରୁ ୧୩ଟି କ୍ରୀଡ଼ାକୁ ନେଇ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ନେଇ ପ୍ରସ୍ତାବ ଦେଇଥିଲା। ୨୦୨୪ ସେପ୍ଟେମ୍ବର ୧୭ ତାରିଖରେ ସ୍କଟ୍‌ଲାଣ୍ଡକୁ ଆୟୋଜକ ଘୋଷଣା କରାଯାଇଥିଲା।

ନିର୍ମାଣ ହୋଇନି 'କ୍ରୀଡ଼ା ଗ୍ରାମ' : ୧୯୩୦ ମସିହାରୁ କ୍ରୀଡ଼ା ଆୟୋଜିତ ହୋଇ ଆସୁଛି। କିନ୍ତୁ ଆଧୁନିକ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ସ୍କଟ୍‌ଲାଣ୍ଡରେ ସବୁଠୁ ଛୋଟ କ୍ରୀଡ଼ା ଆୟୋଜିତ ହେଉଛି। ୧୦ଟି କ୍ରୀଡ଼ାକୁ ୭ଟି ଭେନ୍ୟୁରେ ଆୟୋଜନ କରାଯିବ। କ୍ରୀଡ଼ାବିତ୍‌ମାନଙ୍କ ପାଇଁ ଏଥର ସ୍ୱତନ୍ତ୍ର ଭାବେ କ୍ରୀଡ଼ା ଗ୍ରାମର ନିର୍ମାଣ କରାଯାଇ ନାହିଁ। ବିଭିନ୍ନ ସ୍ଥାନରେ କ୍ରୀଡ଼ାବିତ୍‌ମାନଙ୍କର ରହିବାର ସୁବିଧା ହୋଇଛି। ଏହାକୁ ମିଶାଇ ଚତୁର୍ଥ ଥର ସ୍କଟ୍‌ଲାଣ୍ଡ କ୍ରୀଡ଼ା ଆୟୋଜନ କରୁଛି। ପୂର୍ବରୁ ୧୯୭୦, ୧୯୮୬ ଓ ୨୦୧୪ରେ ସଫଳତାର ସହ ଆୟୋଜନ କରିଥିଲା।

ପ୍ରଥମ ଥର ଇନ୍‌ଡୋରରେ ଉଦ୍‌ଘାଟନୀ : ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୯୬ ବର୍ଷର ଇତିହାସରେ ପ୍ରଥମ ଥର ଉଦ୍‌ଘାଟନୀ ଉତ୍ସବ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ହେବାକୁ ଯାଉଛି। ଏହାର ଉଦ୍‌ଘାଟନୀ ପୂର୍ବ ସଂସ୍କରଣଗୁଡ଼ିକ ସହ ତୁଳନୀୟ ହେବ ନାହିଁ। ଦ ହାଇଡ୍ରୋ ଷ୍ଟାଡିୟମରେ କ୍ରୀଡ଼ାର ଶୁଭାରମ୍ଭ ହେବ। ଏହା ଏକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍। ସ୍କଟଲାଣ୍ଡ ଗାୟିକା କେଟି ଟୁନଷ୍ଟଲ ଉଦ୍‌ଘାଟନୀରେ ମୁଖ୍ୟ ଆକର୍ଷଣ ସାଜିବେ। ବ୍ରିଟିଶ୍ ରାଜ ପରିବାର ସଦସ୍ୟମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ।

ପାରା କ୍ରୀଡ଼ାରେ ୬ କ୍ରୀଡ଼ା ରାଜ୍ୟଗୋଷ୍ଠୀ : କ୍ରୀଡ଼ା ଇତିହାସରେ ଏଥର ସର୍ବାଧିକ ୬ଟି କ୍ରୀଡ଼ାରେ ୪୭ଟି ଫାଇନାଲ ଖେଳାଯିବ। କ୍ରୀଡ଼ାଗୁଡ଼ିକ ହେଲା ହ୍ୱିଲ ଚେୟାର ବାସ୍କେଟବଲ, ପାରା ଆଥଲେଟିକ୍ସ, ପାରା ଲନ ବଲ, ପାରା ଟ୍ରାକ୍ ସାଇକ୍ଲିଂ, ପାରା ସନ୍ତରଣ ଓ ପାରା ଶକ୍ତିଉତ୍ତୋଳନ। ପୂର୍ବ ସଂସ୍କରଣରୁ ବ୍ୟାଡ୍‌ମିଣ୍ଟନ, ବିଚ ଭଲିବଲ, ଟି-ଟ୍ୱେଣ୍ଟି କ୍ରିକେଟ, ଡାଇଭିଂ, ହକି, ମାଉଟେନ ବାଇକିଂ, ରିଦିମିକ ଜିମ୍ନାଷ୍ଟିକ, ରୋଡ ସାଇକ୍ଲିଂ, ରଗବୀ ସେଭେନ, ସ୍କ୍ୱାଶ, ଟେବୁଲ ଟେନିସ୍ ଓ କୁସ୍ତି ଏବଂ ପାରା କ୍ରୀଡ଼ାରେ ଟେବୁଲ ଟେନିସ ଓ ଟ୍ରାଏଥଲନକୁ ଏଥର ବାଦ୍ ଦିଆଯାଇଛି।

ତ୍ରିରଙ୍ଗା ଧରିବେ ମୀରାବାଈ, ଲଭଲିନା। ୧୨୬ ଜଣିଆ ଭାରତୀୟ ଦଳ ଏଥର କ୍ରୀଡ଼ାରେ ଭାଗ ନେଉଛି। ଉଦ୍‌ଘାଟନୀ ଉତ୍ସବରେ ମହିଳା ଭାରୋତ୍ତୋଳକ ମୀରାବାଈ ଚାନୁ ଓ ବକ୍ସର ଲଭ୍ଲିନା ବୋର୍ଗୋହେଁ ତ୍ରିରଙ୍ଗା ଧାରଣ କରି ଦଳର ନେତୃତ୍ୱ ନେବେ। ରୋହିତ ରାଜପଲ ଦଳର ଚିଫ୍ ଡି ମିଶନ ଏବଂ ରବି ବେଙ୍ଗାନୀ ଡେପୁଟି ଚିଫ୍ ଡି ମିଶନ ନିଯୁକ୍ତ ହୋଇଛନ୍ତି। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ମୀରାବାଈ ରୌପ୍ୟ ଜିତିଥିବାବେଳେ ଲଭଲିନା ବ୍ରୋଞ୍ଜ ହାସଲ କରିଥିଲେ। ଗତ ୨୦୨୨ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମୀରାବାଈ ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଥିଲେ। ଆଗାମୀ କ୍ରୀଡ଼ାରେ ଉଭୟ ପ୍ରମୁଖ ପଦକ ଦାବିଦାର ରହିଛନ୍ତି। ଭାରତୀୟ ଦଳ ମୋଟ ୧୦ଟି କ୍ରୀଡ଼ାରେ ଭାଗ ନେବ। ୨୦୨୨ ସଂସ୍କରଣରେ ଭାରତ ମୋଟ ୬୧ଟି ପଦକ ସହ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଯେଉଁଥିରେ ୨୨ଟି ସ୍ୱର୍ଣ୍ଣ, ୧୬ଟି ରୌପ୍ୟ ଓ ୨୩ଟି ବ୍ରୋଞ୍ଜ ପଦକ ସାମିଲ ରହିଥିଲା।

# ଆଜିଠୁ ଭାରତ-ଜିମ୍ବାୱେ ଟି-୨୦ ସିରିଜ୍

## ୧୫ ଜଣିଆ ଦଳ ଘୋଷଣା କଲା ଜିମ୍ବାୱେ




**ନୂଆଦିଲ୍ଲୀ**

ଭାରତ ବିପକ୍ଷରେ ଆସନ୍ତା ଜୁଲାଇ ୨୩ରୁ ଆରମ୍ଭ ହେବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ପାଇଁ ଜିମ୍ବାୱେ କ୍ରିକେଟ୍ ବୋର୍ଡ ନିଜର ୧୫ ଜଣିଆ ସ୍କ୍ୱାଡ୍ ଘୋଷଣା କରିଛି। ଏହି ସିରିଜ୍‌ରେ ଅଭିଜ୍ଞ ଅଲରାଉଣ୍ଡର ସିକନ୍ଦର ରଜା ଜିମ୍ବାୱେ ଦଳର ନେତୃତ୍ୱ ନେବେ। ଜିମ୍ବାୱେ ଦଳ ନିକଟରେ ନିଜ ଘରୋଇ ମାଟିରେ ବାଂଲାଦେଶ ବିପକ୍ଷରେ ଟି-୨୦ ସିରିଜ୍ ଖେଳିଥିଲା। ଯାହାକୁ ଦୃଷ୍ଟିରେ ରଖି ଏହି ସ୍କ୍ୱାଡ୍‌ରେ ତିନିଟି ବଡ଼ ପରିବର୍ତ୍ତନ କରାଯାଇଛି।

ଅଲରାଉଣ୍ଡର ୱେସଲି ମାଧେଭେରେଙ୍କ ବ୍ୟତୀତ ଦ୍ରୁତ ବୋଲର ନ୍ୟୁମ୍ୟାନ୍ ନ୍ୟାମହୁରୀ ମଧ୍ୟ ଆହତ ସମସ୍ୟାରୁ ସୁସ୍ଥ ହେବା ପରେ ଏହି ୧୫ ଜଣିଆ ସ୍କ୍ୱାଡ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅନ୍ୟପଟେ ପ୍ରଥମ ଥର ପାଇଁ ଟି-୨୦ ଦଳରେ ୱିକେଟକିପର ବ୍ୟାଟ୍ସମ୍ୟାନ୍ ତଫାଦ୍ୱା ସିଗାଙ୍କୁ ସ୍ଥାନ ମିଳିଛି।

ଭାରତ ବିପକ୍ଷ ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ଜିମ୍ବାୱେ ଦଳକୁ ୨୩ ଜୁଲାଇରେ ଖେଳିବାକୁ ଅଛି। ସେହିପରି ପରବର୍ତ୍ତୀ ଦୁଇଟି ମ୍ୟାଚ୍ ୨୫ ଏବଂ ୨୬ ଜୁଲାଇରେ ଖେଳାଯିବ। ଏହି ସିରିଜ୍‌ର ସମସ୍ତ ତିନିଟି ମ୍ୟାଚ୍ ହରାରେ ସ୍ପୋର୍ଟସ୍ କ୍ଲବ୍ ଗ୍ରାଉଣ୍ଡରେ ଖେଳାଯିବ। ଜିମ୍ବାୱେ ପକ୍ଷରୁ ଘୋଷଣା କରାଯାଇଥିବା ସ୍କ୍ୱାଡ୍‌ରେ ବ୍ରାୟନ୍ ବେନେଟ୍ ଏବଂ ରାୟନ୍ ବର୍ଲ୍‌ଙ୍କ ବ୍ୟତୀତ ଦ୍ରୁତ ବୋଲର ବ୍ଲେସିଙ୍ଗ୍ ମୁଜାରାବାନୀଙ୍କ ନାମ ମଧ୍ୟ ସାମିଲ ଅଛି। ଏହି ତିନି ଖେଳାଳିଙ୍କୁ ଦଳର ଅଭିଜ୍ଞ ଖେଳାଳି ଭାବେ ଗଣନା କରାଯାଏ। ଏଭଳି ପରିସ୍ଥିତିରେ ସିକନ୍ଦର ରଜାଙ୍କ ବ୍ୟତୀତ ସେମାନଙ୍କର ପ୍ରଦର୍ଶନ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ।

ଟି-୨୦ ଅନ୍ତର୍ଜାତୀୟରେ ଭାରତ ବିପକ୍ଷରେ ଜିମ୍ବାୱେର ରେକର୍ଡ ଦେଖିବାକୁ ଗଲେ ତାହା ଆଦୌ ଭଲ ନାହିଁ। ଉଭୟ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୧୪ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇଛି, ଯେଉଁଥିରେ ଭାରତୀୟ ଦଳ ୧୧ଟି ମ୍ୟାଚ୍ ?ରେ ବିଜୟ ହାସଲ କରିଛି। ଅନ୍ୟପଟେ ଜିମ୍ବାୱେ କେବଳ ତିନିଟି ମ୍ୟାଚ୍ ଜିତିବାରେ ସଫଳ ହୋଇପାରିଛି। ଏଭଳି ପରିସ୍ଥିତିରେ ସେମାନଙ୍କ ପାଇଁ ଏହି ସିରିଜ୍ ଆଦୌ ସହଜ ହେବ ନାହିଁ।

ଜିମ୍ବାୱେ ଦଳ: ସିକନ୍ଦର ରଜା (ଅଧିନାୟକ), ବ୍ରାୟନ୍ ବେନେଟ୍, ରାୟନ୍ ବର୍ଲ୍, ତନାକା ଚିଭାଙ୍ଗା, ବେନ୍ କୁରେନ୍, ବ୍ରାଡ୍ ଇଭାନ୍ସ, ୱେସଲି ମାଧେଭେରେ, ତଡିୱାନାଶେ ମାରୁମାନି, ୱେଲିଙ୍ଗଟନ୍ ମାସାକାଦ୍‌ଜା, ବ୍ଲେସିଂ ମୁଜାରାବାନୀ, ଡାୟନ୍ ମାୟର୍ସ, ରିଚାର୍ଡ ଙ୍ଗାରଭା, ନ୍ୟୁମ୍ୟାନ୍ ନ୍ୟାମହୁରୀ, ମଲ୍ଟନ୍ ଶୁମ୍ବା, ତଫାଦ୍ୱା ସିଗା।

# ପୁରୁଷ ଅଣ୍ଡର-୧୮ ହକି ୫ଏସ୍ ଏସିଆ କପ୍

## କରନ ଗୌତମଙ୍କ ଚମତ୍କାର ହ୍ୟାଟ୍ରିକ୍ : ପାକିସ୍ତାନକୁ ୭-୪ ଗୋଲ୍‌ରେ ହରାଇଲା ଭାରତ



**ନୂଆଦିଲ୍ଲୀ**

ଓମାନରେ ପୁରୁଷ ଅଣ୍ଡର-୧୮ ହକି ୫ଏସ୍ ଏସିଆ କପ୍ ଖେଳାଯାଉଛି। ହକିର ଏହି ଛୋଟ ଫର୍ମାଟ୍‌ରେ ଗୋଟିଏ ଦଳରେ କେବଳ ୫ ଜଣ ଖେଳାଳି ଖେଳିଥାନ୍ତି। ମସ୍କଟରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଭାରତ ପାକିସ୍ତାନକୁ ୭-୪ ଗୋଲ୍‌ରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଭାରତ ପକ୍ଷରୁ କରନ ଗୌତମ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ସେ ମ୍ୟାଚ୍‌ର ୫ମ, ୯ମ ଏବଂ ୧୯ତମ ମିନିଟ୍‌ରେ ଗୋଲ୍ ଦେଇଥିଲେ।

କରନ ଗୌତମଙ୍କ ବ୍ୟତୀତ ରାହୁଲ ଯାଦବ ତୃତୀୟ ମିନିଟ୍‌ରେ, ପ୍ରହଲ୍ଲାଦ ରାଜଭର ୧୦ମ ମିନିଟ୍‌ରେ ଏବଂ ରୋମିତ ପାଲ ଓ ଅଧିନାୟକ କେତନ କୁଶୱାହା ୧୧ତମ ମିନିଟ୍‌ରେ ଗୋଲ୍ ଦେଇଥିଲେ। ତିନିଟି ମ୍ୟାଚ୍ ଖେଳିଥିବା ଭାରତୀୟ ଦଳର ଏହା ହେଉଛି କ୍ରମାଗତ ତୃତୀୟ ବିଜୟ। ଏହାପୂର୍ବରୁ ଦଳ ବାଂଲାଦେଶ ଏବଂ ଓମାନକୁ ପରାସ୍ତ କରିଥିଲା। ୯ ପଏଣ୍ଟ ସହ ଭାରତ ଏଲିଟ୍ ଗ୍ରୁପ୍‌ରେ ପ୍ରଥମ ସ୍ଥାନରେ ରହିଛି। ପାକିସ୍ତାନ ୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଅଛି। ଟପ୍-୨ରେ ରହୁଥିବା ଦଳଗୁଡ଼ିକ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ।

ହକି୫ଏସ୍‌ର ନିୟମ : ହକି୫ଏସ୍ ହେଉଛି ଫିଲ୍ଡ ହକିର ଏକ ଦ୍ରୁତ ଏବଂ ଛୋଟ ସଂସ୍କରଣ। ଯେଉଁଥିରେ ପ୍ରତ୍ୟେକ ଦଳରେ ୫ ଜଣ ଖେଳାଳି ଥାଆନ୍ତି। ୪ ଜଣ ଖେଳାଳି ଫିଲ୍ଡରେ ଖେଳୁଥିବା ବେଳେ ଜଣେ ଗୋଲକିପର ଥାଆନ୍ତି। ଏହି ଖେଳ ୧୦-୧୦ ମିନିଟ୍‌ର ଦୁଇଟି ହାଫ୍‌ରେ ଖେଳାଯାଏ ଏବଂ ଆଟାକିଙ୍ଗ୍ ହାଫ୍‌ର ଯେକୌଣସି ସ୍ଥାନରୁ ଶୁଟିଂ (ଗୋଲ୍ ପାଇଁ ଶଟ୍) କରାଯାଇ ପାରିବ। ହାଫ୍ ଟାଇମ୍ ବ୍ରେକ୍ ଦୁଇ ମିନିଟ୍‌ର ହୋଇଥାଏ।

ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ଆରମ୍ଭରୁ ଭାରତୀୟ ଦଳ ଆକ୍ରମଣାତ୍ମକ ଶୈଳୀ ଆପଣାଇଥିଲା। ଭାରତୀୟ ଦଳ ପ୍ରଥମେ ଦୁଇଟି ଗୋଲ୍ ପାକିସ୍ତାନକୁ ମ୍ୟାଚ୍‌ରେ ପଛକୁ ଠେଲି ଦେଇଥିଲେ। ଏହାପରେ ପ୍ରଥମରୁ ପଛୁଆ ହେବା ପରେ ପାକିସ୍ତାନ ମ୍ୟାଚ୍‌କୁ ଫେରିଥିଲା ଏବଂ ପ୍ରଭାବଶାଳୀ ଖେଳ ପ୍ରଦର୍ଶନ କରି ୮ମ ମିନିଟ୍ ସୁଦ୍ଧା ସ୍କୋରକୁ ୨-୨ ବରାବର କରି ନେଇଥିଲା। ୧୦ମ ମିନିଟ୍ ଅର୍ଥାତ୍ ପ୍ରଥମ ହାଫ୍ ଶେଷ ହେବା ବେଳକୁ ଉଭୟ ଦଳ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା ଏବଂ ସ୍କୋର ୩-୩ ସମାନ ସ୍ଥିତିରେ ପହଞ୍ଚିଥିଲା। ଭାରତ ପକ୍ଷରୁ ପ୍ରହଲାଦ ରାଜଭର ୧୦ମ ମିନିଟ୍‌ରେ ଗୋଲ୍ ଦେଇଥିଲେ।

ଦ୍ୱିତୀୟ ହାଫ୍ ଆରମ୍ଭ ହେବା ମାତ୍ରେ ଭାରତୀୟ ଆଥଲେଟ୍‌ମାନେ ପାକିସ୍ତାନୀ ଡିଫେନ୍ସକୁ ସମ୍ପୂର୍ଣ୍ଣ ଧ୍ୱସ୍ତ କରିଦେଇଥିଲେ। ଦଳ ପକ୍ଷରୁ ରୋମିତ ପାଲ ଏବଂ ଅଧିନାୟକ କେତନ କୁଶୱାହା ୧୧ତମ ମିନିଟ୍‌ରେ ଗୋଲ୍ କରି ଦଳକୁ ବଡ଼ ଅଗ୍ରଣୀ ଦେଇଥିଲେ। ଭାରତ କ୍ରମାଗତ ୩ଟି ଗୋଲ୍ ଦେଇ ସ୍କୋରକୁ ୬-୩ କରି ମ୍ୟାଚ୍‌କୁ ନିଜ ମୁଠାରେ କରିନେଇଥିଲା। ଶେଷ ଆଡ଼କୁ ଦୁଇ ଦଳ ପୁଣି ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ। ଏହିପରି ଭାରତ ୭-୪ରେ ଏହି ବଡ଼ ମ୍ୟାଚ୍‌କୁ ସହଜରେ ଜିତି ନେଇଥିଲା।

୨୦୨୬ ପୁରୁଷ ଅଣ୍ଡର-୧୮ ହକି୫ଏସ୍ ଏସିଆ କପ୍ ପ୍ରଥମ ଥର ପାଇଁ ଆୟୋଜନ କରାଯାଉଛି। ଏଥିରେ ମୋଟ ସାତଟି ଏସୀୟ ଜାତୀୟ ଦଳ ଭାଗ ନେଉଛନ୍ତି। ଯେଉଁଥିରେ ଭାରତ, ପାକିସ୍ତାନ, ବାଂଲାଦେଶ, ଓମାନ, ଇରାନ, ଇରାକ ଓ ସାଉଦି ଆରବ ସାମିଲ ଅଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ଏସୀୟ ହକି ଫେଡେରେସନ ଦ୍ୱାରା ଆୟୋଜନ କରାଯାଇଛି। ଜୁଲାଇ ୨୦ ତାରିଖରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୫ ତାରିଖରେ ଏହାର ଫାଇନାଲ୍ ମ୍ୟାଚ୍ ଖେଳାଯିବ।

# ବୋଲରଙ୍କ ପାଇଁ ନୂଆ ନିୟମ ଜାରିକଲା ବିସିସିଆଇ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୨୦୨୬-୨୭ ଘରୋଇ କ୍ରିକେଟ ସିଜନ ପୂର୍ବରୁ ଖେଳର ନିୟମରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛି। ନୂତନ ନିୟମଗୁଡ଼ିକର ପ୍ରଭାବ ମୁଖ୍ୟତଃ ବୋଲର ଏବଂ ଉଇକେଟ୍ କିପରମାନଙ୍କ ଉପରେ ପଡ଼ିବ। ସବୁଠାରୁ ବଡ଼ ନିଷ୍ପତ୍ତି ସେହି ବୋଲରମାନଙ୍କୁ ନେଇ ନିଆଯାଇଛି ଯେଉଁମାନେ ଜାଣିଶୁଣି ନୋ-ବଲ୍ ପକାନ୍ତି। ଏବେ ଏପରି କଲେ ବୋଲରଙ୍କୁ ସମଗ୍ର ମ୍ୟାଚ୍ ପାଇଁ ବାସନ୍ଦ କରାଯିବ। ଏହାବ୍ୟତୀତ, ମଲ୍ଟି-ଡେ ମୁକାବିଲାରେ ଦିନର ଶେଷ ଓଭରକୁ ନେଇ ମଧ୍ୟ ଏକ ବଡ଼ ପରିବର୍ତ୍ତନ କରାଯାଇଛି। ବିସିସିଆଇ ଏହି ସଂଶୋଧିତ ନିୟମଗୁଡ଼ିକର ସୂଚନା ସମସ୍ତ ରାଜ୍ୟ କ୍ରିକେଟ ସଂଘକୁ ପଠାଇ ଦେଇଛି। ବିସିସିଆଇର ନୂତନ ନିୟମ ଅନୁଯାୟୀ, ଯଦି କୌଣସି ବୋଲର ଜାଣିଶୁଣି ଫ୍ରଣ୍ଟ-ଫୁଟ ନୋ-ବଲ ପକାନ୍ତି, ତେବେ ତାଙ୍କୁ କେବଳ ସେହି ପାଳିରୁ ନୁହେଁ, ବରଂ ସମଗ୍ର ମ୍ୟାଚରୁ ବାହାର କରାଯିବ। ପୂର୍ବରୁ ଏପରି ମାମଲାରେ ବୋଲରଙ୍କୁ କେବଳ ସେହି ପାଳିରେ ବୋଲିଂ କରିବାରୁ ବାରଣ କରାଯାଉଥିଲା, କିନ୍ତୁ ସେ ଦ୍ୱିତୀୟ ପାଳିରେ ବୋଲିଂ କରିପାରୁଥିଲେ। କିନ୍ତୁ ଏବେ ଏଭଳି ଭୁଲ କଲେ ବୋଲରଙ୍କୁ ସମଗ୍ର ମ୍ୟାଚରୁ ବାହାର କରିଦିଆଯିବ। ଏହାସହ ବୋଲର ଜାଣିଶୁଣି ଫ୍ରଣ୍ଟ-ଫୁଟ ନୋ-ବଲ ପକାଇଛନ୍ତି କି ନାହିଁ, ସେନେଇ ମଇଦାନରେ ଉପସ୍ଥିତ ଅମ୍ପାୟାର ହିଁ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ନିଜ ଦୋଷ ମାନିଲେ ଡେଭିଡ୍ ୱାର୍ଣ୍ଣର : ଅଗଷ୍ଟ ୧୮ରେ ଦଣ୍ଡ ଶୁଣାଇବେ କୋର୍ଟ



**ନୂଆଦିଲ୍ଲୀ**

ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ଡେଭିଡ୍ ୱାର୍ଣ୍ଣର ପୁଣିଥରେ ବିବାଦ ଘେରକୁ ଚାଲିଆସିଛନ୍ତି। ମଦ୍ୟପାନ କରି ଗାଡ଼ି ଚଳାଇବା ମାମଲାରେ ସେ କୋର୍ଟରେ ନିଜର ଦୋଷ ସ୍ୱୀକାର କରିଛନ୍ତି। ଏହି ମାମଲାରେ ଆସନ୍ତା ଅଗଷ୍ଟ ୧୮ ତାରିଖରେ ଦଣ୍ଡ ଶୁଣାଣି ହେବ। ୱାର୍ଣ୍ଣରଙ୍କ ଏହି ଦୋଷ ସ୍ୱୀକାର ପରେ ସିଡ୍‌ନୀ ଥଣ୍ଡରର ଅଧିନାୟକ ପଦ ଉପରେ ମଧ୍ୟ ସଙ୍କଟର ବାଦଲ ମାଡ଼ିଆସିଛି।

ବୁଧବାର ଦିନ ୱେଭରଲି ଲୋକାଲ୍ କୋର୍ଟରେ ଶୁଣାଣି ସମୟରେ ୱାର୍ଣ୍ଣରଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ପଡ଼ିନଥିଲା। ତାଙ୍କ ଓକିଲ ବବି ହିଲ୍ କୋର୍ଟଙ୍କୁ ଜଣାଇଛନ୍ତି ଯେ, ୱାର୍ଣ୍ଣର ଇଷ୍ଟର ସଣ୍ଡେ ଦିନ ମିଡ୍-ରେଞ୍ଜ୍ ଡ୍ରିଙ୍କ୍-ଡ୍ରାଇଭିଂ ଅଭିଯୋଗକୁ ସ୍ୱୀକାର କରୁଛନ୍ତି। ସେ କହିଛନ୍ତି ଯେ ଏହି ମାମଲାର ତଥ୍ୟକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ବର୍ତ୍ତମାନ ମଧ୍ୟ ଆଲୋଚନା ଜାରି ରହିଛି। ଏହି ଘଟଣାଟି ଏପ୍ରିଲ ୫ ତାରିଖର ଘଟିଥିଲା, ଯେତେବେଳେ ପାକିସ୍ତାନ ସୁପର ଲିଗ୍‌ରୁ ବ୍ରେକ୍ ନେଇ ଅଷ୍ଟ୍ରେଲିଆ ଫେରିଥିବା ୱାର୍ଣ୍ଣରଙ୍କୁ ସିଡ୍‌ନୀର ପୂର୍ବ ଅଞ୍ଚଳରେ ପୋଲିସ ଅଟକାଇଥିଲା। ରାସ୍ତା କଡ଼ରେ ପ୍ରାଥମିକ ଯାଞ୍ଚ ପରେ ତାଙ୍କୁ ମାରୁବ୍ରା ପୋଲିସ ଷ୍ଟେସନକୁ ନିଆଯାଇଥିଲା। ଯେଉଁଠାରେ ବ୍ରିଥ୍ ଆନାଲାଇଜର୍ ଟେଷ୍ଟରେ ତାଙ୍କର ଆଲକୋହଲ୍ ସ୍ତର ୦.୧୦୪ ମିଳିଥିଲା। ଏହା ଅଷ୍ଟ୍ରେଲିଆରେ ନିର୍ଦ୍ଧାରିତ ଆଇନଗତ ସୀମାଠାରୁ ଦୁଇ ଗୁଣରୁ ମଧ୍ୟ ଅଧିକ ଥିଲା।

ୱାର୍ଣ୍ଣରଙ୍କ ଓକିଲ ପୂର୍ବରୁ ହିଁ ସଙ୍କେତ ଦେଇଥିଲେ ଯେ ତାଙ୍କ ମହକିଲ ଦୋଷ ସ୍ୱୀକାର କରିବେ। ସେ କହିଥିଲେ ଯେ ୱାର୍ଣ୍ଣର ଜାଣିଛନ୍ତି ଯେ ସେ ଏକ ଭୁଲ୍ ନିଷ୍ପତ୍ତି ନେଇଛନ୍ତି। ତାଙ୍କୁ ଟ୍ୟାକ୍ସି କିମ୍ବା ଉବର ନେବା ଉଚିତ୍ ଥିଲା, କିନ୍ତୁ ସେ କାର୍ ଚଳାଇବାକୁ ନିଷ୍ପତ୍ତି ନେଇଥିଲେ, ଯାହା ଅତ୍ୟନ୍ତ ବେପରୁଆ ଥିଲା।

ଓକିଲଙ୍କ କହିବା ଅନୁଯାୟୀ, ୱାର୍ଣ୍ଣର ଜଣେ ବନ୍ଧୁଙ୍କ ଆପାର୍ଟମେଣ୍ଟରେ ତିନି ଗ୍ଲାସ ୱାଇନ୍ ପିଇଥିଲେ। ସେ ଏହା ମଧ୍ୟ କହିଛନ୍ତି ଯେ, ପୋଲିସ ଅଟକାଇବାର ମାତ୍ର ୧୧ ମିନିଟ୍ ପୂର୍ବରୁ ୱାର୍ଣ୍ଣର ତାଙ୍କର ଶେଷ ଡ୍ରିଙ୍କ୍ ନେଇଥିଲେ। ୱାର୍ଣ୍ଣର ନିଜର ଏହି କାର୍ଯ୍ୟ ପାଇଁ ଅନୁତାପ କରୁଛନ୍ତି ଏବଂ କୋର୍ଟଙ୍କୁ କୋହଳ ମନୋଭାବ ପୋଷଣ କରିବାକୁ ଅପିଲ୍ କରିବେ, ଯଦିଓ ସେ ଜଣେ ସାଧାରଣ ନାଗରିକଙ୍କ ଭଳି ମିଳିବାକୁ ଥିବା ଦଣ୍ଡକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଅଛନ୍ତି।

ଏହି ମାମଲା ସିଡନୀ ଥଣ୍ଡରର ଅଧିନାୟକ ପଦ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୱାର୍ଣ୍ଣର ନିଜର ଦୋଷ ସ୍ୱୀକାର କରିବା ପରେ ଦଳ ପକ୍ଷରୁ କୌଣସି ଆଧିକାରିକ ପ୍ରତିକ୍ରିୟା ଆସିନାହିଁ। ତେବେ କ୍ରିକେଟ୍ ନ୍ୟୁ ସାଉଥ୍ ୱେଲ୍ସର ମୁଖ୍ୟ ନିର୍ବାହୀ ଅଧିକାରୀ ଲି ଜର୍ମାନ କହିଛନ୍ତି ଯେ, ଏହି ମାମଲା ଅତ୍ୟନ୍ତ ଗମ୍ଭୀର ଏବଂ କ୍ରିକେଟ୍ ନ୍ୟୁ ସାଉଥ୍ ୱେଲ୍ସ ସୁରକ୍ଷିତ ଡ୍ରାଇଭିଂକୁ ସମର୍ଥନ କରେ, ଡ୍ରିଙ୍କ୍ ଆଣ୍ଡ୍ ଡ୍ରାଇଭିଂକୁ ନୁହେଁ।

# ୧୬ ବର୍ଷ ପରେ ଭାରତ ଫେରିବେ ଆଇପିଏଲ ପ୍ରତିଷ୍ଠାତା ଲଳିତ ମୋଦୀ



**ନୂଆଦିଲ୍ଲୀ**

ଆଇପିଏଲ୍‌ର ପ୍ରତିଷ୍ଠାତା ତଥା ପୂର୍ବତନ ଅଧ୍ୟକ୍ଷ ଲଳିତ ମୋଦୀ ୧୬ ବର୍ଷ ପରେ ଭାରତ ଫେରିବାକୁ ଘୋଷଣା କରିଛନ୍ତି। ବୈଦେଶିକ ମୁଦ୍ରା ପରିଚାଳନା ଆଇନ (ଏଫଇଏମଏ) ସହ ଜଡ଼ିତ ମାମଲାରେ ଆପିଲେଟ୍ ଟ୍ରିବ୍ୟୁନାଲ୍‌ରୁ ବଡ଼ ଆଶ୍ୱସ୍ତି ପାଇବା ପରେ ମୋଦୀ କହିଛନ୍ତି ଯେ, ସେ ଚଳିତ ବର୍ଷ ଶେଷ ସୁଦ୍ଧା କିମ୍ବା ଆସନ୍ତା ବର୍ଷ ଆରମ୍ଭରେ ଭାରତ ଫେରିବାକୁ ଯୋଜନା କରୁଛନ୍ତି।

ଲଳିତ ମୋଦୀ କହିଛନ୍ତି ଯେ, ୧୬ ବର୍ଷ ଧରି ଚାଲିଥିବା ଆଇନଗତ ଲଢ଼େଇ ପରେ ତାଙ୍କୁ ନ୍ୟାୟ ମିଳିଛି। ସେ କହିଛନ୍ତି ଯେ ସେ ଆରମ୍ଭରୁ ହିଁ କହିଆସୁଥିଲେ ଯେ ସେ ଆଇପିଏଲ୍‌ର ସ୍ୱାର୍ଥ ରକ୍ଷା ପାଇଁ କାମ କରିଥିଲେ ଏବଂ ବର୍ତ୍ତମାନ ଟ୍ରିବ୍ୟୁନାଲ୍‌ଙ୍କ ନିଷ୍ପତ୍ତି ତାଙ୍କ କଥାକୁ ସଠିକ୍ ବୋଲି ପ୍ରମାଣିତ କରିଛି। ମୋଦୀ କହିଛନ୍ତି, 'ମୁଁ ଏହି ନିଷ୍ପତ୍ତିରେ ବହୁତ ଖୁସି। ୧୬ ବର୍ଷ ଧରି ମୁଁ ଲଢ଼େଇ କଲି ଏବଂ ଶେଷରେ ସତ୍ୟ ସାମ୍ନାକୁ ଆସିଲା। ବର୍ତ୍ତମାନ ଏହି ଅଧ୍ୟାୟ ଶେଷ ହୋଇଛି ଏବଂ ମୁଁ ମୋ ଜୀବନରେ ଆଗକୁ ବଢ଼ିବାକୁ ଚାହୁଁଛି। ମୁଁ ଭାରତ ଫେରିବାକୁ ଅପେକ୍ଷା କରିଛି।'

ଲଳିତ ମୋଦୀ ଜଣାଇଛନ୍ତି ଯେ, ତାଙ୍କ ଝିଅ ଅକ୍ଟୋବର ମାସରେ ପୁତ୍ର ସନ୍ତାନ ଜନ୍ମ ଦେବାକୁ ଯାଉଛନ୍ତି। ଏହା ପରେ ସେ ଭାରତ ଫେରିବେ। ସେ କହିଛନ୍ତି, 'ସମ୍ଭବତଃ ମୁଁ ଚଳିତ ବର୍ଷ ଶେଷରେ କିମ୍ବା ଆସନ୍ତା ବର୍ଷ ଆରମ୍ଭରେ ଭାରତ ଆସିବି। ମୋ ଝିଅ ଅକ୍ଟୋବରରେ ମୋ ନାତିକୁ ଜନ୍ମ ଦେବାକୁ ଯାଉଛି। ତା' ପରେ ମୁଁ ଭାରତ ଫେରିବାକୁ ଯୋଜନା କରୁଛି।'

ସ୍ମଗଲର୍ସ ଆଣ୍ଡ୍ ଫରେନ୍ ଏକ୍ସଚେଞ୍ଜ ମାନିପୁଲେଟର୍ସ ଆକ୍ଟ ଅଧୀନରେ ଗଠିତ ଆପିଲେଟ୍ ଟ୍ରିବ୍ୟୁନାଲ୍ ଜୁଲାଇ ୧୬ରେ ଦେଇଥିବା ନିଜ ନିଷ୍ପତ୍ତିରେ ଇଡିର ଅଧିକାଂଶ ନିଷ୍କର୍ଷ ଏବଂ ଲଗାଯାଇଥିବା ଜରିମାନାକୁ ରଦ୍ଦ କରିଦେଇଛନ୍ତି। ଟ୍ରିବ୍ୟୁନାଲ୍ କହିଛନ୍ତି ଯେ ଉପଲବ୍ଧ ରେକର୍ଡରେ ଏଭଳି କୌଣସି ଶକ୍ତ ପ୍ରମାଣ ନାହିଁ ଯାହା ଦ୍ୱାରା ଏହା ପ୍ରମାଣିତ ହେବ ଯେ ୨୦୦୯ ଆଇପିଏଲ୍ ଆୟୋଜନ ସହ ଜଡ଼ିତ କଥିତ ଫେମା ନିୟମ ଉଲ୍ଲଂଘନ ପାଇଁ ଲଳିତ ମୋଦୀ ଦାୟୀ ଥିଲେ।

# ବିପଦରେ ବୈଭବ ସୂର୍ଯ୍ୟବଂଶୀଙ୍କ ସ୍ଥାନ !




**ନୂଆଦିଲ୍ଲୀ**

ବୈଭବ ସୂର୍ଯ୍ୟବଂଶୀ ୧୫ ବର୍ଷ ବୟସରେ ନିଜର ଝଡ଼ ବ୍ୟାଟିଂ ବଳରେ ଟିମ ଇଣ୍ଡିଆରେ ସ୍ଥାନ ପାଇଛନ୍ତି। ସେ ଇଂଲଣ୍ଡ ବିପକ୍ଷ ଟି-ଟେଣ୍ଟି ଅନ୍ତର୍ଜାତୀୟ ସିରିଜରେ ଡେବ୍ୟୁ କରିଥିଲେ। ସୂର୍ଯ୍ୟବଂଶୀଙ୍କ ପ୍ରଥମ ସିରିଜ୍ ଭଲ ରହି ନଥିଲା ଏବଂ ସେ ନିଜର ପ୍ରଭାବ ପକାଇବାରେ ବିଫଳ ହୋଇଥିଲେ। ଏହାସତ୍ତ୍ୱେ ଜିମ୍ବାୱେ ବିପକ୍ଷ ଟି-ଟେଣ୍ଟି ସିରିଜ୍ ପାଇଁ ଚୟନକର୍ତ୍ତାମାନେ ତାଙ୍କୁ ଭରସା କରିଛନ୍ତି। ବିସିସିଆଇ ସୂର୍ଯ୍ୟବଂଶୀଙ୍କୁ ଭବିଷ୍ୟତର ଷ୍ଟାର ଭାବରେ ଦେଖୁଛି, କିନ୍ତୁ ତାଙ୍କ ସ୍ଥାନ ଉପରେ ମଧ୍ୟ ବିପଦ ରହିଛି।

ବୈଭବ ସୂର୍ଯ୍ୟବଂଶୀ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟି-ଟେଣ୍ଟି ମ୍ୟାଚରେ ନିଜର ଡେବ୍ୟୁ କରିଥିଲେ। ସୂର୍ଯ୍ୟବଂଶୀ ଇଂଲଣ୍ଡ ବିପକ୍ଷ ତିନୋଟି ମ୍ୟାଚ୍‌ର ଅଂଶବିଶେଷ ଥିଲେ ଏବଂ ସେ ମୋଟ ୪୨ ରନ କରିଥିଲେ। ନୈରାଶ୍ୟଜନକ ପ୍ରଦର୍ଶନ ପରେ ତାଙ୍କୁ ପଞ୍ଚମ ଟି-ଟେଣ୍ଟିରୁ ବାହାର କରାଯାଇଥିଲା। ଟିମ୍ ଇଣ୍ଡିଆକୁ ପ୍ରଦର୍ଶନ ଆଧାରରେ ନିଷ୍ପତ୍ତି ନେବାକୁ ପଡ଼ିଥିଲା। ଇଂଲଣ୍ଡ ତୁଳନାରେ ଜିମ୍ବାୱେକୁ ହରାଇବା ଭାରତ ପାଇଁ ସହଜ ବୋଲି ବିବେଚନା କରାଯାଏ। ଏହି କାରଣରୁ ଚୟନକର୍ତ୍ତାମାନେ ଜିମ୍ବାୱେ ଗସ୍ତ ପାଇଁ ଯୁବ ଦଳ ଚୟନ କରିଛନ୍ତି।

ଭାରତ ଏବଂ ଜିମ୍ବାୱେ ମଧ୍ୟରେ ତିନୋଟି ଟି-ଟେଣ୍ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଏକ ସିରିଜ ଅନୁଷ୍ଠିତ ହେବାକୁ ଯାଉଛି। ବୈଭବ ସୂର୍ଯ୍ୟବଂଶୀଙ୍କ ତିନୋଟି ମ୍ୟାଚ୍‌ରେ ସ୍ଥାନ ପକ୍କା ନାହିଁ। ଚୟନକର୍ତ୍ତାମାନେ ତାଙ୍କର ବ୍ୟାକ୍‌ଅପ୍ ଭାବରେ ମଧ୍ୟ ଜଣେ ଖେଳାଳିଙ୍କୁ ଦଳରେ ସାମିଲ କରିଛନ୍ତି। ବୈଭବ ସୂର୍ଯ୍ୟବଂଶୀଙ୍କ ସ୍ଥାନ ଉପରେ ବିପଦ ମାଡ଼ି ଆସିଛି ଏବଂ ଏବେ ତାଙ୍କୁ ଜିମ୍ବାୱେ ବିପକ୍ଷରେ ରନ କରିବାକୁ ପଡ଼ିବ। ସୂର୍ଯ୍ୟବଂଶୀଙ୍କ ସ୍ଥାନ ପ୍ରଥମ ଦୁଇଟି ମ୍ୟାଚ୍‌ରେ ପକ୍କା ନଜର ଆସୁଛି। ଯଦି ସେ ଏହି ସିରିଜ୍‌ରେ ଟିମ୍ ଇଣ୍ଡିଆ ପାଇଁ ଏକ ବଡ଼ ପାଳି ଖେଳନ୍ତି, ତେବେ ଟିମ୍ ମ୍ୟାନେଜମେଣ୍ଟର ବିଶ୍ୱାସ ତାଙ୍କ ଉପରେ ଆହୁରି ବଢ଼ିଯିବ।

# ଅଧିନାୟକ ପଦକୁ ଇସ୍ତଫା ଦେଲେ ହଶମତୁଲ୍ଲାହ



**ନୂଆଦିଲ୍ଲୀ**

ଆଫଗାନିସ୍ତାନ କ୍ରିକେଟକୁ ବଡ଼ ଖବର ସାମ୍ନାକୁ ଆସିଛି। ଦିନିକିଆ ଅଧିନାୟକ ପଦରୁ ଇସ୍ତଫା ଦେଇଛନ୍ତି ହଶମତୁଲ୍ଲାହ ଶାହିଦି। ଏହାକୁ ବ୍ୟକ୍ତିଗତ ନିଷ୍ପତ୍ତି ବୋଲି କହିଛନ୍ତି ହଶମତୁଲ୍ଲାହ। ୫୫ଟି ଦିନିକିଆ ମ୍ୟାଚ୍‌ରେ ନେତୃତ୍ୱ ନେଇଛନ୍ତି ହଶମତୁଲ୍ଲାହ। ଆସନ୍ତା ବର୍ଷ ହେବାକୁ ଥିବା ଦିନିକିଆ ବିଶ୍ୱକପ୍ ପାଇଁ ପ୍ରସ୍ତୁତି ପୂର୍ବରୁ ଆଫଗାନିସ୍ତାନ ପାଇଁ ଏହା ଏକ ବଡ଼ ଝଟ୍‌କା ହୋଇଛି। ଅଧିନାୟକ ହଶମତୁଲ୍ଲାହ ଶାହିଦି ତୁରନ୍ତ ପ୍ରଭାବରୁ ପଦ ଛାଡ଼ିବାକୁ ନିଷ୍ପତ୍ତି ଆଫଗାନ୍ କ୍ରିକେଟ ପାଇଁ ଚିନ୍ତାର କାରଣ ହୋଇଛି। ଦିନିକିଆ ଫର୍ମାଟରେ ଅଧିନାୟକ ଭାବରେ, ହଶମତୁଲ୍ଲାହ ଶାହିଦିଙ୍କ ବ୍ୟାଟିଂ ପ୍ରଦର୍ଶନ ବହୁତ ଭଲ। ଯେଉଁଥିରେ ସେ ୩୩.୭୯ ହାରରେ ରନ୍ କରିଥିଲେ ଏବଂ ତାଙ୍କର ଷ୍ଟ୍ରାଇକ୍ ରେଟ୍ ୭୦.୭୭ ଥିଲା। ସେ ତାଙ୍କ କ୍ୟାରିୟରର ଏକମାତ୍ର ଶତକ ମଧ୍ୟ ହାସଲ କରିପାରିଥିଲେ, ଯାହା ଭାରତ ଗସ୍ତରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ଆସିଥିଲା। ୧୩୧ ବଲରେ ୧୦୨ ରନ୍ କରିଥିଲେ। ହଶମତୁଲ୍ଲାହ ଶାହିଦିଙ୍କ ଅଧିନାୟକତ୍ୱରେ, ଆଫଗାନିସ୍ତାନ ଦ୍ୱିପାକ୍ଷିକ ସିରିଜରେ ବାଂଲାଦେଶକୁ ତିନି ଥର, ଜିମ୍ବାୱେକୁ ଦୁଇ ଥର ଏବଂ ଦକ୍ଷିଣ ଆଫ୍ରିକା ଏବଂ ଆୟର୍ଲାଣ୍ଡକୁ ଥରେ ପ୍ରତ୍ୟେକଙ୍କୁ ପରାସ୍ତ କରିବାରେ ସଫଳ ହୋଇଥିଲା। ଆୟର୍ଲାଣ୍ଡ ବିପକ୍ଷରେ ଅଗଷ୍ଟ ୫ରୁ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବ ଆଫଗାନିସ୍ତାନ। ଏହା ପୂର୍ବରୁ ଦଳର ନୂଆ ନେତୃତ୍ୱ ଚୟନ କରିବାକୁ ପଡ଼ିବ।

ଶାହିଦିଙ୍କ ଅଧିନାୟକତ୍ୱରେ ଏସିଆ କପ୍ ଏବଂ ଦିନିକିଆ ବିଶ୍ୱକପ ଖେଳିଥିଲା ଆଫଗାନିସ୍ତାନ। ହଶମତୁଲ୍ଲା ଶାହିଦିଙ୍କ ଅଧିନାୟକତ୍ୱରେ, ଆଫଗାନିସ୍ତାନ ଗତ କିଛି ବର୍ଷ ଧରି ଦିନିକିଆ ଫର୍ମାଟରେ ପ୍ରଭାବଶାଳୀ ପ୍ରଦର୍ଶନ କରିଛି। ୨୦୨୩ ମସିହାରେ ଏସିଆ କପ୍ ଏବଂ ଦିନିକିଆ ବିଶ୍ୱକପ୍ ଏବଂ ୨୦୨୫ ମସିହାରେ ଚାମ୍ପିଅନ୍ସ ଟ୍ରଫିରେ ଅଂଶଗ୍ରହଣ କରିଛି। ଶାହିଦିଙ୍କ ଅଧିନାୟକତ୍ୱରେ, ଆଫଗାନିସ୍ତାନ ମୋଟ ୫୫ଟି ଦିନିକିଆ ମ୍ୟାଚ୍ ଖେଳିଛି, ସେଥିମଧ୍ୟରୁ ୨୭ ଟିରେ ବିଜୟୀ ହୋଇଛି। ଯେଉଁଥିରେ ୨୦୨୩ ବିଶ୍ୱକପରେ ଇଂଲଣ୍ଡ, ପାକିସ୍ତାନ, ଶ୍ରୀଲଙ୍କା ଏବଂ ନେଦରଲ୍ୟାଣ୍ଡ ବିପକ୍ଷରେ ବିଜୟୀ ହୋଇଥିଲା। ଆଫଗାନିସ୍ତାନ ୨୦୨୩ ଦିନିକିଆ ବିଶ୍ୱକପରେ ସେମିଫାଇନାଲ ସ୍ଥାନ ସୁରକ୍ଷିତ କରିବାକୁ ନିକଟତର ହୋଇଥିଲା, କିନ୍ତୁ ଅଷ୍ଟ୍ରେଲିଆ ବିପକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ହାରିଗଲା। ୨୦୨୫ ଚାମ୍ପିଅନ୍ସ ଟ୍ରଫିରେ ଟୁର୍ଣ୍ଣାମେଣ୍ଟରେ ଷଷ୍ଠ ସ୍ଥାନ ହାସଲ କରି ଏବଂ ଇଂଲଣ୍ଡକୁ ପରାସ୍ତ କରି ନିଜର ସ୍ଥାନ ସୁରକ୍ଷିତ କରିଥିଲା।

ଆସନ୍ତା ବର୍ଷ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ ନାମିବିଆରେ ମିଳିତ ଭାବରେ ଆୟୋଜିତ ହେବାକୁ ଥିବା ଆଇସିସି ଦିନିକିଆ ବିଶ୍ୱକପ ବିଶ୍ୱକପ୍ ପାଇଁ ୬ଟି ସ୍ଥାନ ନିଶ୍ଚିତ ହୋଇଛି। ଆଫଗାନିସ୍ତାନ ଏପର୍ଯ୍ୟନ୍ତ ସ୍ଥାନ ସୁରକ୍ଷିତ କରିନାହିଁ ଏବଂ ସେମାନେ ସେମାନଙ୍କର ର୍ୟାଙ୍କିଂ ଆଧାରରେ ଯୋଗ୍ୟତା ଅର୍ଜନ କରିପାରିବେ, ଯେଉଁଠାରେ ସେମାନେ ବର୍ତ୍ତମାନ ଆଇସିସି ଦଳ ରାଙ୍କିଂରେ ଅଷ୍ଟମ ନମ୍ବର ସ୍ଥାନ ଅଧିକାର କରିଛନ୍ତି। ତଥାପି, ଆଗାମୀ ସିରିଜ୍ ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ।

# ୟର୍କଶାୟରରେ ଖେଳିବେ କୁଲଦୀପ ଯାଦବ



**ମୁମ୍ବାଇ**

ଭାରତର ଚାଇନାମ୍ୟାନ ସ୍ପିନର କୁଲଦୀପ ଯାଦବଙ୍କୁ ନିକଟରେ ଇଂଲଣ୍ଡ ଗସ୍ତରେ ଖେଳାଯାଇଥିବା ୩ ମ୍ୟାଚର ୱାନଡେ ସିରିଜରେ ପ୍ଲେଇଂ ୧୧ର ଭାଗିଦାରୀ କରାଯାଇନଥିଲା। ଯେଉଁଥିଲାଗି ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଏବଂ ଅଧିନାୟକ ଶୁଭମନ ଗିଲଙ୍କୁ ସମାଲୋଚନାର ସାମ୍ନା ବି କରିବାକୁ ପଡ଼ିଥିଲା। ଏବେ ଟିମ୍ ଇଣ୍ଡିଆରୁ ଲଗାତର ଭାବେ ଇଗ୍ନୋର ହେଉଥିବା କୁଲଦୀପଙ୍କୁ ଇଂଲଣ୍ଡର କାଉଣ୍ଟି ଟିମ୍ ୟର୍କଶାୟର ନିଜ ଭାଗିଦାରୀ ବନାଇଛନ୍ତି।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ଜୁଲାଇ ୨୦୨୬ ଗୁରୁବାର





# ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ 'ଜିନ୍ଦଲ ଆରୋଗ୍ୟମ ହସ୍ପିଟାଲ' ଲୋକାର୍ପଣ




**ଯୋଡ଼ା/ବଡବିଲ, ନ୍ୟୁଜ ବ୍ୟୁରୋ**

ପବିତ୍ର ହେରାପଞ୍ଚମୀ ଅବସରରେ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କେନ୍ଦୁଝର ଜିଲ୍ଲା ବଡବିଲ ସ୍ଥିତ ଦେଓଝର ଠାରେ ଏକ ଅତ୍ୟାଧୁନିକ ମଲ୍ଟିସ୍ପେଶିଆଲିଷ୍ଟ ୨୫ ଶଯ୍ୟା ବିଶିଷ୍ଟ ଜିନ୍ଦଲ ଆରୋଗ୍ୟମ କମ୍ୟୁନିଟି ହସ୍ପିଟାଲ ଉଦଘାଟନ ଏବଂ ଦେବେଶ୍ୱର ମହାଦେବଙ୍କ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ଦୁଇ ପ୍ରକଳ୍ପକୁ ଜିନ୍ଦଲ ଫାଉଣ୍ଡେସନର ଚେୟାରପର୍ସନ୍ ସମ୍ମାନୀୟା ଶ୍ରୀମତୀ ଶାଲୁକୁ ଜିନ୍ଦଲ ଲୋକାର୍ପିତ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ସହିତ କମ୍ପାନୀର ବରିଷ୍ଠ ଅଧିକାରୀ, ଜନପ୍ରତିନିଧି ଏବଂ ସ୍ଥାନୀୟ ଜନସାଧାରଣମାନେ ଉପସ୍ଥିତ ଥିଲେ। ଏହି ଦୁଇ ପ୍ରମୁଖ ପ୍ରକଳ୍ପର ଉଦଘାଟନ, ସ୍ଥାନୀୟ ଅଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ସହ ଗୋଷ୍ଠୀ ସମୁଦାୟର ବିକାଶ ଦିଗରେ ଜିନ୍ଦଲ ଫାଉଣ୍ଡେସନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ନବନିର୍ମିତ ୨୫ ଶଯ୍ୟା ବିଶିଷ୍ଟ ଏହି ଜିନ୍ଦଲ ଆରୋଗ୍ୟମ କମ୍ୟୁନିଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ବହୁମୁଖୀ ଏବଂ ଅତ୍ୟାଧୁନିକ ଚିକିତ୍ସା ଭିତ୍ତିଭୂମି ସୁବିଧା ଉପଲବ୍ଧ ରହିଛି। ଏଠାରେ ମେଡିସିନ, ଅସ୍ତ୍ରୋପଚାର, ସ୍ତ୍ରୀ ଓ ପ୍ରସୂତି ରୋଗ, ଏବଂ ଶିଶୁ ରୋଗ ବିଭାଗରେ ବିଶେଷଜ୍ଞ ଡାକ୍ତର ମାନେ ଚିକିତ୍ସା ସେବା ଯୋଗାଉଛନ୍ତି । ସେହିପରି ହୃଦ୍ ?ରୋଗ, ଅସ୍ଥିଶଲ୍ୟ, ଦନ୍ତ ଚିକିତ୍ସା, ପାଚନ ଓ ଆନ୍ତ୍ରିକ ରୋଗ ଏବଂ ଚକ୍ଷୁ ଚିକିତ୍ସା ପାଇଁ ବିଶେଷଜ୍ଞ ଡାକ୍ତରମାନେ ପରିଦର୍ଶନରେ ଆସି ସେବା ପ୍ରଦାନ କରିବେ। ହସ୍ପିଟାଲରେ ଅତ୍ୟାଧୁନିକ ଅପରେସନ୍ ଥିଏଟର, ଉନ୍ନତ ରୋଗ ନିର୍ଣ୍ଣୟ ପଦ୍ଧତି ଏବଂ ୨୪ ଘଣ୍ଟିଆ ଆଡ୍‌ଭାନ୍ସଡ୍ କାର୍ଡିଆକ୍ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ ସୁବିଧା ମଧ୍ୟ ଉପଲବ୍ଧ ରହିଛି। ଏଠାରେ ଏ ଅଞ୍ଚଳର ଗରିବ ଆଦିବାସୀ ଲୋକମାନେ ନିଶୁଳ୍କ ଓ ଉଚ୍ଚମାନର ସ୍ୱାସ୍ଥ୍ୟସେବା ପାଇପାରିବେ। ଏଥିସହିତ ଦେବେଶ୍ୱର ମହାଦେବ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା ସହ ଆଧ୍ୟାତ୍ମିକଭାବକୁ ସୁଦୃଢ଼ କରିବ। ଆର୍ଥିକ ଭାବେ ଦୁର୍ବଳ ଓ ସାମାଜିକ ଅନଗ୍ରସର ଲୋକମାନଙ୍କୁ ଏହି ହସ୍ପିଟାଲରେ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଏହି ଅବସରରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ସ୍ଥାନୀୟ ଜନସାଧାରଣଙ୍କ କଲ୍ୟାଣ ପାଇଁ ଗ୍ରହଣ କରାଯାଇଥିବା ଏହି ସମସ୍ତ ପଦକ୍ଷେପକୁ ପ୍ରଶଂସା କରିବା ସହ ଜନଜାତି ସମ୍ପ୍ରଦାୟ ଓ ଦୁର୍ବଳ ବର୍ଗର ଶିଶୁମାନଙ୍କ ଶିକ୍ଷା କ୍ଷେତ୍ରରେ ଜିନ୍ଦଲ ଫାଉଣ୍ଡେସନ୍‌ର ଅବଦାନକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେଓଝର ଗ୍ରାମ ପଞ୍ଚାୟତର ସରପଞ୍ଚ ଧ୍ରୁବ ଚରଣ ନାୟକ, ମନ୍ଦିରର ମୁଖ୍ୟ ସ୍ଥପତି ମୋତିଲାଲ ଜୀ, ପ୍ରେସିଡେଣ୍ଟ ଓ କର୍ପୋରେଟ୍ କମ୍ୟୁନିକେସନ୍ ମୁଖ୍ୟ, ଓଡ଼ିଶା ପ୍ରଶାନ୍ତ ହୋତା, ବିଜନେସ୍ ହେଡ୍ ଆଶିଷ ପାଣ୍ଡେ, ବିକେଟିଆର୍ ଲୋକେସନ୍‌ସର କ୍ଲଷ୍ଟର ହେଡ୍ ପ୍ରମୋଦ କୁମାର ପାତ୍ର, ଭାଇସ୍ ପ୍ରେସିଡେଣ୍ଟ ଏସ୍. କେ. ଶର୍ମା, ବଡବିଲ ୟୁନିଟ୍‌ର ୟୁନିଟ୍ ହେଡ୍ ସତୀଶ ସିନ୍ଧୁରିଆ, ସିଏସ୍ଆର୍ ହେଡ୍ ରଷି ପଠାନିଆ, ଆଡମିନିଷ୍ଟ୍ରେସନ୍ ହେଡ୍ କର୍ଣ୍ଣେଲ ଗଗନଦୀପ କୋହଲି, ବଡବିଲ, କାସିଆ, ଟେନସା ଓ ରୋଇଡା-ଓ ଲୁହାପଥର ଖଣିର ବରିଷ୍ଠ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି, ବିଶିଷ୍ଟ ବ୍ୟକ୍ତିବିଶେଷ, କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ କର୍ପୋରେଟ୍ କମ୍ୟୁନିକେସନ୍ ବିଭାଗ, ଇଏମ୍‌ଡି, ଉର୍ଜିଳ ଲାକ୍ରାଙ୍କ ନେତୃତ୍ୱାଧୀନ ସିଏସ୍ଆର୍ ଟିମ୍, କର୍ଣ୍ଣେଲ ବିଜୟ ମଲ୍ଲିକଙ୍କ ନେତୃତ୍ୱାଧୀନ ମେଡିକାଲ୍ ଟିମ୍ ଏବଂ ଆଡମିନିଷ୍ଟ୍ରେସନ୍ ବିଭାଗର ଉଲ୍ଲେଖନୀୟ ଅବଦାନ ରହିଥିଲା। ଜିନ୍ଦଲ ଫାଉଣ୍ଡେସନ୍‌ର ଏହି ଐତିହାସିକ ପଦକ୍ଷେପ ସମନ୍ୱିତ ବିକାଶର ଏକ ପ୍ରତିଫଳନ। ଯାହା ଆଗାମୀ ପିଢ଼ି ପାଇଁ ଭାରତର ସମୃଦ୍ଧ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହ୍ୟକୁ ସୁରକ୍ଷିତ ରଖିବା ସହିତ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ମାଧ୍ୟମରେ ଏକ ସୁସ୍ଥ ସମାଜ ଗଠନ ଦିଗରେ ସହାୟକ ହେବ।

# ନୀଳାଦ୍ରୀଶ ଜଗନ୍ନାଥଙ୍କ ଲୀଳା ଜଗତକଲ୍ୟାଣର ହେତୁ

## ଦଧିମାଛଗାଡିଆର 'ଶ୍ରୀଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମନ୍ଦିର ଉନ୍ନୟନ ସମିତି' ପାଇଲା 'ଭଞ୍ଜଭାରତୀ ସାଂସ୍କୃତିକ ସମ୍ମାନ-୨୦୨୬'







**ଭୁବନେଶ୍ୱର, ୨୨/୦୭**
**ନ୍ୟୁଜ ବ୍ୟୁରୋ**

ଭକ୍ତକୁ ଆଶ୍ଚର୍ଯ୍ୟମୟ-ଲୀଳାରେ ଆନନ୍ଦ ବିତରଣ ସହ ଜଗତର କଲ୍ୟାଣ ସମ୍ପାଦନ କରିବାରେ ନୀଳାଦ୍ରୀଶ ଶ୍ରୀଜଗନ୍ନାଥ ସତତ ଧୁରନ୍ଧର। ତାଙ୍କ ନାମ ଓ ମହିମା ଶ୍ରବଣ ଦ୍ୱାରା ଭକ୍ତକୁ ଭୁକ୍ତି, ଭକ୍ତି ଓ ମୁକ୍ତି ସୁଲଭ ହୋଇଥାଏ ବୋଲି ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ଭୁବନେଶ୍ୱର ଭଞ୍ଜଭାରତୀପକ୍ଷରୁ ବୁଧବାର ସଂଧ୍ୟାରେ ଜୟଦେବ ଭବନରେ ଆୟୋଜିତ ହୋଇଥିବା ଶ୍ରୀଜଗନ୍ନାଥଚେତନା ଆଧାରିତ ସ୍ୱତନ୍ତ୍ର ଭକ୍ତିମୟ ସତ୍ର 'ଲୀଳାମୟ ନୀଳାଦ୍ରୀଶ' ଅବସରରେ ବିଶିଷ୍ଟବକ୍ତାମାନେ ମତ ପ୍ରକାଶ କରିଛନ୍ତି । ଏହି ସଭାକୁ ଉଦ୍ଘାଟନ କରି ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ ଶ୍ରୀଜଗନ୍ନାଥ ସଂସ୍କୃତିର ବିଶ୍ୱବ୍ୟାପକତା ସଂପର୍କରେ କହିଥିବା ବେଳେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଶ୍ରୀଜଗନ୍ନାଥ ସଂସ୍କୃତିର ଉଚ୍ଚାଙ୍ଗ ଆଦର୍ଶଗତ ମହନୀୟତା ସଂପର୍କରେ ଆଲୋକପାତ କରିବା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ଉଦାର-ସାମାଜିକ-ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ। ବରେଣ୍ୟ ଅତିଥି ତଥା 'ନୀଳାଦ୍ରି' ପତ୍ରିକାର ମୁଖ୍ୟ ସମ୍ପାଦକ ଇଂ ପ୍ରଶାନ୍ତ ଆଚାର୍ଯ୍ୟ ଜଗନ୍ନାଥଚେତନା କିପରି ବିଶ୍ୱଜୀବନର ମଧୁମୟୀ ବାର୍ତ୍ତା ପ୍ରଦାନ କରେ, ସେ ସଂପର୍କରେ କହିଥିଲେ । ଭଞ୍ଜଭାରତୀର ସଭାପତି ତଥା ବିଶିଷ୍ଟ ଜଗନ୍ନାଥଚେତନା-ପ୍ରବକ୍ତା ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ସଂପର୍କରେ ବିସ୍ତୃତଭାବେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ସାମାଜିକ ତଥା ଆଧ୍ୟାତ୍ମିକ ସେବା ମାଧ୍ୟମରେ ଶ୍ରୀଜଗନ୍ନାଥଚେତନାର ପ୍ରଚାର-ପ୍ରସାର-କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଦାରୁକ୍ଷେତ୍ର ଦଧିମାଛଗାଡିଆ ସ୍ଥିତ 'ଶ୍ରୀଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମନ୍ଦିର ଉନ୍ନୟନ ସମିତି'କୁ ମର୍ଯ୍ୟାଦାଜନକ 'ଭଞ୍ଜଭାରତୀ ସାଂସ୍କୃତିକ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ 'ନାଦବ୍ରହ୍ମ' ଅନୁଷ୍ଠାନପକ୍ଷରୁ ମହାପାତ୍ର ମିନତି ଭଞ୍ଜ ଓ ପ୍ରଫେସର ଜଗନ୍ନାଥ କୁଅଁରଙ୍କ ସହ ସୁଶ୍ରୀ ଶ୍ରିତିକୋଣା ଦାସ ଶ୍ରୀଗୀତଗୋବିନ୍ଦ ଏବଂ ଶ୍ରୀଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ସଭା ସଂଯୋଜନା କରିଥିଲେ ଭଞ୍ଜଭାରତୀର ବରିଷ୍ଠ ସଦସ୍ୟ ଡକ୍ଟର ମୃତ୍ୟୁଞ୍ଜୟ ରଥ ଓ ଧନ୍ୟବାଦ ଅର୍ପଣ କରିଥିଲେ ସଦସ୍ୟ ନରେନ୍ଦ୍ର କୁମାର ସାହୁ । ସେହିପରି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ଭଞ୍ଜଭାରତୀର ଉପସଭାପତି ସୁରେଶ୍ୱର ପାଣିଗ୍ରାହୀ, ସଂପାଦିକା ଶୁଭଶ୍ରୀ ମିଶ୍ର, କୋଷାଧ୍ୟକ୍ଷା ଶୈଳଜା ମିଶ୍ର, ବରିଷ୍ଠସଦସ୍ୟ ବିନାୟକ ରଥ, ଗତିକୃଷ୍ଣ ଦାଶ, ଅସୀମା ତ୍ରିପାଠୀ, ଦିଲ୍ଲୀପ ଦାସ, ଡକ୍ଟର ନୀଳମାଧବ ପ୍ରଧାନ, ସନ୍ତୋଷ ବେହେରା, ଆଶୁତୋଷ ମହାସୁଆର ପ୍ରମୁଖ । ଏଥିରେ ବହୁସଂଖ୍ୟାରେ ଜଗନ୍ନାଥପ୍ରେମୀ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭିଡ ପରିଚାଳନା...

ହେବ। ତେଣୁ ସମସ୍ତ ନୀତିକାନ୍ତି ଯେପରି ସୁଚାରୁ ରୂପେ ପାଳିତ ହେବ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ରଖିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ରଥଯାତ୍ରାରେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ, ଦୁଇଜଣ ଶ୍ରଦ୍ଧାଳୁଙ୍କ ଜୀବନହାନି ଯୋଗୁ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ମୃତ ଶ୍ରଦ୍ଧାଳୁଙ୍କ ପରିବାରବର୍ଗଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବା ପାଇଁ ଘୋଷଣା କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀ ରଥଯାତ୍ରା ପରିଚାଳନା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ଅଗ୍ନିଶମ ପୋଲିସ ମହାନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡଙ୍ଗୀ, ପୋଲିସ ଆଧୁନିକୀକରଣର ଅତିରିକ୍ତ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ପୋଲିସ ପ୍ରଶାସନର ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ ସିଂ ପ୍ରମୁଖ ଉପସ୍ଥିତ ରହି ବାହୁଡ଼ା ଓ ସୁନାବେଶ ପରିଚାଳନା ସମ୍ପର୍କରେ ମତାମତ ରଖିଥିଲେ।

## ପ୍ରତ୍ୟେକ ପ୍ରସଙ୍ଗରେ ...

ଦୁଇଥର ମୁଲତବୀ ହେବା ପରେ ଅପରାହ୍ନ ୨ଟାରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସମୟରେ, ମହିଳା ସଦସ୍ୟଙ୍କ ତରଫରୁ ବାଚସ୍ପତି ଓମ୍ ବିର୍ଲାଙ୍କ ଦ୍ୱାରା ପ୍ରାପ୍ତ ଲିଖିତ ଅଭିଯୋଗ ବିଷୟରେ ପୀଠାସୀନ ଅଧିକାରୀ କୃଷ୍ଣ ପ୍ରସାଦ ଟେନେଟି ଗୃହକୁ ସୂଚନା ଦେଇଥିଲେ। ଏହା ପରେ, ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ଦ୍ୱାରା ଆଗତ ପ୍ରସ୍ତାବକୁ ଶବ୍ଦ ମତଦାନ ଦ୍ୱାରା ଗୃହରେ ଗ୍ରହଣ କରାଯାଇଥିଲା। ପୀଠାସୀନ ଅଧିକାରୀ ଟେନ୍ନେଟି କହିଛନ୍ତି ଯେ କଲ୍ୟାଣ ବାନାର୍ଜୀ ଅସଂସଦୀୟ ଭାଷା ବ୍ୟବହାର କରିଛନ୍ତି। ବାଚସ୍ପତି ଓମ୍ ବିର୍ଲା ତାଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗ ଗ୍ରହଣ କରିଛନ୍ତି। ଏହା ଗୃହର ମର୍ଯ୍ୟାଦା ବିରୋଧୀ ଏବଂ ଆପତ୍ତିଜନକ ଏବଂ ବାଚସ୍ପତି ବିଶ୍ୱାସ କରନ୍ତି ଯେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଅର୍ଜୁନ ରାମ ମେଘୱାଲ କହିଛନ୍ତି ଯେ ସେ କେବଳ ମହିଳା ସଦସ୍ୟାଙ୍କ ବିରୋଧରେ ଅଶୋଭନୀୟ ମନ୍ତବ୍ୟ ଦେଇନାହାନ୍ତି ବରଂ ଦୁର୍ବ୍ୟବହାର ମଧ୍ୟ କରିଛନ୍ତି। ତେଣୁ ତାଙ୍କୁ ଅଧିବେଶନର ଅବଶିଷ୍ଟ ଦିବସ ପାଇଁ ନିଲମ୍ବିତ କରାଯିବା ଉଚିତ। ଅନ୍ୟପକ୍ଷରେ ସଂସଦରେ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ସଂସଦରେ ଚାଲିଥିବା ଅଚଳାବସ୍ଥାକୁ ନେଇ ବିରୋଧୀଙ୍କୁ ଟାର୍ଗେଟ କରି କହିଛନ୍ତି ଯେ ବିରୋଧୀ ଦଳ ବିତର୍କ ସମୟରେ ନିଜର ମତାମତ ଉପସ୍ଥାପନ କରିବା ଉଚିତ, କିନ୍ତୁ ବିତର୍କ ବନ୍ଦ କରିବା ପାଇଁ ସର୍ତ୍ତାବଳୀ ଲାଗୁ କରିବା ଗଣତାନ୍ତ୍ରିକ ପରମ୍ପରା ବିରୁଦ୍ଧରେ। ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି କିରେନ ରିଜିଜୁ କହିଛନ୍ତି ଯେ ଯଦି ଗୃହରେ ବିତର୍କ ହୁଏ, ତେବେ ପ୍ରତ୍ୟେକ ସାଂସଦଙ୍କର ନିଜର ମତାମତ ପ୍ରକାଶ କରିବାର ଅଧିକାର ଅଛି। କଂଗ୍ରେସ ହେଉ କିମ୍ବା ଅଖିଳେଶ ଯାଦବ, ସମସ୍ତେ ମୁକ୍ତ ଭାବରେ ନିଜର ମତାମତ ପ୍ରକାଶ କରିପାରିବେ। ସେ କହିଛନ୍ତି ଯେ ବିତର୍କ ବନ୍ଦ କରିବା ପାଇଁ ବାହାନା କରିବା ଯୁକ୍ତିଯୁକ୍ତ ନୁହେଁ। ସେ କହିଛନ୍ତି ଯେ ସରକାର କୌଣସି ପ୍ରସଙ୍ଗକୁ ଦୂରେଇ ଯାଆନ୍ତି ନାହିଁ। ଗଣତନ୍ତ୍ରରେ, ଜନସାଧାରଣଙ୍କୁ ତାଙ୍କ କାର୍ଯ୍ୟ ବିଷୟରେ ଜଣାଇବା ଏବଂ ଗୃହରେ ପ୍ରତ୍ୟେକ ପ୍ରସଙ୍ଗ ଉପରେ ଆଲୋଚନା କରିବା ସରକାରଙ୍କ ଦାୟିତ୍ୱ। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିରୋଧୀ ଦଳକୁ ଏପରି ମନୋଭାବ ଗ୍ରହଣ ନକରିବାକୁ ନିବେଦନ କରିଛନ୍ତି ଯାହା ଗୃହରେ ଆଲୋଚନାକୁ ବାଧା ଦିଏ। ସେ କହିଛନ୍ତି ଯେ ସଂସଦୀୟ କାର୍ଯ୍ୟ ପ୍ରତିଷ୍ଠିତ ନିୟମ ଅନୁଯାୟୀ ପରିଚାଳିତ ହୁଏ। ପ୍ରଥମେ ଆଲୋଚନା ପାଇଁ ଅନୁମତି ଦିଆଯାଏ ନାହିଁ ଏବଂ ତା'ପରେ କୁହାଯାଏ ଯେ କହିବାର ସୁଯୋଗ ନଥିଲା, ଏହା ଠିକ୍ ନୁହେଁ।

## ଋଷର ଇ-କମର୍ସ...

ପାଇଁ ଆକ୍ରମଣ କରିଛି। ଗତ ସପ୍ତାହରେ ତମ୍ବୋଭ ଓ ଇଲେକ୍ଟ୍ରୋଷ୍ଟଲରେ ଥିବା କମ୍ପାନୀର ଗୋଦାମ ଉପରେ ହୋଇଥିବା ଆକ୍ରମଣରେ ୮ ଜଣଙ୍କର ମୃତ୍ୟୁ ହୋଇଥିଲା।

## ପ୍ରଥମ ଇଣ୍ଟିଗ୍ରେଟେଡ୍ ...

ସ୍ୱଚ୍ଛତା ବୃଦ୍ଧି କରିବ ଏବଂ ଓଡ଼ିଶାର ବନ ସମ୍ପଦର ସଂରକ୍ଷଣ ଓ ନିରନ୍ତର ପରିଚାଳନା ପାଇଁ ସମୟୋପଯୋଗୀ ନିଷ୍ପତ୍ତି ଗ୍ରହଣରେ ସହାୟକ ହେବ। ଏହି ଅବସରରେ ବିଭାଗର ପ୍ରମୁଖ ଡିଜିଟାଲ୍ ପ୍ଲାଟଫର୍ମ ଓଡ଼ିଶା ଫରେଷ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ସୂଚନା ପ୍ରଯୁକ୍ତି-ଆଧାରିତ ପଦକ୍ଷେପଗୁଡ଼ିକର ପ୍ରଦର୍ଶନ କରାଯାଇଥିଲା। ଏହି ପ୍ଲାଟଫର୍ମଗୁଡ଼ିକ ମାଧ୍ୟମରେ ବନ ସୁରକ୍ଷା, ବୃକ୍ଷରୋପଣ, ବନାଗ୍ନି ପରିଚାଳନା, ପାଟ୍ରୋଲିଂ, ଆସେଟ୍ ମ୍ୟାନେଜମେଣ୍ଟ, ଜିଓସ୍ପେସିଆଲ୍ ମ୍ୟାପିଂ, କ୍ଷତିପୂରକ ବନୀକରଣ ପାଇଁ ଲ୍ୟାଣ୍ଡ ବ୍ୟାଙ୍କ ଏବଂ ନାଗରିକ ସେବାଗୁଡ଼ିକର ଅନଲାଇନ୍ ନିରୀକ୍ଷଣ ଏକୀକୃତ ଡିଜିଟାଲ୍ ବ୍ୟବସ୍ଥା ମାଧ୍ୟମରେ ସମ୍ଭବ ହୋଇପାରୁଛି। ଏହି ଅବସରରେ, ନବୀକୃତ ୱେବସାଇଟର ଶୁଭ ଉନ୍ମୋଚନ କରିଥିଲେ। ଏହା ସହିତ ଭାରତରେ ଜାଇକା ସହାୟତାପ୍ରାପ୍ତ ବନୀକରଣ ପ୍ରକଳ୍ପଗୁଡ଼ିକର ୧୪ତମ ଜାତୀୟ କର୍ମଶାଳାର ସ୍ମରଣିକା ଏବଂ ଓଡ଼ିଶା ଫରେଷ୍ଟ୍ରି ସେକ୍ଟର ଡେଭେଲପମେଣ୍ଟ ପ୍ରୋଜେକ୍ଟ (ଦ୍ୱିତୀୟ ପର୍ଯ୍ୟାୟ)ର ବାର୍ଷିକ ରିପୋର୍ଟ (୨୦୨୫-୨୬)କୁ ମଧ୍ୟ ଉନ୍ମୋଚନ କରାଯାଇଥିଲା। ଏହି ପ୍ରକାଶନଗୁଡ଼ିକରେ ପ୍ରକଳ୍ପର ସଫଳତା, ଉତ୍ତମ କାର୍ଯ୍ୟପଦ୍ଧତି ଏବଂ ନିରନ୍ତର ବନୀକରଣ ଓ ସାମୁଦାୟିକ ବିକାଶ କ୍ଷେତ୍ରରେ ସହଯୋଗୀ ପ୍ରୟାସଗୁଡ଼ିକ ଉଲ୍ଲେଖ କରାଯାଇଛି। ଉଦ୍‌ଘାଟନୀ ସମାରୋହରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ, ଡ କେ. ମୁରୁଗେଶନ, ପିସିସିଏଫ୍ (କେଏଲ) ଉମା ନନ୍ଦୁରୀ, ଓଏଫ୍ଏସଡିପିର ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଜି. ରାଜେଶ, ସିଏଫ୍ (ଆଇଟି ଏବଂ ଜିଆଇଏସ୍) ଭି. କାର୍ତ୍ତିକ, ସ୍ୱତନ୍ତ୍ର ଶାସନ ସଚିବ, ସ୍ୱୟଂ ମଲ୍ଲିକ୍, ନିର୍ଦ୍ଦେଶକ, ପରିବେଶ-ତଥା-ସ୍ୱତନ୍ତ୍ର ଶାସନ ସଚିବ, କେ.ଏସ୍. ପ୍ରଦୀପ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଭି.କେ....

ଅସୁସ୍ଥ ଅଛନ୍ତି। ଆମେ ଅପେକ୍ଷା କରୁଛୁ, ସେ କେବେ ସୁସ୍ଥ ହୋଇ ଜେରାର ସମ୍ମୁଖୀନ ହେବେ। ଗୃହ ବିଭାଗରୁ ଫାଇଲ ବାହାରି କେତେ ହାତ ହୋଇ ଆଗକୁ ଯାଇଛି। ସୋପାନ ସୋପାନ ହୋଇ ତଦନ୍ତ ହେବ। ଯେଉଁଠି ସୋପାନ ସରିବ ସେ ଅପରାଧୀ ବୋଲି ଜଣାପଡିବ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ।

## ମାନିଲାରେ ଏକାଠି ...

ସୁଯୋଗଗୁଡ଼ିକୁ ନିକଟରୁ ବିଶ୍ଳେଷଣ କରିଥିଲେ। ବିଶେଷକରି, ସେମାନେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଏଏସଇଏଏନର ଦୃଷ୍ଟିକୋଣକୁ ବ୍ୟବହାରିକ ଭାବରେ କାର୍ଯ୍ୟକାରୀ କରିବାକୁ ସହମତ ହୋଇଛନ୍ତି। ଏହା ଅନ୍ତର୍ଗତ ସାମୁଦ୍ରିକ ସୁରକ୍ଷାକୁ ସୁଦୃଢ଼ କରିବା, ଅନ୍ତର୍ଜାତୀୟ ଅପରାଧକୁ ରୋକିବା ଏବଂ ଗୁରୁତ୍ୱପୂର୍ଣ୍ଣ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଭାଗୀତାକୁ ବିସ୍ତାର କରାଯିବ।

## ପୁଣି ଲେଉଟିଲା...

ପ୍ରଫେସର ଡାକ୍ତର ସନ୍ତୋଷ କୁମାର ମିଶ୍ର ଏନେଇ ସୂଚନା ଦେଇଛନ୍ତି । ସ୍ୱାସ୍ଥ୍ୟ ବିଭାଗ ଲୋକମାନଙ୍କୁ ସଚେତନ ରହିବାକୁ ଓ ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛି । ନିୟମିତ ହାତ ଧୋଇବା, ଭିଡ଼ ସ୍ଥାନରେ ସତର୍କ ରହିବା ଓ ଅସୁସ୍ଥ ଅନୁଭବ କଲେ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଛି। ଏହି ଘଟଣା ପରେ ହସ୍ପିଟାଲ ପ୍ରଶାସନ ସମସ୍ତ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥାକୁ ସକ୍ରିୟ ରଖିଛି । ରୋଗୀଙ୍କ ସ୍ଥିତି ଉପରେ ନିୟମିତ ନଜର ରଖାଯାଉଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ଚିହ୍ନଟ ଓ ଆବଶ୍ୟକ ସ୍ୱାସ୍ଥ୍ୟ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି । ଏହା ସହିତ ଲୋକଙ୍କୁ ଅଯଥା ଆତଙ୍କିତ ନହୋଇ ସତର୍କ ରହିବା, ଅସୁସ୍ଥ ଅନୁଭବ କଲେ ପରୀକ୍ଷା କରାଇବା ଏବଂ ଆବଶ୍ୟକ ସ୍ୱାସ୍ଥ୍ୟବିଧି ପାଳନ କରିବାକୁ ପରାମର୍ଶ ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ କହିଛି, ପରିସ୍ଥିତି ଉପରେ କଡ଼ା ନଜର ରଖାଯାଇଛି ଏବଂ ଆବଶ୍ୟକ ପଡ଼ିଲେ ତୁରନ୍ତ ପଦକ୍ଷେପ ନିଆଯିବ ।

## ଜେନେରିକ୍ ଔଷଧ ...

ରପ୍ତାନୀ କରୁଥିବା କମ୍ପାନୀ ସିପ୍ଲା, ଲୁପିନ୍, ସନ୍ ଫାର୍ମା, ଡକ୍ଟର ରେଡ୍ଡିସ୍, ଜାଇଡସ୍ ଲାଇଫ୍‌ସାଇନସେସ୍, ଆଲ୍କେମ୍ ଲାବୋରେଟୋରିଜ୍ ଓ ଟୋରେଣ୍ଟ୍ ଫାର୍ମାର ସେୟାର ମୂଲ୍ୟରେ ୨ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ଘଟିଥିଲା। ଆମେରିକା ଭାରତୀୟ ଔଷଧର ସବୁଠୁ ବଡ଼ ରପ୍ତାନି ବଜାର। କିନ୍ତୁ ସମ୍ପ୍ରତି ସେହି ରପ୍ତାନି ସ୍ଥିର ହୋଇ ହ୍ରାସ ପାଇବାରେ ଲାଗିଛି। ଭାରତର ୩୦ ପ୍ରତିଶତ ଔଷଧ ଆମେରିକା ପଠାଯାଉଛି। ୨୦୨୫-୨୬ରେ ଆମେରିକା, କାନାଡା ଓ ମେକ୍ସିକୋକୁ ଔଷଧ ରପ୍ତାନି ୭.୯ ପ୍ରତିଶତ ହ୍ରାସ ପାଇଥିଲା। ୨୦୨୬-୨୭ରେ ସେହି ଧାରା ଜାରି ରହିଛି। ଜେନେରିକ ଔଷଧ ଉତ୍ପାଦନ ପାଇଁ ଆମେରିକା ଯେଉଁ ଦୁଇ ବର୍ଷର ଅବଧି ରଖିଛି ସେଥିରେ ତାହା ସଫଳ ହେବା ସନ୍ଦେହ ରହିଛି ବୋଲି ବିଶେଷଜ୍ଞମାନେ କହିଛନ୍ତି। ନିୟାମକ ଅନୁମୋଦନ ହାସଲ କରିବା, କାରଖାନା ନିର୍ମାଣ କରିବା ଏବଂ ସବୁ ପ୍ରକାର ଆବଶ୍ୟକତା ପୂରଣ କରୁଥିବା ଜେନେରିକ୍ ଔଷଧ ଉତ୍ପାଦନ କରିବା କାର୍ଯ୍ୟ ଦୁଇ ବର୍ଷରେ ଶେଷ ହେବା ନେଇ ସନ୍ଦେହ ରହିଥିବା ସେମାନେ କହିଛନ୍ତି। ଆମେରିକାରେ ଡାକ୍ତରମାନେ ଲେଖୁଥିବା ୯୦ ପ୍ରତିଶତ ଔଷଧ ହେଉଛି ଜେନେରିକ୍। ସେଠାରେ କେବଳ ୧୦ ପ୍ରତିଶତ ବ୍ରାଣ୍ଡେଡ୍ ଓ ପେଟେଣ୍ଟଯୁକ୍ତ ଔଷଧ ବିକ୍ରି ହେଉଛି।

## ସିଜେପିଙ୍କ ପ୍ରତିବାଦ...

କରିଦେଇଥିଲେ। ମଙ୍ଗଳବାର ପୂର୍ବରୁ, ଦିଲ୍ଲୀ ହାଇକୋର୍ଟ ମଧ୍ୟ ସମାନ ମାମଲାରେ ଏକ ଜରୁରୀ ଶୁଣାଣିକୁ ମନା କରିଦେଇଥିଲେ। ହାଇକୋର୍ଟ କହିଥିଲେ, "ଏଥିରେ କୋର୍ଟକୁ ଟାଣନ୍ତୁ ନାହିଁ।"

# ଇଷ୍ଟକୋଷ୍ଟ ରେଲୱେରେ ଏଆଇର ଏଣ୍ଟ୍ରି : ଯାତ୍ରୀଙ୍କୁ ସୁରକ୍ଷା ଦେବ 'ଡିଏସସି ଅର୍ଜୁନ'

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଇଷ୍ଟକୋଷ୍ଟ ରେଲୱେରେ ଇଓର ଏଣ୍ଟ୍ରି । ଯାତ୍ରୀଙ୍କ ସୁରକ୍ଷା ପାଇଁ ଆସିଲା 'ଡିଏସସି ଅର୍ଜୁନ'। ବିଶାଖାପାଟଣା ପରେ ଏବେ ଓଡ଼ିଶାରେ ବି ରେଳ ଷ୍ଟେସନ ଓ ଯାତ୍ରୀଙ୍କୁ ସୁରକ୍ଷା ଦେବ ଏଆଇ ସଞ୍ଚାଳିତ ରୋବୋଟ୍ । ଏହା ଅପରାଧୀଙ୍କୁ ଚିହ୍ନଟ କରିବ ଷ୍ଟେସନରେ ୨୪ ଘଣ୍ଟିଆ ପାଟ୍ରୋଲିଂ କରିବ। ଏଆଇ ଦ୍ୱାରା ଭିଡ଼ ଉପରେ ନଜର ରଖିବ। ନିଆଁ ଲାଗିଲେ କି ଧୂଆଁ ଉଠିଲେ ସତର୍କ ସୂଚନା ବି ଦେବ। ପ୍ରଥମ ପର୍ଯ୍ୟାୟରେ ଏହି ସ୍ମାର୍ଟ ହ୍ୟୁମାନଏଡ୍ ରୋବଟକୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ପୁରୀ ରେଲୱେ ଷ୍ଟେସନରେ ନିୟୋଜିତ କରାଯିବ। ପରବର୍ତ୍ତୀ ସମୟରେ ଏହାକୁ ଭୁବନେଶ୍ୱର ରେଲୱେ ଷ୍ଟେସନରେ ମୁତୟନ କରାଯିବ। ଯାତ୍ରୀ ସୁରକ୍ଷା ସହ ରେଳ ସେବାକୁ ସ୍ମାର୍ଟ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଏହି ଅଭିନବ ପ୍ରୟାସ କରାଯାଇଛି। ସୁରକ୍ଷା ଓ ନିରୀକ୍ଷଣ ପ୍ରକ୍ରିୟାକୁ ସୁଦୃଢ କରିବା ପାଇଁ ଆରପିଏଫ୍ ଦ୍ୱାରା ଏହି ହ୍ୟୁମାନୋଏଡ୍ ରୋବୋର୍ଟକୁ ବିକଶିତ କରାଯାଇଛି । ବୁଧବାର ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୱାଲ ଏହାକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଛନ୍ତି । ସୂଚନାଯୋଗ୍ୟ, ଷ୍ଟେସନ ସୁରକ୍ଷା, ଯାତ୍ରୀ ନିରାପତ୍ତା ଏବଂ କାର୍ଯ୍ୟଦକ୍ଷତାକୁ ଅଧିକ ସୁଦୃଢ କରିବା ପାଇଁ ଏହି ଏଆଇ ରୋବୋଟର ସହଯୋଗ ନିଆଯିବ । ତେବେ ବିଶାଖାପାଟଣାରେ ନିୟୋଜିତ ଏଏସସି ଅର୍ଜୁନ ତୁଳନାରେ ଡିଏସସି ଅର୍ଜୁନ ଅଧିକ ଦକ୍ଷତା ସମ୍ପନ୍ନ । କମ୍ପ୍ୟୁଟର ଭିଜନ, ମେସିନ୍ ଲର୍ଣ୍ଣିଂ, ଅଧିକ କ୍ୟାମେରା, ଅତ୍ୟାଧୁନିକ ଏଆଇ ଫିଚ୍‌ର ଆଦି ସହ ଡିଏସସି ଅର୍ଜୁନ ସୁରକ୍ଷା ଓ ନିରୀକ୍ଷଣ କାର୍ଯ୍ୟରେ ଆରପିଏଫକୁ ସହଯୋଗ କରିବ । ଷ୍ଟେସନରେ କାର୍ଯ୍ୟକ୍ଷମ ଥିବା କ୍ୟାମେରାଗୁଡ଼ିକ ସହ ଡିଏସସି ଅର୍ଜୁନର କ୍ୟାମେରାକୁ ସଂଯୋଗ କରାଯିବ । ଷ୍ଟେସନ ପରିସରରେ କୌଣସି ଅପରାଧୀ, ସନ୍ଦିଗ୍ଧ ଅପରାଧୀ କିମ୍ବା ସନ୍ଦେହଜନକ ପରିସ୍ଥିତି ଦେଖିଲେ ତୁରନ୍ତ ଫଟୋ ଉଠାଇ କଣ୍ଟ୍ରୋଲ୍ ରୁମ୍‌କୁ ସୂଚନା ଦେବ । ପ୍ରାରମ୍ଭିକ ପର୍ଯ୍ୟାୟରେ ପୁରୀ ଷ୍ଟେସନ ଏବଂ ପରେ ଭୁବନେଶ୍ୱର ଷ୍ଟେସନରେ ନିୟୋଜିତ ହେବ ଡିଏସସି ଅର୍ଜୁନ ।



### ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ରେ ଭାରତର ପ୍ରତିନିଧିତ୍ୱ କରିବେ ଓଡ଼ିଶା ଏଏମ୍/ ଏନ୍‌ଏସ୍ ଇଣ୍ଡିଆ

# ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରର ତିନିଜଣ ଆଥଲେଟ୍




**ମୁମ୍ବାଇ :**

ସ୍କଟଲ୍ୟାଣ୍ଡର ଗ୍ଲାସଗୋଠାରେ ଜୁଲାଇ ୨୩ ରୁ ଅଗଷ୍ଟ ୨, ୨୦୨୬ ମଧ୍ୟରେ ଆୟୋଜିତ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର (ଓଡ଼ିଶା ଏଏମ୍/ଏନ୍‌ଏସ୍ ଜିଏଚ୍‌ପିସି)ର ତିନିଜଣ ଆଥଲେଟ୍ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ଚୟନ ହୋଇଛନ୍ତି। ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ବର୍ଗରେ ଭାରତର ପ୍ରତିନିଧିତ୍ୱ ପାଇଁ ଚୟନ ହୋଇଥିବା ଆଠଜଣ ଆଥଲେଟମାନଙ୍କ ମଧ୍ୟରୁ ତିନିଜଣ ଆଥଲେଟ ତପନ ମହାନ୍ତି, ତପେଶ୍ୱରନାଥ ଦାସ ଏବଂ ଅଲମ୍ପିଆନ୍ ପ୍ରଣତି ନାୟକ ଓଡ଼ିଶା ଏଏମ୍/ଏନ୍‌ଏସ୍ ଜିଏଚ୍‌ପିସିରେ ଅଛନ୍ତି। ତପନ ମହାନ୍ତି ଏବଂ ତପେଶ୍ୱରନାଥ ଦାସ ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଏମ୍‌ଏଜି) ବର୍ଗରେ ଭାରତୀୟ ପୁରୁଷ ଦଳରେ ଥିବାବେଳେ ଅଲିମ୍ପିଆନ୍ ପ୍ରଣତି ନାୟକ ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି) ବର୍ଗରେ ଭାରତୀୟ ମହିଳା ଦଳର ସଦସ୍ୟା ଅଛନ୍ତି। ଏହି ସଫଳତା ଆଥଲେଟମାନଙ୍କ ନିଷ୍ଠା ଓ କଠିନ ପରିଶ୍ରମ ଏବଂ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିଏଚ୍‌ପିସିରେ ପ୍ରଦାନ କରାଯାଉଥିବା ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଓ ସର୍ବାଙ୍ଗୀଣ ବିକାଶକୁ ପ୍ରତିଫଳିତ କରୁଛି। ଏହି କେନ୍ଦ୍ର ଯୁବ ପ୍ରତିଭାଙ୍କୁ ଗଢ଼ି ତୋଳିବା ସହିତ ଭାରତରେ ଜିମ୍ନାଷ୍ଟିକ୍ସ କ୍ରୀଡ଼ାର ଉନ୍ନତିରେ ନିରନ୍ତର ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି। ଏଏମ୍/ଏନ୍‌ଏସ୍ ଇଣ୍ଡିଆ ମାନବ ସମ୍ବଳ ଓ ପ୍ରଶାସନ ବିଭାଗର ନିର୍ଦ୍ଦେଶକ ଏବଂ ଉପସଭାପତି ଶ୍ରୀ ଆଶୁତୋଷ ତେଲାଙ୍ଗ କହିଛନ୍ତି, "ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରର ତିନିଜଣ ଆଥଲେଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରତିଯୋଗିତା କରିବା ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ। ତପନ ମହାନ୍ତି, ତପେଶ୍ୱରନାଥ ଦାସ ଏବଂ ଅଲିମ୍ପିଆନ୍ ପ୍ରଣତି ନାୟକ ଆମ କେନ୍ଦ୍ରରେ ବିକଶିତ ହୋଇଥିବା ଉତ୍କର୍ଷତା, ଶୃଙ୍ଖଳା ଓ ଦୃଢ଼ତାର ଜ୍ୱଳନ୍ତ ଉଦାହରଣ। ସେମାନଙ୍କର ଏହି ସଫଳତା ଓଡ଼ିଶାରେ ଆମେ ଗଢ଼ି ତୋଳିଥିବା ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଏବଂ ସର୍ବାଙ୍ଗୀଣ ବିକାଶ ବ୍ୟବସ୍ଥାର ପ୍ରତିଫଳନ। ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ମୁଁ ସେମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ଏବଂ ବିଶ୍ୱ ମଞ୍ଚରେ ନିଜ ପ୍ରତିଭାର ପ୍ରଦର୍ଶନ କରିବା ସମୟରେ ସେମାନଙ୍କର ସଫଳତା କାମନା କରୁଛି।" ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିଏଚ୍‌ପିସିର ଆଥଲେଟମାନେ ୨୦୨୬ ଇଣ୍ଟରନ୍ୟାସନାଲ୍ କଣ୍ଟିନେଣ୍ଟାଲ୍ କପ୍ (ଲିସବନ୍), ୨୦୨୫ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଏସିଆନ୍ ଚାମ୍ପିଅନ୍‌ଶିପ୍, ତୁର୍କୀର ଆଣ୍ଟାଲ୍ୟାଠାରେ ଆୟୋଜିତ ୨୦୨୫ ଏଫ୍‌ଆଇଜି ୱାର୍ଲ୍ଡ କପ୍ ଏବଂ ୨୦୨୫-୨୦୨୬ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଜାତୀୟ ଚାମ୍ପିଅନ୍‌ଶିପ୍ ସମେତ ବିଭିନ୍ନ ପ୍ରତିଷ୍ଠିତ ଜାତୀୟ ଓ ଆନ୍ତର୍ଜାତିକ ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏହା ଏହି କେନ୍ଦ୍ରର ନିରନ୍ତର ଉତ୍କୃଷ୍ଟ ପ୍ରଦର୍ଶନ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ଆଥଲେଟମାନଙ୍କୁ ପ୍ରସ୍ତୁତ କରିବା କ୍ଷମତାକୁ ପ୍ରତିଫଳିତ କରୁଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ନୋଟିସ୍ ସଂ.SNTPBBSSIG-062026-DDSBP

**କାର୍ଯ୍ୟର ନାମ:** ରହେନବଟା, ମୁରୀବହାଲ, ତୁରେକେଲା ରୋଡ଼, ହରିଶଙ୍କର ରୋଡ଼, ଲଖନା, ନୂଆପଡ଼ା, ଖରିଆର ରୋଡ଼, କୋମାଖାନ୍, ବାଗବାହାର, ଭୀମଖୋଜ, ଅରାଣ୍ଡ, ମହାସମୁନ୍ଦ ଏବଂ ବେଲସୋଣ୍ଡା ଷ୍ଟେସନଗୁଡ଼ିକ ଠାରେ MEDHA ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ (EI)ର ଡୁଆଲ VDU ଉନ୍ନତିକରଣ ସହିତ ଏଲ୍ସ. ଟିଟିଲାଗଡ଼-ଏଏନ୍‌ଏମ୍‌ଡି ସେକ୍ସନରେ 130 KMPH ପର୍ଯ୍ୟନ୍ତ ସେକ୍ସନାଲ ଗତି ବୃଦ୍ଧି ନିମନ୍ତେ ଡବଲ ଡିଷ୍ଟାଣ୍ଟ ସିଗ୍ନାଲ (DOUBLE DISTANT SIGNALS) ଗୁଡ଼ିକର ବ୍ୟବସ୍ଥା ।

**ଆନୁମାନିକ ବିଜ୍ଞାପିତ ମୂଲ୍ୟ :** ₹23,61,03,459.70, EMD: ₹47,22,100.00, ଶେଷ ହେବା ଅବଧି: 12 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** 19.08.2026, 15.00 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପମୁଖ୍ୟ ସଂକେତ ଓ ଦୂରସଞ୍ଚାର ଯନ୍ତ୍ରୀ/ପ୍ରକଳ୍ପ/ ଭୁବନେଶ୍ୱର

PR-141/CJ/26-27

# ନବୀନ ପଟ୍ଟନାୟକଙ୍କ ବିରୋଧରେ ଭର୍ତ୍ତୃହରି ମହତାବଙ୍କ ମନ୍ତବ୍ୟକୁ ତୀବ୍ର ନିନ୍ଦା କଲା ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ବିଜେପି ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ ଦେଇଥିବା ମନ୍ତବ୍ୟ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ନୂଆଦିଲ୍ଲୀରେ ଚାଲିଥିବା ଛାତ୍ର ଆନ୍ଦୋଳନର ସମାଧାନ ବର୍ବରୋଚିତ ଆକ୍ରମଣ ନୁହେଁ ବରଂ ଗଣତାନ୍ତ୍ରିକ ଆଲୋଚନା ମାଧ୍ୟମରେ ହେବା ଉଚିତ ବୋଲି ଶ୍ରୀ ପଟ୍ଟନାୟକ ଆହ୍ୱାନକୁ ବିକୃତ କରିବାର ପ୍ରୟାସକୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ । ଦେଶରେ ପରୀକ୍ଷା ସୁପରିଚାଳନା ଓ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଦାବି କରୁଥିବା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ସମସ୍ୟା ଉପରେ ପଦୁଟିଏ ନ କହିତ ନବୀନ ପଟ୍ଟନାୟକ ମନ୍ତବ୍ୟକୁ ବରିଷ୍ଠ ସାଂସଦ ଭର୍ତ୍ତୃହରି ମହତାବ କାଉଣ୍ଟର କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ବୁଧବାର ଶଙ୍ଖ ଭବନରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ, ଦେଶର ରାଜଧାନୀରେ ଦେଖାଦେଇଥିବା ଏହି ଅସନ୍ତୋଷ ସମଗ୍ର ଦେଶର ଯୁବପିଢ଼ିଙ୍କ ମଧ୍ୟରେ ଗଭୀର କ୍ଷୋଭ ସୃଷ୍ଟି କରିଛି । ଗତ ୧୪ ବର୍ଷ ମଧ୍ୟରେ ଦେଶରେ ପ୍ରାୟ ୯୯ଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେବା ଯୋଗୁଁ ପ୍ରାୟ ୬.୫ କୋଟିରୁ ଅଧିକ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଛନ୍ତି । ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇବା ପରେ ସେମାନଙ୍କ ସହ ଆଲୋଚନା କରି ସମାଧାନର ବାଟ ବାହାର କରିବା ସରକାରଙ୍କ ଦାୟିତ୍ୱ।

# କଳାହାଣ୍ଡିରେ ବିଭିନ୍ନ ସୁଭଦ୍ରା ଶକ୍ତି ପ୍ରକଳ୍ପର ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସ୍ଥାନରେ ବୁଧବାର ୯ କୋଟି ୩ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ବିଭିନ୍ନ ସୁଭଦ୍ରା ଶକ୍ତି ପ୍ରକଳ୍ପର ଶୁଭ ଉଦ୍ ଘାଟନ କରାଯାଇଛି । ଏହି କ୍ରମରେ ମଦନପୁର-ରାମପୁରଠାରେ ଅଗରବତୀ ପ୍ରସ୍ତୁତି କେନ୍ଦ୍ର, ଥୁଆମୂଳ-ରାମପୁରଠାରେ ଆମ୍ବରସ ପ୍ରକ୍ରିୟାକରଣ ଓ କ୍ୟାଣ୍ଡି ପ୍ରସ୍ତୁତି କେନ୍ଦ୍ର, ଭବାନୀପାଟଣାଠାରେ ଜିଲ୍ଲା ସ୍ତରୀୟ ସୁଭଦ୍ରା ଶକ୍ତି କେନ୍ଦ୍ର ଏବଂ ୨୪ଟି ଗ୍ରାମପଂଚାୟତ ସ୍ତରୀୟ ସୁଭଦ୍ରା ଶକ୍ତି କେନ୍ଦ୍ରର ଉଦ୍‌ଘାଟନ କରାଯାଇଛି । ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରକଳ୍ପ ଗୁଡିକର ଉଦଘାଟନ କରିଥିଲେ। ଏହି ପ୍ରକଳ୍ପଗୁଡ଼ିକ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ମା' ଓ ଭଉଣୀମାନଙ୍କ ପାଇଁ ଜୀବିକାର ନୂତନ ସୁଯୋଗ ସୃଷ୍ଟି କରିବା ସହ ସେମାନଙ୍କ ଆର୍ଥିକ ଶକ୍ତି ସୁଦୃଢ଼ କରିବ ବୋଲି ଶ୍ରୀମତୀ ପରିଡା କହିଛନ୍ତି। ସେହିପରି ଭବାନୀପାଟଣାସ୍ଥିତ ସହିଦ ରେଣ୍ଡୋ ମାଝୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଆୟୋଜିତ ଆଂଚଳିକ 'ସୁଭଦ୍ରା ଶକ୍ତି ଭିଜନ୍ ସମ୍ମିଳନୀ'ରେ ଯୋଗଦେଇଥିଲେ। ଏଥିରେ କଳାହାଣ୍ଡି ଜିଲ୍ଲାର ବ୍ଲକ୍ ଲେଭେଲ୍ ଫେଡେରେସନ୍ ଗୁଡ଼ିକର ସଦସ୍ୟାମାନେ ଯୋଗଦେଇଥିଲେ । ଏହି ସମ୍ମିଳନୀରେ ମହିଳା ସଶକ୍ତିକରଣର ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ଏବଂ ମହିଳାମାନଙ୍କୁ ଆର୍ଥିକ ଓ ସାମାଜିକ ଭାବେ ଅଧିକ ସଶକ୍ତ କରିବା ବାବଦରେ ଆଲୋଚନା କରାଯାଇଥିଲା। ସେହିପରି ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ ଅବସରରେ ଆଜୀବିକା ଗ୍ରାମୀଣ ଏକ୍ସପ୍ରେସ୍ ଯୋଜନା ଏବଂ ମିଲେଟ୍ ଅନ୍ ହ୍ୱିଲ୍ସର ଶୁଭାରମ୍ଭ କରାଯାଇଥିଲା। ଏହି ପ୍ରୟାସଗୁଡ଼ିକ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କୁ ସ୍ୱାବଲମ୍ବୀ କରିବା ସହ ଗ୍ରାମୀଣ ଅର୍ଥନୀତି ବିକାଶରେ ସହାୟକ ହେବ ବୋଲି ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉତ୍କଳ ଦୀପିକା

ଭୁବନେଶ୍ୱର, ୨୩ ଜୁଲାଇ, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ‘ନାରୀ ସଶକ୍ତୀକରଣ ଦିଗରେ ମା’ ରମାଦେବୀଙ୍କ ଅବଦାନ ଅତୁଳନୀୟ’

**ଭୁବନେଶ୍ୱର, ୨୨/୦୭**
**ନ୍ୟୁଜ ବ୍ୟୁରୋ**

ରମାଦେବୀ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧାନସଭା ପରିସରରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ବିଧାନସଭା ପାର୍ଶ୍ୱସ୍ଥ ରମାଦେବୀଙ୍କ ପ୍ରତିମୂର୍ତ୍ତି ନିକଟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ସମାଜ ସଂସ୍କାର, ନାରୀ ସଶକ୍ତୀକରଣ ଦିଗରେ ମା’ ରମାଦେବୀଙ୍କ ଅବଦାନ ଅତୁଳନୀୟ। ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ମା’ ରମାଦେବୀ। ରମାଦେବୀଙ୍କ ଦେଶପ୍ରେମ ଓ ସମାଜସେବା ସଦାସର୍ବଦା ଆମ ସମସ୍ତଙ୍କୁ ଏକ ସଶକ୍ତ ସମାଜ ଓ ସମୃଦ୍ଧ ରାଷ୍ଟ୍ର ନିର୍ମାଣ କରିବା ଦିଗରେ ଅନୁପ୍ରାଣିତ କରିବ। ଏହି



କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଶିଷ୍ଟ ରାଜନେତା ତଥା ସମାଜସେବୀ ପଦ୍ମ ଚରଣ ନାୟକ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଉପ ନିର୍ଦ୍ଦେଶକ ଦେବଯାନୀ ଭୂୟାଁ, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ଉପସ୍ଥିତ ରମାଦେବୀଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ : ଦକ୍ଷିଣ ମୋଡ଼ ନେଲେ ତିନି ରଥ

**ପୁରୀ ୨୨।୭ ନ୍ୟୁଜ ବ୍ୟୁରୋ**

ଆଡ଼ପ ମଣ୍ଡପରେ ମହାପ୍ରଭୁ ବିରାଜମାନ କରିଥିବା ବେଳେ ହଜାର ହଜାର ଭକ୍ତ ଆଡ଼ପ ଦର୍ଶନ କରୁଛନ୍ତି। ସେପଟେ ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ସାରିଛି। ମଙ୍ଗଳବାର ମହାପ୍ରଭୁଙ୍କ ପାଖରୁ ଆଜ୍ଞା ମାଳ ରଥକୁ ଆସିବା ପରେ ରଥର ଦକ୍ଷିଣ ମୋଡ କରାଯାଇ ଶ୍ରୀଗୁଣ୍ଡିଚା ମନ୍ଦିରର ନାକଚଣା ଦ୍ୱାରରେ ରଥକୁ ରଖିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମେ ବିଧି ପରମ୍ପରା ଅନୁଯାୟୀ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ଦକ୍ଷିଣ ମୋଡ଼ କରାଯାଇ ନାକଚଣା ଦ୍ୱାର ସମ୍ମୁଖରେ ରଖାଯାଇଛି। ମଙ୍ଗଳବାର ପ୍ରବଳ ବର୍ଷା ହେବାରୁ ତାଳଧ୍ୱଜ ରଥକୁ ନିଆଯାଇ ପାରିନଥିଲା । ଏଣୁ ବୁଧବାର ତାଳଧ୍ୱଜ ରଥ ଓ ନନ୍ଦିଘୋଷ ରଥକୁ ନାକଚଣା ଦ୍ୱାର ସମ୍ମୁଖକୁ ନିଆଯାଇଛି। ଆଉ ଦୁଇ ଦିନ ମହାପ୍ରଭୁ ଆଡ଼ପ ମଣ୍ଡପରେ ଅବସ୍ଥାନ କରିବେ । ଆସନ୍ତା ୨୪ ତାରିଖ ଶୁକ୍ରବାର ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ। ଏଣୁ ମହାପ୍ରଭୁଙ୍କ ଆଡ଼ପ ଦର୍ଶନ ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରରେ ଭକ୍ତଙ୍କ ପ୍ରବଳ ଆଗମନ ଜାରି ରହିଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ ପରେ ଶ୍ରଦ୍ଧାଳୁ ରମା ବଡିସଲ କହିଛନ୍ତି, ‘‘ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଚକା ଆଖି ଦର୍ଶନ କଲି। ବହୁତ୍ ଖୁସି ଲାଗୁଛି। ମହାପ୍ରଭୂ ଭାଇ ଭଉଣୀ ଙ୍କୁ ନେଇ ନିଜ ଜନ୍ମସ୍ଥାନ ତଥା ମାଉସୀ ଘରକୁ ଆସିଛନ୍ତି। ମହାପ୍ରଭୁଙ୍କୁ ଦର୍ଶନ କରି ମୋ ଆତ୍ମା ଶାନ୍ତି ହୋଇଯାଇଛି’’। ଜଗନ୍ନାଥ ପ୍ରେମୀ ହରିଶଙ୍କର ମିଶ୍ର କହିଛନ୍ତି, ‘‘ଶାସ୍ତ୍ରରେ ଉଲ୍ଲେଖ ରହିଛି ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କୁ ସହସ୍ର ଥର ଦର୍ଶନ କରିବା ଯାହା ଆଡ଼ପ ମଣ୍ଡପରେ ଥରେ ଦର୍ଶନ କରିବା ସହିତ ସମାନ । ଏଣୁ ଏହା ପ୍ରତ୍ୟେକ ଭକ୍ତଙ୍କ ପାଇଁ ଏକ ସୁଯୋଗ। ବର୍ଷକୁ ଥରେ ଏହି ସୁଯୋଗ



ମିଳିଥିବାରୁ ହଜାର ହଜାର ଭକ୍ତ ଆଡ଼ପ ଦର୍ଶନ ପାଇଁ ଆସୁଛନ୍ତି । ଶ୍ରୀକ୍ଷେତ୍ର ମାଟି ଭକ୍ତମୟ ହୋଇ ଉଠିଛି’’। ଯାଜପୁର ଆସିଥିବା ପୂର୍ଣ୍ଣଚନ୍ଦ୍ର ବେହେରା କହିଛନ୍ତି, ‘‘ମୁଁ ପ୍ରତି ମାସ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରେ । ହେଲେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରିବା ଏକ ସ୍ୱତନ୍ତ୍ର ଅନୁଭୂତି । ଏଠାରେ ମହାପ୍ରଭୁଙ୍କୁ ଦର୍ଶନ କଲେ ମୁକ୍ତି ମିଳିଥାଏ। ସେଥିପାଇଁ ମୁଁ ମହାପ୍ରଭୁଙ୍କ ଆଡ଼ପ ଦର୍ଶନ ପାଇଁ ଆସିଥିଲି। ମହାପ୍ରଭୁଙ୍କ ଆଡ଼ପ ଦର୍ଶନ ପାଇ ମୁଁ ବହୁତ୍ ନିଜକୁ ଧନ୍ୟ ମନେ କରୁଛି । ବର୍ଷକୁ ଥରେ ମାତ୍ର ଏହି ସୁଯୋଗ ମିଳୁଥିବାରୁ ଏହାକୁ ହାତଛଡା କରିବା କଥା ନୁହେଁ।’’

# ହୀରାକୁଦ ଜଳଭଣ୍ଡାରରୁ ୧୨ ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ

**ସମ୍ବଲପୁର ୨୨।୭ ନ୍ୟୁଜ ବ୍ୟୁରୋ**

ହୀରାକୁଦ ଜଳଭଣ୍ଡାରର ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରକୁ ବିପୁଳ ପରିମାଣର ବନ୍ୟା ଜଳ ପ୍ରବେଶ କରିବାରେ ଲାଗିଛି। ଫଳରେ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି।ଏହାକୁ ଦୃଷ୍ଟିରେ ରଖି ହୀରାକୁଦର ଆଉ ୨ଟି ଗେଟ୍ ଖୋଲାଯାଇଛି।ପୂର୍ବରୁ ୧୦ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିଲା। ଏହି ଦୁଇଟି ଗେଟ୍ ଖୋଲିବା ପରେ ସମୁଦାୟ ୧୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି ।

ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟ ଅନୁସାରେ, ଜଳଭଣ୍ଡାର ଭିତରକୁ ୧୯୨୯୨୧ କ୍ୟୁସେକ୍ ପାଣି ପ୍ରବେଶ କରୁଥିବା ବେଳେ ୨୧୬୦୬୯ କ୍ୟୁସେକ୍ ପାଣି ଡ୍ୟାମ୍ରୁ ଛଡା ଯାଉଛି । ସେହିପରି ଜଳ ଭଣ୍ଡାରର ଜଳସ୍ତର ୬୧୩.୫୬ ଫୁଟରେ ସ୍ଥିର ରହିଛି । ଉଲ୍ଲେଖଯୋଗ୍ୟ ଯେ, ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ହେବାରୁ ମଙ୍ଗଳବାର ମୋଟ ୧୦ଟି ଗେଟ୍ ଖୋଲା ଯାଇଥିଲା। ତେବେ ଜଳସ୍ତର ବୃଦ୍ଧି ପାଇବାରୁ ବୁଧବାର ଆଉ ୨ଟି ଗେଟ୍ ଖୋଲାଯାଇଥିଲା।



# କିମ୍ସ ଡାକ୍ତରଙ୍କ ସଫଳତା : ୪ ବର୍ଷ ଶିଶୁର ଫୁସଫୁସରୁ ବାହାରିଲା ଏଲଇଡି ଲାଇଟ୍

**ଭୁବନେଶ୍ୱର, ୨୨/୦୭**
**ନ୍ୟୁଜ ବ୍ୟୁରୋ**

କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସେସ (କିମ୍ସ) ଡାକ୍ତରମାନେ ବିନା ଓପନ ସର୍ଜରୀରେ ଅସ୍ତ୍ରୋପଚାର କରି ଜଣେ ଚାରି ବର୍ଷୀୟା ବାଳିକର ଫୁସଫୁସରେ ଅଟକି ରହିଥିବା ଏକ ଛୋଟ ଧାତବ ଏଲଇଡି ବଲ୍ବକୁ ସଫଳତାର ସହିତ ବାହାର କରି ତାଙ୍କୁ ନୂଆ ଜୀବନ ପ୍ରଦାନ କରିଛନ୍ତି। ଏହି ଜଟିଳ ଚିକିତ୍ସା ପ୍ରକ୍ରିୟାରେ କିମସ ଡାକ୍ତରମାନେ ସର୍ବନିମ୍ନ କ୍ଷତ ସୃଷ୍ଟି ହେଉଥିବା ଆଧୁନିକ ପ୍ରଯୁକ୍ତିର ବ୍ୟବହାର କରିଥିଲେ। ଏହା ଫଳରେ ଓପନ ସର୍ଜରୀର ଆବଶ୍ୟକତା ପଡ଼ିନଥିଲା। ଶିଶୁଟି ଏବେ ସୁସ୍ଥ ରହିଛି। ଏହି ସଫଳ ଅସ୍ତ୍ରୋପଚାର କେବଳ କିମ୍ସର ଉନ୍ନତ ଶିଶୁ ଚିକିତ୍ସା ଦକ୍ଷତାକୁ ପ୍ରତିଫଳିତ କରିନାହିଁ, ବରଂ ଜଟିଳ ଚିକିତ୍ସା କ୍ଷେତ୍ରରେ ଆଧୁନିକ ଓ ସର୍ବନିମ୍ନ କ୍ଷତ ସୃଷ୍ଟି ହେଉଥିବା ପ୍ରଯୁକ୍ତି କେତେ ସୁରକ୍ଷିତ ଓ



ପ୍ରଭାବଶାଳୀ ହୋଇପାରେ, ତାର ଉଦାହରଣ ସୃଷ୍ଟି କରିଛି।

ଅସାବଧାନତା ଯୋଗୁଁ ଶିଶୁଟି ଏକ ଏଲଇଡି ବଲବକୁ ନାକରେ ପୂରାଇ ଦେଇଥିଲା। କ୍ରମେ ଏହା ଶ୍ୱାସ ମାର୍ଗ ଦେଇ ଫୁସଫୁସକୁ ଚାଲି ଯାଇଥିଲା। ସାଧାରଣ ପ୍ରଣାଳୀରେ ଅନ୍ୟ ଡାକ୍ତରଖାନାରେ ଏହି ବସ୍ତୁଟିକୁ ବାହାର କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଏହା ସଫଳ ହୋଇନଥିଲା। ଆଠ ଦିନ ଧରି ଶିଶୁଟିର କ୍ରମାଗତ କାଶ ଲାଗି ରହିବାରୁ ତାକୁ କିମସକୁ ଅଣାଯାଇଥିଲା। ଏଠାରେ ଡାକ୍ତରମାନେ ପରୀକ୍ଷା କରି ଏଲଇଡି ବଲ୍ବଟି ଫୁସଫୁସରେ ପହଞ୍ଚିଯାଇଥିବା ଜାଣିବାକୁ ପାଇଥିଲେ। ବଲ୍ବଟି ଡାହାଣ ଫୁସଫୁସର ନିମ୍ନ ଭାଗରେ ଏକ ସଂକୀର୍ଣ୍ଣ ଶ୍ୱାସ ପଥ ଶାଖାରେ ଅଟକି ଯାଇଥିବା ଜଣାପଡ଼ିଥିଲା। କିମସ କର୍ଣ୍ଣ-ନାସା-ଗଳା ବିଭାଗର ଡାକ୍ତରମାନେ ଏହାକୁ ଏକ ଆହ୍ୱାନ ଭାବେ ଗ୍ରହଣ କରି ସଫଳତାର ସହ ଏଲଇଡି ବଲବକୁ ବାହାର କଲେ। ଅସ୍ତ୍ରୋପଚାରର କିଛି ଘଣ୍ଟା ମଧ୍ୟରେ ଶିଶୁଟି ସୁସ୍ଥ ହେବା ପରେ ସାଧାରଣ ଭାବରେ ଖାଇବାକୁ ସକ୍ଷମ ହୋଇ ପାରିଥିଲା। ପରେ ତାକୁ ହସପିଟାଲରୁ ଡିସଚାର୍ଜ କରାଯାଇଥିଲା।

କିମସ କର୍ଣ୍ଣ-ନାସା-ଗଳା ବିଶେଷଜ୍ଞ ଡା.ପ୍ରଦୀପ ରଞ୍ଜନ ସାହୁ ଓ ଡା. ମନୀଷା ମଲ୍ଲିକ୍, ଆନାସ୍ଥେସିଓଲୋଜି ବିଭାଗର ଡା. ବସନ୍ତ କୁମାର ବେହେରା ଓ ରେସପିରେଟୋରି ମେଡ଼ିସିନ ବିଭାଗର ଡା. ସ୍ୱଦୀପ ମିଶ୍ରଙ୍କ ମିଳିତ ପ୍ରଚେଷ୍ଟାରେ ଏଭଳି ଜଟିଳ ଅସ୍ତ୍ରୋପଚାର ସଫଳ ହୋଇ ପାରିଛି। ସାଧାରଣତଃ ବୋତାମ, ଖଡ଼ି, କିମ୍ବା ବଲବ ଭଳି ଛୋଟ ବାହ୍ୟ ବସ୍ତୁଗୁଡ଼ିକ ପିଲାମାନେ ଅସାବଧନତା ଯୋଗୁଁ ନାକରେ ପୂରାଇ ଥାଆନ୍ତି। ନିଶ୍ୱାସ ନେବା ସମୟରେ ତାହା ନାକ ଭିତର ଦେଇ ଶ୍ୱାସ ପଥକୁ ଗମ୍ଭୀର କରିଦେଇଥାଏ। ଏହି ବସ୍ତୁଗୁଡ଼ିକ ଫୁସଫୁସରେ ପହଞ୍ଚିବା ପରେ ଏଗୁଡ଼ିକୁ ବାହାର କରିବା ଅତ୍ୟନ୍ତ ଚ୍ୟାଲେଞ୍ଜିଂ ହୋଇଥାଏ ଓ ବେଳେବେଳେ ବଡ଼ ଅସ୍ତ୍ରୋପଚାର ଆବଶ୍ୟକ ହୁଏ। ଏଭଳି କ୍ଷେତ୍ରରେ କିମସ ଡାକ୍ତରମାନେ ଓପନ ସର୍ଜରୀ ପରିବର୍ତ୍ତେ ଏକ ସୂକ୍ଷ୍ମ ପଦ୍ଧତି ଅବଲମ୍ବନ କରିଥିଲେ। ଶ୍ୱାସ ପଥକୁ ସୁରକ୍ଷିତ ଭାବରେ ଖୋଲା ଓ ସ୍ଥିର ରଖିବା ପାଇଁ ସେମାନେ କଠିନ ବ୍ରୋଙ୍କୋସ୍କୋପ୍ ବ୍ୟବହାର କରିଥିଲେ। ଏହି ‘ହାଇବ୍ରିଡ୍’ ପଦ୍ଧତି ଦଳକୁ କଠିନ, ଗଭୀର ସ୍ଥାନକୁ ନେଭିଗେଟ୍ କରିବାକୁ ଏବଂ କୌଣସି ଜଟିଳତା ନଥାଇ ବଲବକୁ ସୁରକ୍ଷିତ ଭାବରେ ବାହାର କରିବାକୁ ସହାୟକ ହୋଇଥିଲା। ଏଭଳି ବିରଳ ଅସ୍ତ୍ରୋପଚାରରେ ସନ୍ତୋଷ ବ୍ୟକ୍ତ କରି କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଏଥିରେ ସଂପୃକ୍ତ ଡାକ୍ତରୀ ଦଳ ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଧନ୍ୟବାଦ ଦେବା ସହ ଶିଶୁଟିର ଆରୋଗ୍ୟ କାମନା କରିଛନ୍ତି।

## ୧୮୭ ଗ୍ରାମ୍ ବ୍ରାଉନସୁଗାର ସହ ଜଣେ ଗିରଫ

**କଟକ, ୨୨/୦୭ ନ୍ୟୁଜ ବ୍ୟୁରୋ**

ରଥଯାତ୍ରା ଉପଲକ୍ଷେ ନିଶା କାରବାର ଉପରେ କଡ଼ା ନଜର ରଖିବା ପାଇଁ ଅବକାରୀ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ସ୍ୱତନ୍ତ୍ର ଅଭିଯାନ ଅଧୀନରେ ଅବକାରୀ ଗୁଇନ୍ଦା ବିଭାଗ ୟୁନିଟ୍-୧ (ଫ୍ଲାଇଂ ସ୍କ୍ୱାର୍ଡ), କଟକ ପକ୍ଷରୁ ପୁରୀ ଜିଲ୍ଲାରେ ଆଉ ଗୋଟିଏ ବଡ଼ ଏନଡ଼ିପିଏସ ମାମଲା ରୁଜୁ କରାଯାଇଛି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୨୨/୦୭/୨୦୨୬
୨,୨୦,୦୧୦/- ଟଙ୍କା
ସୁନା:- ଶୂନ୍ୟ
ରୂପା:- ୦୪ଗ୍ରାମ୍ ୮୦୦ ମିଲିଗ୍ରାମ

# ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସ୍ଥାପନ ହେବ ୬ଟି ସ୍ୱତନ୍ତ୍ର କୋର୍ଟ

**ଭୁବନେଶ୍ୱର, ୨୨/୦୭**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କୁ ଶୀଘ୍ର ଆଇନଗତ ନ୍ୟାୟ ପ୍ରଦାନ ଏବଂ ସେମାନଙ୍କ ଅଧିକାରର ସୁରକ୍ଷା ପାଇଁ ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଅତ୍ୟାଚାର ନିରୋଧ) ଆଇନ, ୧୯୮୯ ଅଧୀନରେ ଆସୁଥିବା ମାମଲାଗୁଡ଼ିକର ତ୍ୱରିତ ଶୁଣାଣି ଏବଂ ଦଣ୍ଡବିଧାନ ପାଇଁ ରାଜ୍ୟର ୬ଟି ଜିଲ୍ଲାରେ ଏକ୍ସକ୍ଲୁସିଭ୍ ସ୍ୱତନ୍ତ୍ର କୋର୍ଟ ସ୍ଥାପନ ନେଇ ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ ପାଇଛି। ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୨୬୩୯୫ ଅନୁଯାୟୀ, ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ସୁପାରିଶ ଓ ସହମତି କ୍ରମେ ଏହି କୋର୍ଟଗୁଡ଼ିକ




ସ୍ଥାପନ କରାଯାଇଛି। ଏହି ନୂତନ ସ୍ୱତନ୍ତ୍ର କୋର୍ଟଗୁଡ଼ିକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍-କମ୍-ସ୍ୱତନ୍ତ୍ର କୋର୍ଟ ଭାବେ କାର୍ଯ୍ୟ କରିବେ। ଏଗୁଡ଼ିକ ଭଦ୍ରକ, ଗଞ୍ଜାମ (ବ୍ରହ୍ମପୁର), ଯାଜପୁର, କେନ୍ଦ୍ରାପଡ଼ା, ଓ ପୁରୀ ରାଜସ୍ୱ ଜିଲ୍ଲା ଏବଂ ଖୋର୍ଦ୍ଧା ରାଜସ୍ୱ ସବ-ଡିଭିଜନ୍ ପରିସୀମା ମଧ୍ୟରେ କାର୍ଯ୍ୟକାରୀ ହେବ। ଏହି କୋର୍ଟଗୁଡ଼ିକ ପ୍ରତିଷ୍ଠା ହେବା ଦ୍ୱାରା ବହୁ ଦିନରୁ ପଡ଼ିରହିଥିବା ମାମଲାଗୁଡ଼କର ତ୍ୱରିତ ନିଷ୍ପତି ହୋଇପାରିବ। ପୋଲିସ ମୁଖ୍ୟାଳୟର ରାଜ୍ୟ ମାନବାଧିକାର ସୁରକ୍ଷା ସେଲ୍ର ନିରନ୍ତର ସମୀକ୍ଷା ଓ ପ୍ରୟାସ ଫଳରେ ଏହି ପ୍ରସ୍ତାବ ସାକାର ହୋଇପାରିଛି। ଏଡିଜିପି ଯତୀନ୍ଦ୍ର କୋୟଲଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ପ୍ରଚେଷ୍ଟା ବଳରେ ପେଣ୍ଡିଂ ମାମଲାର ସଠିକ୍ ଆକଳନ କରାଯାଇ ଗୃହ ବିଭାଗ ମାଧ୍ୟମରେ ହାଇକୋର୍ଟଙ୍କ ଆବଶ୍ୟକୀୟ ସ୍ୱୀକୃତି ହାସଲ କରାଯାଇପାରିଛି। ଏହି ଆନୁଷ୍ଠାନିକ ବିଜ୍ଞପ୍ତି ପରେ, ଗୃହ ବିଭାଗ ପକ୍ଷରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କୁ ଏହି ନୂତନ କୋର୍ଟଗୁଡ଼ିକ ପାଇଁ ବିଚାରପତି ନିଯୁକ୍ତ କରିବାକୁ ଅନୁରୋଧ କରାଯାଇଛି। ଏହା ସହିତ ଅଧିକ ମାମଲା ପେଣ୍ଡିଂ ଥିବା ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟ ଆଗାମୀ ଦିନରେ ଏହିପରି ସ୍ୱତନ୍ତ୍ର କୋର୍ଟ ଓ ସ୍ୱତନ୍ତ୍ର ସରକାରୀ ଓକିଲ ନିଯୁକ୍ତି ନେଇ ସରକାର ବିଚାର କରୁଛନ୍ତି।

# ଉଦ୍ଧବ ଶିବସେନାର ଆବେଦନ ଉପରେ ସୁପ୍ରିମକୋର୍ଟଙ୍କ ନୋଟିସ୍

**ନୂଆଦିଲ୍ଲୀ, ୨୨/୦୭**

ମହାରାଷ୍ଟ୍ରର ଶିବସେନା ଦଳରେ ବିଭାଜନକୁ ନେଇ ପୁଣି ଥରେ ଆଇନଗତ ଲଢ଼େଇ ତୀବ୍ର ହୋଇଛି। ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା ପକ୍ଷରୁ ରୁଜୁ ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ଲୋକସଭା ବାଚସ୍ପତି ଓମ ବିରଲା, ଲୋକସଭା ସଚିବ ଏବଂ ୬ ଜଣ ବିଦ୍ରୋହୀ ସାଂସଦଙ୍କୁ ନୋଟିସ୍ ଜାରି କରିଛନ୍ତି । ଉଦ୍ଧବ ଗୋଷ୍ଠୀର ଶିବସେନା ସାଂସଦ ଅରବିନ୍ଦ ଗଣପତ ସାୱନ୍ତ ଏହି ଆବେଦନ ଦାଖଲ କରିଛନ୍ତି । ଏଥିରେ ଲୋକସଭା ବାଚସ୍ପତିଙ୍କ ସେହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରାଯାଇଛି, ଯେଉଁଥିରେ ୬ ଜଣ ସାଂସଦଙ୍କ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ବିଲୟକୁ ମାନ୍ୟତା ଦିଆଯାଇଥିବା ଦାବି କରାଯାଇଛି । ଆବେଦନକାରୀଙ୍କ ପକ୍ଷରୁ ବାଚସ୍ପତିଙ୍କ ନିଷ୍ପତ୍ତିର ଆଇନଗତ ବୈଧତା ଉପରେ ପ୍ରଶ୍ନ ଉଠାଯାଇଛି । ଏହି ମାମଲାରେ ସୁପ୍ରିମକୋର୍ଟ ସମ୍ପୃକ୍ତ ପକ୍ଷଙ୍କ ଠାରୁ ଜବାବ ମାଗିଛନ୍ତି । ଏହାସହ ମାମଲାର ପରବର୍ତ୍ତୀ ଶୁଣାଣିକୁ ଦୁଇ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଛି । ଏହି ମାମଲାର ରାୟ ମହାରାଷ୍ଟ୍ରର ଶିବସେନା



ରାଜନୀତି ଏବଂ ଦଳୀୟ ବିଭାଜନ ସମ୍ପର୍କିତ ଆଇନଗତ ପ୍ରସଙ୍ଗ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପାରେ । ତେବେ ଉଦ୍ଧବ ଗୋଷ୍ଠୀ ପକ୍ଷରୁ ବାଚସ୍ପତିଙ୍କ ନିଷ୍ପତ୍ତି ଉପରେ ତୁରନ୍ତ ରହିତାଦେଶ ଜାରି କରିବାକୁ ମଧ୍ୟ ଦାବି କରାଯାଇଥିଲା। କିନ୍ତୁ ସୁପ୍ରିମକୋର୍ଟ ଏହି ପର୍ଯ୍ୟାୟରେ ଲୋକସଭା ବାଚସ୍ପତିଙ୍କ ଆଦେଶ ଉପରେ ରହିତାଦେଶ ଜାରି କରିବାକୁ ମନା କରିଦେଇଛନ୍ତି । ଫଳରେ ବାଚସ୍ପତିଙ୍କ ପୂର୍ବ ନିଷ୍ପତ୍ତି ଏବେ ମଧ୍ୟ ବଳବତ୍ତର ରହିଛି । ତେବେ ଆଗାମୀ ଶୁଣାଣିରେ ସୁପ୍ରିମକୋର୍ଟ ଏହି ମାମଲାରେ ଉଭୟ ପକ୍ଷର ଯୁକ୍ତି ଶୁଣିବେ। ମହାରାଷ୍ଟ୍ରରେ ଶିବସେନାରେ ବିଭାଜନ ପରେ ଦଳର ନିୟନ୍ତ୍ରଣ, ବିଧାୟକ ଓ ସାଂସଦଙ୍କ ଦଳୀୟ ସ୍ଥିତି ଏବଂ ବାଚସ୍ପତିଙ୍କ ନିଷ୍ପତ୍ତିକୁ ନେଇ ଦୀର୍ଘଦିନ ଧରି ରାଜନୈତିକ ଓ ଆଇନଗତ ବିବାଦ ଜାରି ରହିଛି । ଏବେ ୬ ଜଣ ବିଦ୍ରୋହୀ ସାଂସଦଙ୍କ ବିଲୟକୁ ମାନ୍ୟତା ଦେବା ପ୍ରସଙ୍ଗ ସୁପ୍ରିମକୋର୍ଟରେ ପହଞ୍ଚିବା ପରେ ଏହି ବିବାଦ ପୁଣି ଚର୍ଚ୍ଚାକୁ ଆସିଛି । ଦୁଇ ସପ୍ତାହ ପରେ ହେବାକୁ ଥିବା ଶୁଣାଣି ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ଭିଜିଲାନ୍ସ ଜାଲରେ ଓଏଭି ପ୍ରିନ୍ସିପାଲ୍

**ଭୁବନେଶ୍ୱର, ୨୨/୦୭**
**ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ଥୁଆମୂଳା. ରାମପୁର ଓଏଭି ପ୍ରିନ୍ସିପାଲ୍। ଏସଏଚଜି ମହିଳାଙ୍କ ଠାରୁ ଲାଞ୍ଚ ନେବା ବେଳେ ଧରାପଡ଼ିଲେ ଓଏଭି ପ୍ରିନ୍ସିପାଲ୍ ସୀତାକାନ୍ତ ରଣା। ସଫେଇ କାମ ପାଇଁ ଏକ ପେଣ୍ଡିଂ ବିଲ୍ କରାଇଦେବା ପାଇଁ ସେ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଏହି ସମୟରେ ଭିଜିଲାନ୍ସ ତାଙ୍କୁ କାବୁ କରିଥିଲା। ସୂଚନାନୁଯାୟୀ, ଥୁଆମୂଳା ରାମପୁରର ଓଏଭି ପ୍ରିନ୍ସିପାଲ୍ ସୀତାକାନ୍ତ ରଣା ଜଣେ ଏସଏଚଜି ମହିଳାଙ୍କର ୩ ମାସର ବାକିଆ ବିଲ୍ କରାଇ ଦେବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଅଭିଯୋଗକାରିଣୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ବୁଧବାର ସୀତାକାନ୍ତ ଲାଞ୍ଚ ଟଙ୍କା ନେବା ବେଳେ ଭିଜିଲାନ୍ସ ଟିମ୍ ପୂର୍ବ ପ୍ରସ୍ତୁତି ମୁତାବକ ଚଢଉ କରିଥିଲା। ତାଙ୍କ ଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ ହୋଇଥିଲା। ଭିଜିଲାନ୍ସ ଏବେ ସୀତାକାନ୍ତଙ୍କ ଦୁଇଟି ଠିକଣାରେ ଚଢଉ କରୁଛି। କୋରାପୁଟ ଭିଜିଲାନ୍ସ ସୀତାକାନ୍ତଙ୍କ ବିରୋଧରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।





**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା ‘ଉତ୍କଳ ଦୀପିକା’ ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୫୪୮, ୨୫୪୫୬୭୮
Email : utkaldeepika2016@gmail.com


# ପାଠପଢ଼ାର ବିଚିତ୍ର ସ୍ଥିତି: ୫,୧୧୧ ସ୍କୁଲରେ ୨୦ରୁ କମ୍ ପିଲା

**ଭୁବନେଶ୍ୱର, ୨୨/୦୭**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ୫,୧୧୧ ବିଦ୍ୟାଳୟରେ ୨୦ରୁ କମ୍ ଛାତ୍ରଛାତ୍ରୀ ପଢୁଛନ୍ତି। ସେଥିମଧ୍ୟରୁ ୮୦୦ ବିଦ୍ୟାଳୟରେ ୧୦ରୁ କମ୍ ପିଲା ଅଛନ୍ତି। ଏମିତିକି ସ୍କୁଲ ରହିଛି ଯେଉଁଠାରେ ପିଲା ଆସୁ ନ ଥିବାରୁ ଦିନେ ଦିନେ ପାଠପଢ଼ା ବନ୍ଦ ହୋଇଯାଉଛି। କେବଳ ବିଦ୍ୟାର୍ଥୀ ନୁହନ୍ତି, ଶିକ୍ଷକଙ୍କ କ୍ଷେତ୍ରରେ ମଧ୍ୟ ସ୍ଥିତି ଆହୁରି ବିଚିତ୍ର। ରାଜ୍ୟର ୧,୪୫୮ ବିଦ୍ୟାଳୟ ଜଣେ ଲେଖାଏ ଶିକ୍ଷକ/ଶିକ୍ଷୟିତ୍ରୀରେ ଚାଲିଛି। ଯଦି କୌଣସି କାରଣବଶତଃ ଶିକ୍ଷକ/ଶିକ୍ଷୟିତ୍ରୀ ଅନୁପସ୍ଥିତ ରହୁଛନ୍ତି ସେଦିନ ବିଦ୍ୟାଳୟରେ ପାଠପଢ଼ା ବନ୍ଦ ରହୁଛି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ପ୍ରକାଶିତ ୟୁଡାଇଜ୍ ରିପୋର୍ଟରେ ଏଭଳି ତଥ୍ୟ ସାମନାକୁ ଆସିଛି। ଭିତ୍ତିଭୂମିରେ ମଧ୍ୟ ଓଡ଼ିଶାର ବିଦ୍ୟାଳୟଗୁଡ଼ିକ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁଦୃଢ଼ ହୋଇପାରି ନାହିଁ। ଓଡ଼ିଶାରେ ୬୧,୫୯୪ ବିଦ୍ୟାଳୟରେ ୭୭ଲକ୍ଷ



୮୮ହଜାର ୫୬୭ ଛାତ୍ରଛାତ୍ରୀ ପଢୁଛନ୍ତି। ସେଥିମଧ୍ୟରୁ ୬୧,୪୭୧ ବିଦ୍ୟାଳୟରେ ଲାଇବ୍ରେରି ରହିଥିବା ବେଳେ ୫୮,୯୯୮ ବିଦ୍ୟାଳୟରେ ଖେଳପଡ଼ିଆ, ୯,୫୦୯ ସ୍କୁଲରେ ଡିଜିଟାଲ ଲାଇବ୍ରେରି, ୫୭,୩୪୮ ସ୍କୁଲରେ କିଚେନ୍ ଗାର୍ଡେନ୍ ଓ ୫୯,୯୨୮ ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ହୋଇଛି। ଚିନ୍ତାର କାରଣ ହେଉଛି ଯେ ୧,୩୯୩ ବିଦ୍ୟାଳୟରେ ବାଳିକାଙ୍କ ପାଇଁ ଶୌଚାଳୟ ନାହିଁ। ଅର୍ଥାତ୍ ୬୦,୨୦୧ ସ୍କୁଲରେ ବାଳିକା ଶୌଚାଳୟ ରହିଛି। ୩,୨୦୨ ବିଦ୍ୟାଳୟରେ ବାଳକଙ୍କ ପାଇଁ ଶୌଚାଳୟ ନ ଥିବା ରିପୋର୍ଟରେ ଦର୍ଶାଯାଇଛି। ୭,୮୬୩ ବିଦ୍ୟାଳୟରେ ସୋଲାର ପ୍ୟାନେଲ୍ ଲାଗିଛି। ୫୧,୬୫୦ ବିଦ୍ୟାଳୟରେ କମ୍ପ୍ୟୁଟର ଲାଗିଥିଲେ ମଧ୍ୟ ୪୭,୨୯୯ ବିଦ୍ୟାଳୟରେ କାର୍ଯ୍ୟକ୍ଷମ ରହିଛି। ବାକି ୪,୩୫୧ ବିଦ୍ୟାଳୟରେ କମ୍ପ୍ୟୁଟର ଅଚଳ ହୋଇପଡ଼ି ରହିଛି। ୫୧,୦୬୯ ବିଦ୍ୟାଳୟରେ ଇଣ୍ଟରନେଟ୍ ସୁବିଧା ଓ ୩୨,୪୧୪ ବିଦ୍ୟାଳୟରେ ବର୍ଷାଜଳ ଅମଳ ବ୍ୟବସ୍ଥା ରହିଛି।

ମାଧ୍ୟମିକ ସ୍ତରରେ ଓଡ଼ିଶାର ଡ୍ରପ୍ଆଉଟ୍ ହାର ଜାତୀୟ ହାରଠାରୁ ଅଧିକ ରହିଛି। ପ୍ରାଥମିକ ସ୍ତରରେ ଡ୍ରପ୍ଆଉଟ୍ ହାର ୦.୯%, ଉଚ୍ଚ ପ୍ରାଥମିକ ସ୍ତରରେ ୨.୨% ଓ ମାଧ୍ୟମିକ ସ୍ତରରେ ୧୦% ହୋଇଛି। ଜାତୀୟ ସ୍ତରରେ ଡ୍ରପ୍ଆଉଟ୍ ହାର ୭% ରହିଥିବା ବେଳେ ଓଡ଼ିଶାରେ ଅଧିକ ରହିବା ଚିନ୍ତାଜନକ ହୋଇଛି। ଅର୍ଦ୍ଧାଧିକ ରାଜ୍ୟର ଡ୍ରପ୍ଆଉଟ୍ ହାର ଦୁଇ ଅଙ୍କ ତଳେ ରହିଥିବା ବେଳେ ଓଡ଼ିଶାରେ ୧୦ ଛୁଇଁଛି। ଏବେ ରାଜ୍ୟରେ ୩ଲକ୍ଷ ୪୧ହଜାର ୯୦୯ ଶିକ୍ଷକ ଅଛନ୍ତି। ହିସାବ ଅନୁଯାୟୀ ୨୩ଜଣ ବିଦ୍ୟାର୍ଥୀଙ୍କ ପାଇଁ ଜଣେ ଶିକ୍ଷକ ରହିଛନ୍ତି। କୌଣସି ବିଦ୍ୟାଳୟ ବିନା ଶିକ୍ଷକ କିମ୍ବା ବିଦ୍ୟାର୍ଥୀରେ ଚାଲୁ ନାହିଁ। ଜଣେ ଶିକ୍ଷକରେ ରାଜ୍ୟର ୧,୪୫୮ ବିଦ୍ୟାଳୟ ଚାଲୁଛି। ଗୋଟିଏ ବର୍ଷ ମଧ୍ୟରେ ଜଣେ ଶିକ୍ଷକ ଥିବା ବିଦ୍ୟାଳୟଙ୍କ ସଂଖ୍ୟା ବୃଦ୍ଧି ପାଇଛି। ୨୦୨୪-୨୫ରେ ୧,୦୮୯ ଓ ୨୦୨୩-୨୪ରେ ୧,୦୬୫ଟି ବିଦ୍ୟାଳୟ ଜଣେ ଶିକ୍ଷକରେ ଚାଲିଥିଲା। ତେବେ ଗୋଟିଏ ବର୍ଷରେ ଆଉ ୩୬୯ଟି ବିଦ୍ୟାଳୟ ଏକକ ଶିକ୍ଷକ ହୋଇଛି। ଏହି ସ୍କୁଲଗୁଡ଼ିକରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୦୨୫-୨୬ରେ ୫୯,୬୭୨କୁ ବୃଦ୍ଧି ପାଇଛି। ଅଧିକାଂଶ ଏଭଳି ବିଦ୍ୟାଳୟ ଉପାନ୍ତ, ଆଦିବାସୀ ଓ ଜନବସତି କମ୍ ଥିବା ଅଞ୍ଚଳରେ ରହିଛି। ଜଣେ ମାତ୍ର ଶିକ୍ଷକ ବିଭିନ୍ନ ଶ୍ରେଣୀର ପିଲାଙ୍କୁ ପଢ଼ାଇବା ସହ ଅଫିସିଆଲ୍ ଓ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ସମ୍ପାଦନ କରୁଥିବାରୁ ପାଠପଢ଼ା ବହୁ ପରିମାଣରେ ପ୍ରଭାବିତ ହେଉଥିବା ଶିକ୍ଷାବିତ୍ମାନେ ମତ ପ୍ରକାଶ କରିଛନ୍ତି। ଓଡ଼ିଶାର ୩.୫% ବିଦ୍ୟାଳୟରେ ୫୦୦ରୁ ଅଧିକ ପିଲା ପଢୁଛନ୍ତି। ଫାଉଣ୍ଡେସନ କୋର୍ସରେ ୮ଜଣ ପିଲାଙ୍କ ପାଇଁ ଜଣେ ଶିକ୍ଷକ ରହିଥିବା ବେଳେ ପ୍ରାଥମିକ ସ୍ତରରେ ୧୦, ଉଚ୍ଚ ପ୍ରାଥମିକରେ ୧୪ ଓ ମାଧ୍ୟମିକ ସ୍ତରରେ ୨୨ଜଣ ବିଦ୍ୟାର୍ଥୀଙ୍କୁ ଜଣେ ଶିକ୍ଷକ ରହିଛନ୍ତି।